ବର୍ଷ-୨୬, ସଂଖ୍ୟା-୧୨୬
ଭୁବନେଶ୍ୱର
୧୦, ମଇ, ୨୦୨୬,ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 126
Bhubaneswar
10, May, 2026,Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

## ପଶ୍ଚିମବଙ୍ଗରେ ପ୍ରଥମ ବିଜେପି ସରକାର

**କୋଲକାତା,୯।୫(ମହାଭାରତ):** କୋଲକାତାର ଐତିହାସିକ ବ୍ରିଗେଡ୍ ରେଡ୍ ଗ୍ରାଉଣ୍ଡରେ ଶନିବାର ପଶ୍ଚିମବଙ୍ଗର ପ୍ରଥମ ଭାରତୀୟ ଜନତା ପାର୍ଟି (ଭାଜପା) ସରକାରର ଶଥ ଗ୍ରହଣ ସମାରୋହ ଆୟୋଜିତ ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ସହିତ ଭାଜପା ଶାସିତ ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ନେତାମାନେ ସମାରୋହରେ ଉପସ୍ଥିତ ଥିଲେ।



ବିଜେପିପା ବିଧାୟକ ଦଳର ନେତା ଚୟନ ରେ ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ପଦର ଶଥ ନେଇଥିଲେ। ତାଙ୍କ ସହିତ ୫ଜଣ ମନ୍ତ୍ରୀ ମଧ୍ୟ ଶଥ ଗ୍ରହଣ କରିଥିଲେ। ନୂତନ ବିଜେପି ସରକାରର ପ୍ରଥମ ମନ୍ତ୍ରିପରିଷଦରେ ଉତ୍ତର ବଙ୍ଗ ଏବଂ ଦକ୍ଷିଣ ବଙ୍ଗ ଉଭୟରୁ ପ୍ରତିନିଧିତ୍ୱ ଦିଆଯାଇଛି। ମନ୍ତ୍ରିମଣ୍ଡଳରେ ଆଦିବାସୀ, ମତୁଆ ଏବଂ ରାଜବଂଶୀ ସମୁଦାୟର ନେତାମାନଙ୍କୁ ମଧ୍ୟ ସ୍ଥାନ ମିଳିଛି।

ଶୁଭେନ୍ଦୁ ଅଧିକାରୀଙ୍କ ସହିତ ଯେଉଁ ନେତାମାନେ ମନ୍ତ୍ରୀ ଦର ଶଥ ନେଲେ ସେମାନଙ୍କ ମଧ୍ୟରେ ଦିଲୀପ ଘୋଷ, ଅଗ୍ନିମିତ୍ରା ।ଲ, ଅଶୋକ କୀର୍ତନିଆ, ନିଶିଥ ପ୍ରମାଣିକ ଏବଂ ଖୁଦିରାମ ଟୁଡୁ ଅଛନ୍ତି। ତେବେ ଏର୍ଯ୍ୟନ୍ତ ବିଭାଗ ବଣ୍ଟନ ହୋଇନାହିଁ।

ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଭବାନୀପୁର ଏବଂ ନନ୍ଦିଗ୍ରାମ ଆସନରୁ ନିର୍ବାଚନ ଜିତି ବିଧାନସଭାକୁ ହଞ୍ଚିଛନ୍ତି। ଦିଲୀ ଘୋଷ ଖଡଗପୁର ସଦର, ଅଗ୍ନିମିତ୍ରା ପାଲ ଆସନସୋଲ ଦକ୍ଷିଣ, ଅଶୋକ କୀର୍ତନିଆ ବାନଗାଁ ଉତ୍ତର, ଖୁଦିରାମ ଟୁଡୁ ରାଣୀବନ୍ଧ ଏବଂ ନିଶିଥ ପ୍ରମାଣିକ ମାଥାଭାଙ୍ଗା ଆସନରୁ ଜିତିଛନ୍ତି।

ସମ୍ପୂର୍ଣ୍ଣ ମନ୍ତ୍ରିମଣ୍ଡଳ ଏର୍ଯ୍ୟନ୍ତ ଗଠନ ହୋଇନାହିଁ। ଆଶା କରାଯାଉଛି ଶୀଘ୍ର ଶୁଭେନ୍ଦୁ ତାଙ୍କ ମନ୍ତ୍ରିମଣ୍ଡଳର ସଂପ୍ରସାରଣ କରିବେ।

## ବାଲିଅନ୍ତା ହତ୍ୟା ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୫(ମହାଭାରତ):** ଶନିବାର ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଭୁବନେଶ୍ୱର ବାଲିଅନ୍ତା ଅଂଚଳରେ ହୋଇଥିବା ଭିଡ଼ ହତ୍ୟା ବା ମବ୍ ଲିଂଚିଙ୍ଗ୍ ଘଟଣା ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଘଟଣା ସମ୍ପର୍କରେ ସବିସ୍ତୃତ ଆଲୋଚନା କରିବା ପରେ କ୍ରାଇମ୍‌ବ୍ରାଂଚ୍ ଦ୍ୱାରା ଏହି ଘଟଣାର ସଠିକ୍ ଓ ପୁଙ୍ଖାନୁପୁଙ୍ଖ ଯାଂଚ୍ କରି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଏଭଳି ଘଟଣାର ଯେଭଳି ପୁନରାବୃତି ନ ହୁଏ, ସେଥିପାଇଁ ପୋଲିସ ମହାନିର୍ଦ୍ଦେଶକ ସତର୍କ ଓ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଥିଲେ । ରାଜ୍ୟରେ ଆଇନର ଶାସନ ପ୍ରତିଷ୍ଠା କରିବା ପାଇଁ ପୋଲିସ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଛେ, ଅତିରିକ୍ତ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ସଞ୍ଜୟ କୁମାର, ଏ.ଡି.ଜି କ୍ରାଇମବ୍ରାଂଚ୍



ବିନୟତୋଷ ମିଶ୍ର, ପୋଲିସ କମିଶନର ଏସ. ଦେବଦତ ସିଂହ ଏବଂ ଡ଼ି.ସି.ପି ଜଗମୋହନ ମୀନା ପ୍ରମୁଖ ଉପସ୍ଥିତ ଥିଲେ।

ଆଜି ଏହି ଘଟଣାରେ ସୌମ୍ୟଙ୍କ ସାଙ୍ଗ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ସୌମ୍ୟକୁ ବାତ ମାରିବାରି ସେ ମୋ ବେକକୁ ଧରି ପକାଇଥିଲେ। ଫଳରେ ମୁଁ ଅଣନିଃଶ୍ୱାସୀ ହୋଇଯାଇଥିଲି। ମୁଁ ଗାଡି ହ୍ୟାଣ୍ଡେଲ ଛାଡି ଦେଇ ତାଙ୍କ ହାତକୁ ଭିଡି ଦେଇଥିଲି। ତା' ମଧ୍ୟରେ ଗାଡି ନିୟନ୍ତ୍ରଣ ହରାଇ ସେହି ବାଟ ଦେଇ ଯାଉଥିବା ଦୁଇ ଝିଅଙ୍କ ସ୍କୁଟିରେ ପିଟି ହୋଇଥିଲା। ଫଳରେ ଆମେ ସମସ୍ତେ ପଡିଗଲୁ। ପଡିଯିବା ପରେ ସେ ଉଠିପଡି ସିଧା ସେହି ଦୁଇ ଝିଅଙ୍କ ଉପରକୁ ଡେଇଁ ପଡିଥିଲେ। ସେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ମୁଁ ତାଙ୍କୁ ଭିଡି ଆଣିଥିଲି। କିନ୍ତୁ ସେ ମୋତେ ବି ଗାଳି କରିଥିଲେ। ପାଗଳଙ୍କ ଭଳି ହୋଇ 'ତୁ କ'ଣ ମୋତେ ରୋକିବୁ' କହି ଚିତ୍କାର କରିଥିଲେ। ତା' ସହିତ ସେ ମୋତେ ପିଟି ଥିଲେ। ସେ ମୋତେ ପିଟିବା ଭିତରେ ତାଙ୍କ ହାତ ମୋ ଆଖିରେ ବାଜିଥିଲା। ମୁଁ ମୋ ଆଖିକୁ ମଳିବା ଭିତରେ ସେ ପୁଣି ସେହି ଝିଅଙ୍କୁ ଆକ୍ରମଣ କରିଥିଲେ। ସେତିକି ବେଳେ ସେଠାରେ ପହଞ୍ଚିଥିବା ୪/୫ ଜଣ ଲୋକ ତାଙ୍କୁ ବାଡେଇବା ପାଇଁ ଆଗେଇ ଆସିଥିଲେ। ତାଙ୍କୁ ସେମାନେ ଗୋଇଠା ମାରିବା ପରେ ସେ ନିକଟରେ ଥିବା ବିଲକୁ ଦୌଡି ପଳାଇଥିଲେ।

ସେ କହିଛନ୍ତି, ରାସ୍ତାରୁ ପ୍ରାୟ ୪୦୦/୫୦୦ ମିଟର ଦୂରକୁ ସୌମ୍ୟ ଦୌଡି ଯାଇଥିଲେ। ତା'ପରେ ମୁହଁମାଡି ତଳେ ପଡି ଯାଇଥିଲେ। ସେତେବେଳକୁ ୧୮/୧୯ ଲୋକ ମୋତେ ଘେରିଗଲେ। କିନ୍ତୁ ସେଠାରେ ପ୍ରାରମ୍ଭରୁ ଥିବା ୫/୬ ଲୋକ ମୋର କିଛି ଦୋଷ ନାହିଁ ବୋଲି ସେମାନଙ୍କୁ କହିଥିଲେ। ତା'ପରେ ସମସ୍ତେ ବିଲକୁ ଦୌଡି ଥିଲେ। ମୁଁ ରାସ୍ତା ଉପରେ ଛିଡା ହୋଇଥିଲି। ସେ ଝିଅମାନଙ୍କୁ କିଏ ଆସିକି ନେଲେ, ମୋର ନଜର ନଥିଲା। କିଛି ଲୋକ ମୋତେ ବି ସେଠାକୁ ଡାକି ନେଲେ। ୧୦/୧୫ ମିନିଟ୍ ପରେ ମୋତେ ସେଠାକୁ ନେଇ ଯାଇଥିଲେ। ମୁଁ ପହଞ୍ଚିଲା ବେଳକୁ ତାଙ୍କ (ସୌମ୍ୟଙ୍କ) ହାତଗୋଡକୁ ସେମାନେ ବାନ୍ଧୁଥିଲେ। ସେଠାରେ ଉପସ୍ଥିତ ଲୋକେ ମୋତେ ଦେଖି ଚିହ୍ନିକି ଗଲେ। ମୋତେ ଗାଳିଗୁଲଜ କରିବା ସହିତ ବାଡ ?ଇବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଘଟଣାକୁ ପ୍ରାରମ୍ଭରୁ ଦେଖି ଥିବା ୫/୬ ଜଣ ଲୋକ ମୋତେ ରକ୍ଷା କରିଥିଲେ। ମୋର କିଛି ଦୋଷ ନାହିଁ ବୋଲି ସେମାନେ କହିଥିଲେ। ସେମାନେ କହିଥିଲେ ତା'ର (ସୌମ୍ୟଙ୍କର) ସବୁ ଦୋଷ। ପିସିଆରକୁ ଡାକ। ପିସିଆର ସାଥିରେ ମୋତେ ବି ପଠାଇ ଦେବାକୁ ସେମାନେ କହିଥିଲେ। ତା'ପରେ ପିସିଆରକୁ ଡକା ହେଲା।ଓମ୍ କହିଛନ୍ତି, ପିସିଆର ଆସିଲେ। ଦୁଇ ଜଣ ପୁରୁଷ ଓ ଜଣେ ମହିଳା ଆସିଥିଲେ। ସେମାନେ ୟୁନିଫର୍ମରେ ଆସିଥିଲେ। ସେମାନେ ଆସି ଲେଖାପଢ଼ା କଲେ। ମୋତେ ପଚରାଉଚରା କରି ସବୁ ଲେଖିଥିଲେ। କିନ୍ତୁ ତା' ଭିତରେ ଲୋକେ ସୌମ୍ୟଙ୍କୁ ପିଟି ଚାଲିଥିଲେ। ପୁଲିସ ଉପସ୍ଥିତିରେ ଲୋକେ ତାଙ୍କୁ ପିଟି ଚାଲିଥିଲେ। ପିସିଆର ଏସ୍‌ଆଇଙ୍କୁ ଡକାଇଥିଲା। ସେ ବିନା ୟୁନିଫର୍ମରେ ଆସିଥିଲେ। ମୁଁ ଯେତିକି ଜାଣିଛି ତାଙ୍କ ନାଁ ଅରୂପ। ଏସ୍‌ଆଇ ସାର ବିନା ୟୁନିଫର୍ମରେ ଆସି ଲୋକମାନଙ୍କୁ ଅଟକାଇଥିଲେ। କିନ୍ତୁ ସେତେବେଳେ ବି ଲୋକେ ସୌମ୍ୟଙ୍କୁ ବାଡେଇଛନ୍ତି। ଲୋକେ ଓଲଟି ଏସ୍‌ଆଇଙ୍କୁ କହିଥିଲେ- ତୁ କିଏ ରୋକିବା ପାଇଁ ତୋ କଥା ଆମେ କାହିଁକି ମାନିବୁ ବିନା ୟୁନିଫର୍ମରେ ଥିବା ଲୋକେ ତାଙ୍କୁ ବିଶ୍ୱାସ କଲେନି। ସୌମ୍ୟଙ୍କୁ ଟେକି ନେଇ ଯିବାକୁ ଏସ୍‌ଆଇ ସେଠାରେ ଉପସ୍ଥିତ ତାଙ୍କର କିଛି ଚିହ୍ନା ପରିଚିତ ଲୋକଙ୍କୁ କହିଥିଲେ। ସେତେବେଳେ ସେ ଛଟପଟ ହେଲା। ପୂର୍ବରୁ ତାଙ୍କ ହାତଗୋଡ ବାନ୍ଧି ଦେଇଥିବା ବେଳେ ପରେ ଏକ ବାଉଁଶ ଆଣି ସେଥିରେ ତାଙ୍କୁ ଝୁଲାଇ ଦେଇଥିଲେ।

## ଚକ-ଅଖ ଢ଼େରା ନୀତି ସମ୍ପନ୍ନ

**ପୁରୀ,୯।୫(ମହାଭାରତ):** ରଥଖଳାରେ ଶନିବାର ଅପରାହ୍ନରେ ପ୍ରତି ରଥର ଦୁଇଟି ଚକ ସହ ଅଖ ସଂଯୋଗ କରାଯାଇ ଡେରା ଯାଇଛି। ରଥ ସଂହିତା ଅନୁଯାୟୀ, ଶ୍ରୀକ୍ଷେତ୍ର ଭଉଁରୀ ଦିନ ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଥାଏ । ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ ମଣି ବିମାନରେ ନରେନ୍ଦ୍ରକୁ ଯାତ୍ରା କରିବା ସମୟରେ ରଥଖଳା ଠାରେ ଆଜ୍ଞାମାଳ ପ୍ରଦାନ କରିବା ପରେ ନିର୍ମାଣକାରୀ ରଥ ସେବକମାନେ ଚକ-ଅଖ ଡେରା ନୀତି ସମ୍ପନ୍ନ କରିଥିଲେ । ରଥ ନିର୍ମାଣ କାର୍ଯ୍ୟରେ ପ୍ରଥମ ଦଫାରେ ଚକ-ଅଖ ଡେରାଯାଇଛି। ନନ୍ଦିଘୋଷ ରଥର ୧୬ ଚକ ୮ ଅଖ, ତାଳଧ୍ୱଜ ରଥର ୧୪ ଚକ ୭ ଅଖ ଏବଂ ଦର୍ପଦଳନ ରଥର ୧୨ ଚକ ୬ ଅଖ ସଂଯୋଗ କରାଯାଇ ଠିଆ କରାଯିବ । ଏହା ପରେ ପରେ ରଥ ନିର୍ମାଣର ଅନ୍ୟାନ୍ୟ ପର୍ଯ୍ୟାୟ ଚାଲୁ ରହିବ।


### *ଆଦିବାସୀଙ୍କ ନାଁରେ ଆବାସ ଟଙ୍କା ହଡ଼ପ ମାମଲା*

## ୭ ଦିନରେ ହେବ କାର୍ଯ୍ୟାନୁଷ୍ଠାନ : ମନ୍ତ୍ରୀ

**ଭୁବନେଶ୍ୱର,୯।୫(ମହାଭାରତ):** ଆଦିବାସୀଙ୍କ ନାଁରେ ଆବାସ ଟଙ୍କା ହଡ଼ପ ଅଭିଯୋଗ ଆସିବା ପରେ ପଂଚାୟତିରାଜ ମନ୍ତ୍ରୀ ରବି ନାଏକ ଆଠଗଡ଼ ଦମ୍ପତିପୁର ଗାଁରେ ପହଂଚି ସ୍ଥିତି ପରଖିଛନ୍ତି। ସ୍ଥିତି ପରଖିବା ପରେ ପଂଚାୟତିରାଜ ମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମନ୍ତ୍ରୀ କହିଛନ୍ତି ଯେ ଆଠଗଡ଼ ବ୍ଲକ୍ ଅଧକ୍ଷଙ୍କ କର୍ତ୍ତୃତ୍ୱରେ ଏ ସବୁ ହୋଇଛି। ଏଠାକାର ଲୋକେ ଗୁହାଳ ଘରେ ରହୁଥିବା ଭଳି ବୋଲି ମନେହେଉଛି। ଏମାନଙ୍କୁ ଯିଏ ଧୋକା ଦେଇଛି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ, କାହାରିକୁ ଛଡ଼ାଯିବନି। ଆଇନର ଶେଷ ସୀମା ଯାଏଁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ସେହିପରି ଆବାସ ନାଁରେ ଧୋକା ପାଇଥିବା ଲୋକେ ସ୍ୱତନ୍ତ୍ର ଯୋଜନାରେ ଥଇଥାନ ହେବେ। ବିଗତ ସରକାରରେ ନିରୀହ ଆଦିବାସୀଙ୍କୁ ଧୋକା ଦିଆଯାଇଛି। ଏମାନଙ୍କ ନାଁରେ ଟଙ୍କା ଉଠିଛି, ଯାହାର ସବୁ ଦସ୍ତାବିଜ୍ ରହିଛି। କିନ୍ତୁ ଏମାନଙ୍କୁ ଘର ଦିଆଯାଇ ନାହିଁ କି ଟଙ୍କା ପାଇନାହାନ୍ତି।

## ପ୍ରତିଷ୍ଠା ହେବ ୭ ମହିଳା ଫାଷ୍ଟଟ୍ରାକ କୋର୍ଟ

**ଭୁବନେଶ୍ୱର,୯।୫(ମହାଭାରତ):** ରାଜ୍ୟ, ଦେଶ ତଥା ବିଶ୍ୱ ଦୃଷ୍ଟିକୋଣରୁ ଅବଲୋକନ କଲେ ଜନସଂଖ୍ୟା ସହ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଘଟୁଛି । ବର୍ତ୍ତମାନ ଜନସଂଖ୍ୟା ଦୃଷ୍ଟିରୁ ରାଜ୍ୟ ତଥା ଦେଶରେ ଯୁବପିଢ଼ିଙ୍କ ସଂଖ୍ୟା ସମୁଦାୟ ଲୋକସଂଖ୍ୟାର ୫୦ ଭାଗରୁ ଅଧିକ ରହିଛି । ତେବେ ଆଗାମୀ ଦିନରେ ଏହି ସଂଖ୍ୟାରେ ପରିବର୍ତ୍ତନ ସହ ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଯାଉଛି । ଏଣୁ ଆମକୁ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।




ଶନିବାରି ଆଇନ ବିଭାଗ ଓ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍ଏଫ୍‌ପିଏ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ 'ଜନସାଂଖ୍ୟିକ ପରିବର୍ତ୍ତନ ଓ ଆଇନ ବ୍ୟବସ୍ଥା: ଉଦୟମାନ ମାନବୀୟ ଭବିଷ୍ୟତ ପାଇଁ ପ୍ରସ୍ତୁତି' ଶୀର୍ଷକ କର୍ମଶାଳାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ନେଇ ଆମ ବିଧି ବ୍ୟବସ୍ଥାରେ ଅନେକ ସୁଧାର ଆଣିବାକୁ ପଡ଼ିବ । ଏଥି ପାଇଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତା, ୬୨ ଜନଜାତି ସମୁଦାୟ, ୧୩ଟି ପିଭିଟିଜି ବର୍ଗଙ୍କ ସ୍ଥିତିକୁ ନଜରକୁ ନେବାକୁ ପଡ଼ିବ । ତେଣୁ ଜନସଂଖ୍ୟା ଦୃଷ୍ଟିରୁ ସବୁ ଜିଲ୍ଲା, ସବୁ ଅଂଚଳ ଏବଂ ସବୁ ସମୁଦାୟଙ୍କୁ ଅନୁଶୀଳନ କରି ଯୋଜନା ପ୍ରସ୍ତୁତି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନୀୟ ଭାଷାରେ ନିଜ ଅଧିକାର ସହ ଆଇନଗତ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଯୁବକୈନ୍ଦ୍ରିକ ନୀତି ପ୍ରଣୟନ ଉପରେ ସରକାର ବିଚାର କରୁଛନ୍ତି । ଅନ୍ୟ ପକ୍ଷରେ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ୭ଟି ମହିଳା ଫାଷ୍ଟ ଟ୍ରାକ୍ କୋର୍ଟ ସହ ସାଇବର ଅପରାଧକୁ ରୋକିବା ଏବଂ ତୁରନ୍ତ ଦଣ୍ଡବିଧାନ ନିମିତ ରାଜ୍ୟରେ ୫ଟି ସ୍ୱତନ୍ତ୍ର ସାଇବର କୋର୍ଟ ଖୋଲିବା ନେଇ ରାଜ୍ୟ ସରକାର ବିଚାର କରୁଛନ୍ତି । ତେଣୁ କେବଳ ଅର୍ଥନୈତିକ ବିକାଶ ନୁହେଁ, ବରଂ ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାର ଏକ ବିସ୍ତୃତ ରୋଡ୍ ମ୍ୟାପ୍‌କୁ ନେଇ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ଆଇନ ଆୟୋଗର ଅଧକ୍ଷ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ପରିବର୍ତ୍ତିତ ସାମାଜିକ ପରିସ୍ଥିତି ସହ ଆଇନ ବ୍ୟବସ୍ଥାକୁ ଅଧିକ ଲୋକାଭିମୁଖୀ କରିବା ସହ ସଂଖ୍ୟାଗତ ହାର, ଅର୍ଥନୈତିକ ଅଭିବୃଦ୍ଧି, ସମାଧାନ ସମାରୋହ ମାଧ୍ୟମରେ ସମସ୍ୟାର ସମାଧାନ ଆଦି ବିଷୟରେ ନିଜର ମତ ରଖିଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ରୋଡ୍ ନେଟ୍‌ୱାର୍କ, ପର୍ଯ୍ୟଟନ, ଆଇଟି କ୍ଷେତ୍ର, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ରାଜ୍ୟର ଅଭିବୃଦ୍ଧି ବର୍ଣ୍ଣନା କରିବା ସହ ଜନସାଂଖ୍ୟିକ ପରିବର୍ତ୍ତନ କେବଳ ଜନସଂଖ୍ୟା ନୁହେଁ, ଏହା ପରିବାର, ସାମାଜିକ ସୁରକ୍ଷା, ନ୍ୟାୟ ବ୍ୟବସ୍ଥା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ଭବିଷ୍ୟତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ ।

## ଅରାଜକତା ଆଡ଼କୁ ଗତି କରୁଛି ଓଡ଼ିଶା

**ଭୁବନେଶ୍ୱର,୯।୫(ମହାଭାରତ):** ରାଜ୍ୟରେ ଦିନକୁ ଦିନ ହିଂସାକାଣ୍ଡ ବୃଦ୍ଧି ପାଇବାରେ ଲାଗିଛି । ଗତ ୧୦ ଦିନର ଘଟଣାକୁ ଅନୁଧ୍ୟାନ କଲେ, ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ୟୁପି, ବିହାରକୁ ଟପିଗଲାଣି କହି ବିଜେପି ସରକାରକୁ କଡ଼ା ସମାଲୋଚନା କରିଛି ବିଜେଡି। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ଗତ ୧୦ ଦିନ ଭିତରେ ରାଜ୍ୟରେ ଘଟିଥିବା ହତ୍ୟା ଓ ହିଂସାକାଣ୍ଡ ଘଟଣାରୁ ସ୍ପଷ୍ଟ ପ୍ରତୀୟମାନ, ରାଜ୍ୟରେ ସତେ ଯେମିତି ଆଇନର ଶାସନ ନଥିବା ଭଳି ସାଧାରଣ ଜନତା ଅନୁଭବ କରୁଛନ୍ତି । ଢେଙ୍କାନାଳରେ ଦଳିତ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ, ହିଞ୍ଜିଳିରେ ୩ ବର୍ଷର ଝିଅ ସାମ୍ନାରେ ତାର ଗର୍ଭବତୀ ମାଆକୁ ହତ୍ୟା, କଣାସରେ ଯୁବକଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା ଉଦ୍ୟମ, ନିକଟରେ ବାଲିଅନ୍ତାରେ ଜିଆରପି କନଷ୍ଟେବଳ ସୌମ୍ୟ ସ୍ୱାଇଁଙ୍କୁ ହତ୍ୟା ଘଟଣା ସୂଚାଉଛି, ଏହି ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଡ଼ ସାମନ୍ତସିଂହାର ଆହୁରି କହିଥିଲେ ଯେ, ଗତକାଲି ମାତ୍ର ୨୦ ହଜାର ଟଙ୍କା ପାଇଁ ସେହି ବାଲିଅନ୍ତା ଅଂଚଳରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି । ଏ ସମସ୍ତ ଅପରାଧରେ ସଂଶ୍ଳିଷ୍ଟ ଥିବା ମୁଖ୍ୟ ଆସାମୀ ମାନଙ୍କୁ ଏ ପର୍ଯ୍ୟନ୍ତ ପୋଲିସ୍ ଗିରଫ କରିବାରେ ବିଫଳ ହୋଇଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଏହି ଅପରାଧୀମାନେ ସରକାରଙ୍କ ରାଜନୈତିକ ସୁରକ୍ଷା ବଳୟ ଭିତରେ ରହୁଛନ୍ତି । ଯେଉଁ ରାଜ୍ୟ ଶାନ୍ତିପ୍ରିୟ ରାଜ୍ୟ ଭାବେ ସମଗ୍ର ଭାରତବର୍ଷରେ ସୁନାମ ଅର୍ଜନ କରିଥିଲା, ବିଜେପି କ୍ଷମତାକୁ ଆସିବା ପରେ ସେହି ରାଜ୍ୟ ଅଶାନ୍ତରେ ପରିଣତ ହୋଇଛି।



## ଓଡିଶା ପୋଲିସ ଅପରାଧ ନିୟନ୍ତ୍ରଣରେ ବିଫଳ

**ଭୁବନେଶ୍ୱର,୯।୫(ମହାଭାରତ):** ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଆଜି ସର୍ବନିମ୍ନ ସ୍ତରକୁ ଚାଲି ଯାଇଛି। ସାରା ରାଜ୍ୟ ଆଜି ଅପରାଧ ପ୍ରବଣ ହୋଇପଡିଛି । ଅପରାଧୀ ମାନେ ନିର୍ଭୟରେ ଗୋଟିଏ ପରେ ଗୋଟିଏ




ଅତି ନୃଶଂସ ବର୍ବର ଓ ଅତି ଅମାନବୀୟ ହତ୍ୟା ଘଟଣା ଘଟାଉଛନ୍ତି କିନ୍ତୁ ରାଜ୍ୟ ପୋଲିସ ଓ ରାଜ୍ୟ ସରକାର ଅପରାଧୀଙ୍କୁ ନିୟନ୍ତ୍ରଣ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଆଜି ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ ଅଭିଯୋଗ କରିଛନ୍ତି । ସାଧାରଣ ଲୋକ ଭୟରେ ବାହାରକୁ ଯିବାକୁ ଚାହୁଁନାହାନ୍ତି। ପୁଲିସ କମିଶନରଙ୍କ ନାକନିଶ ତଳେ ଜଘନ୍ୟ ଅପରାଧ ଘଟୁଛି କିନ୍ତୁ ଅପରାଧ ଘଟୁଥିବା ସ୍ଥାନରେ ପୋଲିସ ର ଦେଖାମିଳୁନାହିଁ। ଏହା ଅତ୍ୟନ୍ତ ଉଦବେଗ ର ବିଷୟ। ଏଥିପାଇଁ ଏ ଅପାରଗ ସରକାର ସଂପୂର୍ଣ୍ଣ ଦାୟୀ ସେ କହିଛନ୍ତି। କଂଗ୍ରେସ ର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ଏ ରାଜ୍ୟ ର ପୋଲିସ ପ୍ରଶାସନରପ୍ରାଥମିକ ଦାୟିତ୍ୱ ଜନସାଧାରଣଙ୍କୁ ସୁରକ୍ଷା ଦେବା କିନ୍ତୁ ଆଜି ପୋଲିସ ପ୍ରଶାସନ ଅପରାଧୀ ଓ ଅପରାଧୀତତ୍ୱ ମାନଙ୍କୁ ସୁରକ୍ଷା ଦେବାରେ ବ୍ୟସ୍ତ। ଗତ ତିନିଦିନ ତଳେ ବାଲିଅନ୍ତାରେ ପୋଲିସ କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁ ଙ୍କୁ ଯେଉଁଭଳି ଭାବରେ ପିଟି ପିଟି ମା ଏଭଳି ଭିଡହିଂସାରେ ସାରା ରାଜ୍ୟରେ ବହୁ ନିରିହ ଜୀବନ ଗଲାଣି । ବାଲେଶ୍ୱର ଜିଲ୍ଲାରେ ଗୋଚାଲାଣ କାରବାର ଆରୋପ ଲଗାଇ ଜଣେ ମୁସଲିମ ଯୁବକଙ୍କୁ ପିଟି ପିଟି ମାରିଦିଆଗଲା, ମୟୁରଭଞ୍ଜ ଜିଲ୍ଲା ଢେଙ୍କାନା. ଗଞ୍ଜାମ ,ପୁରୀ ଜିଲ୍ଲାର କଣାସ ଓ ସମ୍ବଲପୁର ଭଳି ଅନେକ ଜିଲ୍ଲାରେ ଏଭଳି ଘଟଣା ଘଟୁଛି ଓ ଲୋକଙ୍କୁ ମାରିଦିଆଯାଉଛି। ୨୦୨୪ ଏନସିଆରବି ରିର୍ପୋଟର ତଥ୍ୟ ଅନୁସାରେ ଓଡିଶା ଆଜି ଭାରତବର୍ଷର ପ୍ରଥମ ରାଜ୍ୟ ଯେଉଁଠି ସଂଗଠିତ ଅପରାଧ ମହିଳା ମାନଙ୍କପ୍ରତି ହେଉଛି ଯଥା ଦୁଷ୍କର୍ମ ଗଣଦୁଷ୍କର୍ମ, ହତ୍ୟ ଓ ଅପହରଣ । ରାଜ୍ୟରେ ଏକ ଲକ୍ଷ ମହିଳାଙ୍କ ମଧ୍ୟର ୧୬୧. ୬ ଜଣଙ୍କ ଉପରେ ଏଭଳି ଅପରାଧ ଘଟୁଛି ବୋଲି ଏହି ରିର୍ପୋଟରୁ ପ୍ରକାଶ ।

## ୨୯ ସହରାଞ୍ଚଳରେ ୧୦୦% ଜଳ ଯୋଗାଣ ସୁନିଶ୍ଚିତ

**ଭୁବନେଶ୍ୱର,୯।୫(ମହାଭାରତ):** ଓଡ଼ିଶା ଜଳ ନିଗମ (ୱାଟକୋ) ସହରାଂଚଳ ନାଗରିକ ସେବା କ୍ଷେତ୍ରରେ ଏକ ଐତିହାସିକ ମାଇଲଷ୍ଟୋନ୍ ଅର୍ଜନ କରିଛି। ନିଗମ ନିଜ ଅଧୀନରେ ଥିବା ସମସ୍ତ ୨୯ଟି ସହରାଂଚଳରେ ଶତପ୍ରତିଶତ ଘରୋଇ ପାଇପ୍ ଜଳ ସଂଯୋଗ ସୁନିଶ୍ଚିତ କରି ସାର୍ବଜନୀନ ଜଳ ଯୋଗାଣ ଲକ୍ଷ୍ୟ ପୂରଣ କରିଛି। ଏହି ସଫଳତା ସହ ରାଜ୍ୟର ସହରାଂଚଳ ଜଳ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ସ୍ଥାନ ସୁଦୃଢ଼ କରିଛି। ନିକଟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ୱାଟକୋର ଏହି ସଫଳତା ସହିତ ଆଗାମୀ ଜଳ ଓ ସ୍ୱେରେଜ୍ ଭିତିଭୂମି ବିକାଶ ରୋଡମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

୨୦୨୬ ମାର୍ଚ୍ଚ ସୁଦ୍ଧା ୱାଟକୋ ପ୍ରାୟ ୭,୬୩,୦୮୨ଟି ଘରୋଇ ସଂଯୋଗ ମାଧ୍ୟମରେ ୪.୯୧ ନିୟୁତରୁ ଅଧିକ ସହରବାସୀଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଆସୁଛି। "ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍" ଅଭିଯାନ ଏହି ପ୍ରୟାସକୁ ଅଧିକ ଗତିଶୀଳ କରିଛି। ବର୍ତ୍ତମାନ ୧୧ଟି ସହରାଂଚଳରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସଫଳତାର ସହ ଚାଲିଥିବାବେଳେ, ଅନ୍ୟ ୧୭ଟି ସହରରେ ଏହାର ସମ୍ପ୍ରସାରଣ କାର୍ଯ୍ୟ ଜୋରଦାର ଭାବେ ଅଗ୍ରସର ହେଉଛି।



ୱାଟକୋର ବର୍ତ୍ତମାନ ମୋଟ ଜଳ ଯୋଗାଣ କ୍ଷମତା ୯୮୮.୮୯ ଏମ୍ ଏଲ୍ ଡିରେ ପହଂଚିଥିବାବେଳେ ସହରାଂଚଳର ବର୍ତ୍ତମାନ ଚାହିଦା ୭୦୦.୬୭ ଏମ୍ ଏଲ୍ ଡି ରହିଛି। ଏହି ଅତିରିକ୍ତ କ୍ଷମତା ଆଗାମୀ ଦିନରେ ରାଜ୍ୟର ଦୀର୍ଘମିଆଦି ଜଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ। ୨୦୨୫-୨୬ ଆର୍ଥିକ ବର୍ଷରେ ୱାଟକୋ ନିଜର ୯୧୨ କୋଟି ଟଙ୍କାର ବଜେଟକୁ ଶତପ୍ରତିଶତ ବ୍ୟୟ କରିଥିବା ସହିତ ଅମୃତ ଏବଂ ଓଏମବିଏଡିସି ପରି ଯୋଜନା ମାଧ୍ୟମରେ ଅତିରିକ୍ତ ୫୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ କରି ଜଳ ଭିତିଭୂମିକୁ ସୁଦୃଢ଼ କରିଛି। ଏହି ଧାରାକୁ ଜାରି ରଖି ୨୦୨୬-୨୭ ପାଇଁ ୯୨୦ କୋଟି ଟଙ୍କାର ଏକ ମହତ୍ୱାକାଂକ୍ଷୀ କାର୍ଯ୍ୟଯୋଜନା ପ୍ରସ୍ତୁତ ହୋଇଛି, ଯେଉଁଥିରେ ସ୍ୱେରେଜ୍ ଭିତିଭୂମି ବିକାଶ ପାଇଁ ୨୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

ଗତ ଏକ ବର୍ଷ ମଧ୍ୟରେ ୱାଟକୋ ୩ଟି ନୂତନ ଜଳ ବିଶୋଧନ ପ୍ଲାଂଟ ଓ ୫୮ଟି ଉଚ୍ଚକ୍ଷମତାସମ୍ପନ୍ନ ଜଳାଶୟ ନିର୍ମାଣ କରିଛି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୨,୬୫୮.୪୭ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଅବସ୍ଥାରେ ରହିଛି। ଏଥିରେ ଭୁବନେଶ୍ୱର ପାଇଁ ୧୩୦ ଏମ୍ ଏଲ୍ ଡି କ୍ଷମତା ବିଶିଷ୍ଟ ବୃହତ୍ ଜଳ ବିଶୋଧନ ପ୍ଲାଂଟ ଏବଂ ସହରର ବସ୍ତି ଓ ଅଣ-ବସ୍ତି ଅଂଚଳରେ ସ୍ୱେରେଜ୍ ନେଟ୍‌ୱାର୍କ ସମ୍ପ୍ରସାରଣ ପରି ପ୍ରକଳ୍ପ ଅନ୍ତର୍ଭୁକ୍ତ ଅଛି।

ଆଗାମୀ ପର୍ଯ୍ୟାୟରେ ୱାଟକୋ ୬,୧୨୯ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବୃହତ୍ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ସେଥିରେ ସମ୍ବଲପୁର ପାଇଁ ୧,୬୮୨ କୋଟି ଟଙ୍କା ଓ ବାରିପଦା ପାଇଁ ୮୩୦.୯୭ କୋଟି ଟଙ୍କାର ସ୍ୱେରେଜ୍ ପ୍ରକଳ୍ପ ବିଶେଷ ଗୁରୁତ୍ୱ ବହନ କରୁଛି।

ଡିଜିଟାଲ୍ ଓ ସ୍ମାର୍ଟ ଜଳ ପରିଚାଳନାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଭୁବନେଶ୍ୱର, ପୁରୀ, କଟକ, ରାଉରକେଲା ଓ ବ୍ରହ୍ମପୁରରେ ୫୦ ହଜାର ସ୍ମାର୍ଟ ୱାଟର ମିଟର ସ୍ଥାପନ କାର୍ଯ୍ୟ ଚାଲିଛି। ଏହାଦ୍ୱାରା ବିଲିଂ ବ୍ୟବସ୍ଥା, ଜଳ ବ୍ୟବହାର ନିରୀକ୍ଷଣ ଓ ସମ୍ବଳ ପରିଚାଳନାରେ ଆଧୁନିକତା ଆସିବ। ଜଳର ଗୁଣବତା ଓ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ୱାଟକୋ ରାଜ୍ୟରେ ୧୪ଟି ଆଧୁନିକ ପରୀକ୍ଷାଗାର ପରିଚାଳନା କରୁଛି। ଏହା ସହ ଆଇଆଇଟି ଭୁବନେଶ୍ୱର ସହ ବୈଷୟିକ ସହଯୋଗ ମାଧ୍ୟମରେ ଜଳ ପରିଚାଳନାରେ ନୂତନ ପ୍ରଯୁକ୍ତିର ପ୍ରୟୋଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି।



# ଜୀବନଚର୍ଯ୍ୟା





## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:** ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇଲ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।

### ଖବର

## ଗୋଟାଏ ସିନେମାରେ ତିନି ପିଢ଼ି



ଗତକାଲି ରିଲିଜ୍ ହୋଇଥିବା 'ଦାଦୀ କି ଶାଦୀ'ରେ ଏକାବେଳକେ କପୁର ପରିବାରର ତିନି ପିଢ଼ିଙ୍କୁ ଦେଖିବାକୁ ମିଳିଛି। ଦାଦି ଭୂମିକାରେ ଋଷି କପୁରଙ୍କ ପତ୍ନୀ ନିତୁ କପୁର୍ ଅଭିନୟ କରିଥିବା ବେଳେ ମୁଖ୍ୟ ଭୂମିକାରେ ଅଛନ୍ତି ଝିଅ ରିଦ୍ଧିମା। ତେବେ ଖୁବ୍ ସ୍ୱଳ୍ପ ସମୟ ପାଇଁ ହେଲେ ବି ରିଦ୍ଧିମାଙ୍କ ଝିଅ ସମାରା ପରଦାକୁ ଆସିଛନ୍ତି। ଯଦିଓ ସମାରାଙ୍କ ଉପସ୍ଥିତି ସିନେମାରେ ଖୁବ୍ ସଂକ୍ଷିପ୍ତ, ତଥାପି ତାଙ୍କ ଡେବ୍ୟୁ ବଲିଉଡ୍ ପାଇଁ ଏକ ନୂଆ ଆଶା ସୃଷ୍ଟି କରିଛି।ଚଳଚ୍ଚିତ୍ରଟି ପାରିବାରିକ କାହାଣୀ ଆଧାରିତ ଏକ କମେଡି। ଯେଉଁଠାରେ ଜଣେ ବୃଦ୍ଧାଙ୍କ ବିବାହକୁ କେନ୍ଦ୍ର କରି ଅନେକ ରୋମା□କର ଓ ହାସ୍ୟରୋଳ ସୃଷ୍ଟିକାରୀ ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି। ଏହି ଫିଲ୍ମରେ ପ୍ରସିଦ୍ଧ କମେଡିଆନ୍ ତଥା ଅଭିନେତା କପିଲ୍ ଶର୍ମାଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଛି। ଏକ ଗୀତରେ ସମାରାଙ୍କ ନୃତ୍ୟାଭିନୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛ।

## ଆଖି ତଳ କଳାଦାଗର ଉପଚାର



ଶୀତଦିନିଆ ଥଣ୍ଡା ପରିବେଶ କାରଣରୁ କେତେଜଣଙ୍କର ଆଖି ତଳ କଳାଦାଗ ସମସ୍ୟା ବଢ଼େ। ଏଥିରୁ ରକ୍ଷା ପାଇବାକୁ କେତୋଟି ସରଳ ଘରୋଇ ଉପଚାର:

- ବାଦାମ ତେଲ ୧ଚାମଚ ଓ ଲେମ୍ବୁ ରସ ଅଧ ଚାମଚକୁ ମିଶାଇ ତୁଳାରେ ନେଇ ଆଖି ତଳ କଳାଦାଗରେ ଲଗାଇ ୨ମିନିଟ୍ ମାଲିସ୍ କରନ୍ତୁ। ରାତିରେ ଏଇ ପ୍ୟାକ୍ ଲଗାଇ ଶୋଇବା ଭଲ। ସପ୍ତାହେ କରିବା ପରେ ଫରକ୍ ଜାଣିପାରିବେ।
- କଞ୍ଚା ଖିରରେ ଭିଟାମିନ୍ ଇ ମିଶାଇ ଆଖି ଚାରିପାଖେ ମାଲିସ୍ କରନ୍ତୁ। ସ୍ନାନ ପୂର୍ବରୁ ଏହି ପ୍ୟାକ୍ ଲଗାନ୍ତୁ। ଆଖି ତଳ କଳାଦାଗ ଦୂର ହେବା ପରେ ମଧ୍ୟ ଏଇ ପ୍ୟାକ୍ ଲଗାଇଲେ ଆଖି ବିନ୍ଧା ସମସ୍ୟା ଦୂର ହୁଏ।
- କାକୁଡ଼ି ଓ ଟମାଟୋ ରସ ସମପରିମାଣରେ ମିଶାଇ ଆଖି ତଳ କଳାଦାଗରେ ଲଗାଇବା ଭଲ। ପ୍ରତିଦିନ ଏଇ ପ୍ୟାକ୍ ଲଗାଇଲେ ଶୀଘ୍ର ଫରକ୍ ଜାଣିପାରିବେ।

## ନାରଦ ପୁରାଣ: ଛାତ୍ରଛାତ୍ରୀମାନଙ୍କୁ ମହର୍ଷିଙ୍କ ଉପଦେଶ



ନାରଦ ଜଣେ ପରମ ଜ୍ଞାନୀ। ସେ ଭଗବାନ ବିଷ୍ଣୁଙ୍କର ଅନନ୍ୟ ଭକ୍ତ ମଧ୍ୟ । ମହର୍ଷି ନାରଦ ଏକ ପୁରାଣ ରଚନା କରିଥିଲେ। ଯାହା ଭାରତୀୟଙ୍କ ଲାଗି ଆଜି ବି ଅମୂଲ୍ୟ ସମ୍ପଦ ହୋଇ ରହିଛି। ପୁରାଣରେ ନାରଦ ଗଣିତ, ଜ୍ୟୋତିଷ ସମେତ ବ୍ୟବହାରିକ ବିଷୟରେ ଅନେକ ସୂତ୍ର ଦେଇଯାଇଛନ୍ତି ଯାହା ମଣିଷ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉପଯୋଗୀ ହେଉଛି। ଏଣୁ ନାରଦଙ୍କ ମନ୍ତ୍ର ଛାତ୍ରଛାତ୍ରୀଙ୍କ ଲାଗି ମଧ୍ୟ ଅନେକ ଉପଯୋଗୀ। ତେବେ ସେମାନେ ନିଜକୁ ପୁରାଣ ଅନୁସାରେ ପ୍ରସ୍ତୁତ କରିବାକୁ ପଡିବ। ତେବେ ଆସନ୍ତୁ ଜାଣିବା ପୁରାଣରେ ଛାତ୍ରଛାତ୍ରୀଙ୍କ ଲାଗି କ'ଣ ପରାମର୍ଶ ଦେଇଛନ୍ତି ମହର୍ଷି ନାରଦ।

ପିମ୍ପୁଡିକୁ ଅନୁକରଣ କରିବା ଲାଗି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଯାଇଛନ୍ତି ମହର୍ଷି ନାରଦ। ପିମ୍ପୁଡି ଯେପରି ପ୍ରତିଦିନ ଅଳ୍ପଅଳ୍ପ କରି ଖାଦ୍ୟ ସଞ୍ଚୟ କରେ ଠିକ୍ ସେହିପରି ବିଦ୍ୟାର୍ଥୀ ନିୟମିତ କରୁଥିବା ଅଧ୍ୟୟନର ଅଭ୍ୟାସ କରିବା ଉଚିତ। ଯେପରି ତାହା ସେମାନେ ମନେ ରଖି ପାରିବା ସହ ଜୀବନର ଯେ କୌଣସି ସ୍ଥାନରେ ଆବଶ୍ୟକ ପଡିଲେ ତାର ପ୍ରୟୋଗ କରିପାରିବେ। ସେହିପରି ହଂସ ଓ ଗରୁଡଙ୍କୁ ଭଳି ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ନାରଦ।

ହଂସ ଓ ଗରୁଡ ଖାଦ୍ୟ ସଂଗ୍ରହ ଲାଗି ଖୁବ ଦୂର ପର୍ଯ୍ୟନ୍ତ ଉଡିଯାଆନ୍ତି। ଠିକ୍ ସେହିପରି ବିଦ୍ୟାର୍ଜନ ନିମନ୍ତେ ଯେଉଁଠାକୁ ବି ଯିବାକୁ ପଡେ ସେଠାକୁ ଯିବା ଲାଗି ଛାତ୍ରଛାତ୍ରୀ ମନରେ ସାହାସ ରଖିବା ଦରକାର ବୋଲି ନାରଦ ପୁରାଣରେ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ନାରଦ ଜିହ୍ୱା ଉପରେ ସଞ୍ଜମତା ଆଚରଣ ଲାଗି ମଧ୍ୟ ପରାମର୍ଶ ଦେଇଛନ୍ତି। ନିଜର ବାଣୀ ଓ ଖାଦ୍ୟ ପେୟ ପ୍ରତି ସଞ୍ଜମତା ଏହାର ମୂଳ ଉଦ୍ଦେଶ୍ୟ। ଛାତ୍ରଛାତ୍ରୀଙ୍କ ଲାଗି ଖାଦ୍ୟ ଓ ପାନୀୟ ସେମାନଙ୍କର ଆବଶ୍ୟକତା ହେବା ଦରକାର ଏହାଠୁ ଅଧିକ ଆଶା କରିବା ଉଚିତ ନୁହେଁ ବୋଲି କହିଛନ୍ତି ନାରଦ।

ନିଦ ଉପରେ ବିଜୟ ପ୍ରାପ୍ତ କରିବାକୁ ନାରଦ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ଯଦି ଛାତ୍ରଛାତ୍ରୀ ନିଦ୍ରାକୁ ପ୍ରାଥମିକତା ଦେବେ ତେବେ ଜ୍ଞାନ ଆହରଣ କରିପାରିବେ ନାହିଁ। ଏଣୁ ଜ୍ଞାନ ପ୍ରାପ୍ତି ଲାଗି ଛାତ୍ରଛାତ୍ରୀଙ୍କୁ ନିଦ୍ରା ପରିହାର କରିବାକୁ ପଡିବ। ସ୍ୱାସ୍ଥ୍ୟ ଲାଗି ଯେତିକି ଆବଶ୍ୟକ ସେତିକି ଶୟନ ହିଁ କରିବାକୁ ନାରଦ ପୁରାଣରେ ଉଲ୍ଲେଖ କରିଛନ୍ତି। ସେହିପରି ବିଦ୍ୟାଧ୍ୟାୟୀ ପ୍ରେମ ପ୍ରସଙ୍ଗରୁ ଦୂରରେ ରହିବା ଜରୁରୀ ବୋଲି ମଧ୍ୟ ମହର୍ଷି କହିଯାଇଛନ୍ତି। ପାଠପଢା ବେଳେ ଭାବି ଗ୍ରାହ୍ୟସ୍ଥାଶ୍ରମର ଚିନ୍ତା ନ କରି ପ୍ରଥମେ ଶିକ୍ଷାଦୀକ୍ଷା ଲକ୍ଷ ହାସଲ ହେବା ଦରକାର ବୋଲି କହିଛନ୍ତି ମହର୍ଷି।

## ଧର୍ମାତ୍ମାଙ୍କ ଘରେ ବିଷ୍ଣୁ ଓ ଲକ୍ଷ୍ମୀ ବାସ କରନ୍ତି



ବିଭୁସେନ ଉଦାର ଏବଂ ପ୍ରଜାବତ୍ସଳ ରାଜା ଥିଲେ । ସେ ରାଜ୍ୟର ଶିଳ୍ପକାରଙ୍କ ଆର୍ଥିକ ଦୁର୍ଦ୍ଦଶା ଦେଖି ଏକ ବଜାର ପ୍ରତିଷ୍ଠା କଲେ । ସେ ଘୋଷଣା କରାଇଲେ ଯେ ସନ୍ଧ୍ୟା ପର୍ଯ୍ୟନ୍ତ ଯେଉଁ କଳାକୃତି ବିକ୍ରି ହେବନି, ସେ ନିଜେ ସେହି ମୂର୍ତ୍ତି ସବୁ କିଣିନେବେ । ଦିନେ ବଜାରରେ ସବୁ ମୂର୍ତ୍ତି ବିକ୍ରି ହୋଇଗଲା । କେବଳ ଗୋଟିଏ ମୂର୍ତ୍ତି ବାକି ରହିଲା । ସେଇଟି ଥିଲା ଅଲକ୍ଷ୍ମୀଙ୍କ ମୂର୍ତ୍ତି । ଶିଳ୍ପକାର ତା'କୁ ନେଇ ରାଜାଙ୍କ ପାଖରେ ପହଞ୍ଚିଲା । ମନ୍ତ୍ରୀ ରାଜାଙ୍କ ପାଖରେ ଥିଲେ । ସେ ରାଜାଙ୍କୁ ପରାମର୍ଶ ଦେଲେ ଯେ ଅଲକ୍ଷ୍ମୀ ମୂର୍ତ୍ତି କିଣିଲେ ରାଜ ଉଆସରୁ ଲକ୍ଷ୍ମୀ ଛାଡ଼ିଯିବାର ସମ୍ଭାବନା ରହିଛି । କିନ୍ତୁ ରାଜା ନିଜ ବଚନରେ ବାନ୍ଧି ହୋଇ ରହିଥିଲେ । ଏଣୁ ସେ ମୂର୍ତ୍ତିଟିକୁ କିଣି ନେଲେ । ସାରା ଦିନର କାର୍ଯ୍ୟରୁ ନିବୃତ ହୋଇ ରାଜା ଯେତେବେଳେ ଶୋଇବାକୁ ଗଲେ ସେ କାହାର କ୍ରନ୍ଦନ ଶୁଣିବାକୁ ପାଇଲେ । ରାଜା ଦେଖିଲେ, ବେଶ୍ ମୂଲ୍ୟବାନ ବସ୍ତ୍ର-ଆଭୂଷଣ ପରିହିତା ଜଣେ ସୁସଜ୍ଜିତ ସ୍ତ୍ରୀ କାନ୍ଦୁଛନ୍ତି । ରାଜା ଏହାର କାରଣ ପଚାରିବାରୁ ସେ କହିଲେ, ମୁଁ ଲକ୍ଷ୍ମୀ । ଆଜି ଆପଣ ଅଲକ୍ଷ୍ମୀଙ୍କ ମୂର୍ତ୍ତି ଆଣି ମୋର ଅପମାନ କରିଛନ୍ତି । ଆପଣ ସେହି ମୂର୍ତ୍ତିକୁ ବାହାରକୁ ବାହାର କରି ଦିଅନ୍ତୁ । ନଚେତ୍ ମୁଁ ଏହି ଉଆସ ଛାଡ଼ି ଚାଲିଯିବି । ରାଜା କହିଲେ, ମୁଁ ସେପରି କରିପାରିବି ନାହିଁ । କାରଣ ମୁଁ ବଚନରେ ବାନ୍ଧି ହୋଇ ରହିଛି । ଏହାପରେ ଦେବୀ ଲକ୍ଷ୍ମୀ ଚାଲିଗଲେ । ରାଜା ନିଜ ଶୟନ କକ୍ଷ ଆଡ଼କୁ ଯିବା ସମୟରେ ପଛରୁ କିଏ ଡାକିବା ଭଳି ଶୁଣାଗଲା । ରାଜା ପଛକୁ ବୁଲି ଚାହିଁବାରୁ ଭଗବାନ ବିଷ୍ଣୁ ଛିଡ଼ା ହୋଇଥିଲେ । ସେ କହିଲେ, ରାଜନ୍ ଆପଣ ମୋ ପତ୍ନୀଙ୍କ ଅପମାନ କରିଛନ୍ତି । ଏଣୁ ମୁଁ ମଧ୍ୟ ଉଆସ ଛାଡ଼ି ଚାଲିଯାଉଛି । ରାଜା ଭଗବାନ ବିଷ୍ଣୁଙ୍କ କଥା ମଧ୍ୟ ଶୁଣିଲେ ନାହିଁ । ସେ ନିଜ ଶୟନ କକ୍ଷ ଆଡ଼କୁ ଫେରିବାକୁ ବାହାରନ୍ତେ ଏକ ଉଜ୍ଜ୍ୱଳ ଆଲୋକ ଦେଖାଗଲା । ରାଜା କହିଲେ, ଆପଣ ବି ରାଜଭବନ ଛାଡ଼ି ଯିବାକୁ ଚାହୁଁଥିଲେ, ଯାଇପାରନ୍ତି । କିନ୍ତୁ ଏକ ଶବ୍ଦ ଶୁଣାଗଲା-ମୁଁ ଧର୍ମରାଜ, ମୁଁ କିପରି ଏହି ଉଆସ ଛାଡ଼ିଯିବି । ସେହି ରାତିରେ ରାଜା ଏକ ସ୍ୱପ୍ନ ଦେଖିଲେ, ଲକ୍ଷ୍ମୀ ଓ ନାରାୟଣ ରାଜାଙ୍କୁ କହୁଥିଲେ ଯେଉଁଠି ଧର୍ମ ରହିଛି, ସେହିଠାରେ ଆମ ଠିକଣା ଅଛି । ରାଜା ନିଜ ବଚନବଦ୍ଧତା ଏବଂ ପ୍ରଜାକଲ୍ୟାଣ ଧର୍ମ ପାଳନ କାରଣରୁ ଆମର ହୃଦୟ ଜିଣିପାରିଛନ୍ତି । ଆମେ ପୁଣି ଥରେ ରାଜନଅରକୁ ଫେରୁଛୁ ।

## ସପ୍ତସ୍ୱର ପ୍ରଦାନକାରୀ ଦେବୀ ସରସ୍ୱତୀ



ମା' ସରସ୍ୱତୀଙ୍କୁ ବିଦ୍ୟା, ସଙ୍ଗୀତ ଏବଂ ବୁଦ୍ଧିର ଦେବୀ କୁହାଯାଏ । ସରସ୍ୱତୀ ସମସ୍ତ ସନ୍ଦେହ ନିବାରଣ କରି ବୁଦ୍ଧି ପ୍ରଦାନ କରିଥାନ୍ତି । ତାଙ୍କର ଉପାସନା ସମସ୍ତ ସିଦ୍ଧି ପ୍ରଦାନ କରିଥାଏ । ଦେବୀ ସରସ୍ୱତୀଙ୍କୁ ସଂଗୀତଶାସ୍ତ୍ରର ଅଧିଷ୍ଠାତ୍ରୀ ଦେବୀ କୁହାଯାଏ । ତାଳ, ସ୍ୱର, ଲୟ, ରାଗ-ରାଗିଣୀ ଆଦି ଦେବୀ ସରସ୍ୱତୀ ହିଁ ସଂସାରକୁ ପ୍ରଦାନ କରିଥାନ୍ତି । ସାତ ପ୍ରକାରର ସ୍ୱର ସହିତ ଦେବୀ ସରସ୍ୱତୀଙ୍କୁ ସ୍ମରଣ କରାଯାଇଥାଏ । ସେଥିପାଇଁ ଦେବୀଙ୍କୁ ସ୍ୱରାତ୍ମିକା ମଧ୍ୟ କୁହାଯାଇଥାଏ । ସପ୍ତବିଦ୍ଧ ସ୍ୱର ଜ୍ଞାନ ପ୍ରଦାନ କରୁଥିବା କାରଣରୁ ତାଙ୍କ ନାମ ସରସ୍ୱତୀ ହୋଇଛି । ବୀଣାବାଦିନୀ ସରସ୍ୱତୀ ସଂଗୀତମୟ ଜୀବନ ଜିଇଁବା ଲାଗି ପ୍ରେରଣା ପ୍ରଦାନ କରିଥାନ୍ତି। ବୀଣା ବଜାଇବା ଦ୍ୱାରା ଶରୀର ଏକପ୍ରକାର ସ୍ଥିର ହୋଇଯାଇଥାଏ । ଏଥିରେ ଶରୀରର ପ୍ରତ୍ୟେକ ଅଙ୍ଗ ସମାଧି ଅବସ୍ଥାକୁ ଚାଲିଆସିଥାଏ । ସାମବେଦର ସମସ୍ତ ବିଧି-ବିଧାନ କେବଳ ବୀଣାର ସ୍ୱର ଉପରେ ଆଧାରିତ । ସରସ୍ୱତୀ ଦେବୀ ସର୍ବଦା ଧଳାରଙ୍ଗର ବସ୍ତ୍ର ଧାରଣ କରିଥାନ୍ତି । ଏହାର ଅର୍ଥ ହେଉଛି, ସେ ସତ୍ତ୍ୱଗୁଣ ସମ୍ପନ୍ନ ଦେବୀ । ଦେବୀ ଭାଗବତରେ ଥିବା ବର୍ଣ୍ଣନା ଅନୁଯାୟୀ, ଦେବୀ ସରସ୍ୱତୀଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ତିନି ଦେବତା ପୂଜା କରିଥାନ୍ତି । ଦେବୀ ସରସ୍ୱତୀଙ୍କ ହାତରେ ପଦ୍ମ ଶୋଭା ପାଇଥାଏ । ଏହା ନିରପେକ୍ଷ ଜୀବନ ଜିଇଁବା ଲାଗି ପ୍ରେରଣା ଦେଇଥାଏ । ହାତରେ ପୁସ୍ତକ ସମସ୍ତ ଜ୍ଞାନ ଜାଣିବା ଲାଗି ପ୍ରେରଣା ଦେଇଥାଏ । ଲେଖକ କବି, ସଙ୍ଗୀତକାର ସମସ୍ତେ ଦେବୀ ସରସ୍ୱତୀଙ୍କୁ ବନ୍ଦନା କରିଥାନ୍ତି । ଦେବୀ ସରସ୍ୱତୀଙ୍କ ଉପାସନା ଦ୍ୱାରା ଶରୀରରେ ଅଭୂତ ଶକ୍ତି ସଞ୍ଚରିତ ହୋଇଥାଏ । ମାତା ରୋଗ, ଶୋକ, ଚିନ୍ତା ଏବଂ ମନରେ ରହିଥିବା ବିକାର ଦୂର ହୋଇଥାଏ । ବୀଣାଧାରିଣୀ ସରସ୍ୱତୀଙ୍କ ପୂଜା ମାନବ କଲ୍ୟାଣ ଜୀବନଦର୍ଶନ ଉପରେ ଆଧାରିତ । ଯାଜ୍ଞବଲ୍କ୍ୟ ବାଣୀ ସ୍ତୋତ୍ର, ବଶିଷ୍ଠ ସ୍ତୋତ୍ର ଆଦିରେ ସରସ୍ୱତୀଙ୍କ ଉପାସନା ବିଧି ବର୍ଣ୍ଣିତ । ପୁରାଣରେ ଆଉ ଏକ ଦୃଷ୍ଟାନ୍ତ ରହିଛି । କୁମ୍ଭକର୍ଣ୍ଣର ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମଦେବ ପ୍ରକଟ ହେଲେ । ସେ କେବଳ ଭୋଜନ କରିବା ଲାଗି ବର ମାଗିଲା । ବ୍ରହ୍ମଦେବ ଭାବିଲେ, ଯଦି ଏକ ମୂଢ଼ କେବଳ ଖାଇଚାଲିବ, ଦିନେ ଦୁନିଆରୁ ସବୁ ସରିଯିବ । ଏହାପରେ ସେ ସରସ୍ୱତୀଙ୍କୁ ସ୍ମରଣ କଲେ । ଦେବୀ ସରସ୍ୱତୀ କୁମ୍ଭକର୍ଣ୍ଣର ବୁଦ୍ଧି ବିକୃତ କରିଦେଲେ । ଏହାର ପରିଣାମ ସ୍ୱରୂପ କୁମ୍ଭକର୍ଣ୍ଣ ୬ ମାସ ନିଦ୍ରା ଏବଂ ୬ ମାସ ଭୋଜନ ପାଇଁ ବର ମାଗିଲା । ଏହିପରି ମାତା ସରସ୍ୱତୀ ରାକ୍ଷସ କୁମ୍ଭକର୍ଣ୍ଣର ମୃତ୍ୟୁର ବାଟ କରିଦେଲେ ।

# ବନ୍ୟା ମୁକାବିଲା ପାଇଁ ମୌସୁମୀ ନିର୍ଦ୍ଦେଶାବଳୀ

**ଭୁବନେଶ୍ୱର, ୯।୫ (ମହାଭାରତ):** ଆଗାମୀ ମୌସୁମୀ-୨୦୨୬ ପାଇଁ ସହରାଂଚଳର ସୁରକ୍ଷା ଓ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ଏହି ନିର୍ଦ୍ଦେଶାବଳୀ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଅଧିକାରୀମାନେ ଏହି ମାର୍ଗଦର୍ଶିକାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ କୁହାଯାଇଛି। କାର୍ଯ୍ୟକାରିତାରେ ଯଦି କୌଣସି ଅବହେଳା ପରିଲକ୍ଷିତ ହୁଏ, ତେବେ ତାହାକୁ ଗୁରୁତର ସହ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

ପ୍ରସ୍ତୁତି ରଣନୀତିର ଅଂଶସ୍ୱରୂପ, ସମସ୍ତ ଡ୍ରେନେଜ୍ ସିଷ୍ଟମ୍ ଏବଂ ମ୍ୟାନହୋଲଗୁଡ଼ିକର ୧୦୦ ପ୍ରତିଶତ ଯାଂଚ କରିବାକୁ ଯୁଏଲବି ଗୁଡ଼ିକୁ ବାଧ୍ୟତାମୂଳକ କରାଯାଇଛି। କ୍ଷତିଗ୍ରସ୍ତ ମ୍ୟାନହୋଲଗୁଡ଼ିକର ତୁରନ୍ତ ମରାମତି କିମ୍ବା ସୁରକ୍ଷିତ ଭାବେ ଢାଙ୍କିବା କାର୍ଯ୍ୟକୁ



ପ୍ରାଥମିକତା ଦିଆଯାଇଛି। ଯେଉଁଠାରେ ମରାମତି ବାକି ଅଛି, ସେଠାରେ ସତର୍କତା ସୂଚନା ବୋର୍ଡ ଏବଂ ପ୍ରତିରକ୍ଷା ଜାଲ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ, ନାଳଗୁଡ଼ିକର ନିୟମିତ ପଙ୍କୋଦ୍ଧାର ଏବଂ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ଜବରଦଖଲ ଉଚ୍ଛେଦକୁ ବାଧ୍ୟତାମୂଳକ କରାଯାଇଛି। ସହରାଂଚଳରେ ବାରମ୍ବାର ଜଳବନ୍ଦୀ ସମସ୍ୟା ଦେଖାଦେଉଥିବା ତଥା ତଳିଆ ଅଂଚଳଗୁଡ଼ିକୁ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଏହି ଅଂଚଳଗୁଡ଼ିକରୁ ଜଳ ନିଷ୍କାସନ ପାଇଁ ପର୍ଯ୍ୟାପ୍ତ ପରିମାଣର ପମ୍ପ ସେଟ୍ ଏବଂ ଡିଜି ସେଟ୍ ମୁତୟନ କରାଯିବ। ସହରାଂଚଳଗୁଡ଼ିକୁ ବିଭିନ୍ନ କାର୍ଯ୍ୟକ୍ଷମ ଜୋନ୍ ରେ ବିଭକ୍ତ କରାଯାଇ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ, ଯାହାଫଳରେ ଜରୁରୀକାଳୀନ ସ୍ଥିତିରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସହିତ ସ୍କୁଲ ଓ କଲେଜଗୁଡ଼ିକୁ ଅସ୍ଥାୟୀ ସହାୟତା କେନ୍ଦ୍ର ଭାବେ ପ୍ରସ୍ତୁତ ରଖାଯିବ। ଏହି କେନ୍ଦ୍ରଗୁଡ଼ିକରେ ନିରାପଦ ପାନୀୟ ଜଳ, ପରିମଳ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦିଆଯିବ। ମହିଳା, ଶିଶୁ ଏବଂ ବୃଦ୍ଧବୃଦ୍ଧାଙ୍କ ସୁରକ୍ଷା ପାଇଁ ମହିଳା ହୋମଗାର୍ଡ ଏବଂ ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜିତ କରାଯିବ। ସେହିପରି ଡେଙ୍ଗୁ ଏବଂ ମ୍ୟାଲେରିଆ ଭଳି ରୋଗରୁ ରକ୍ଷା ପାଇବା ପାଇଁ ଫଗିଂ ଏବଂ ଲାର୍ଭିସାଇଡ୍ ସିଂଚନକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରେନେଜ୍ ରେ ଆବର୍ଜନା ପକାଇବା ଏବଂ ପାଣି ଜମି ରହିବା ଉପରେ କଡ଼ା ନଜର ରଖାଯିବ। ସମସ୍ତ ପୌରାଂଚଳରେ ୨୪/୭ କାର୍ଯ୍ୟକ୍ଷମ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯିବ। ପାନୀୟ ଜଳ ଯୋଗାଣ, ଡ୍ରେନେଜ୍ ସମସ୍ୟା ଏବଂ ରାସ୍ତା ଅବରୋଧ ସମ୍ପର୍କିତ ଅଭିଯୋଗର ସମାଧାନ ଏଠାରେ କରାଯିବ। ମୌସୁମୀ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ସହରାଂଚଳର ରାସ୍ତାଗୁଡ଼ିକୁ ୭୨ ଘଂଟା ମଧ୍ୟରେ ଯାତାୟାତ ଉପଯୋଗୀ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ସରକାର ସହରର ସ୍ୱଚ୍ଛତା ବଜାୟ ରଖିବା ଏବଂ ଜଳ ନିଷ୍କାସନ ପଥକୁ ସଫା ରଖିବାରେ ସ୍ଥାନୀୟ ୱାର୍ଡ କମିଟି ଓ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସହଯୋଗ କରିବାକୁ ନାଗରିକମାନଙ୍କୁ ଆହ୍ୱାନ କରିଛନ୍ତି।

### ଉପମୁଖ୍ୟମନ୍ତ୍ରୀଙ୍କ ସହ ଜାତିସଂଘର ଆବାସିକ ସମନ୍ୱୟକାରୀଙ୍କ ସାକ୍ଷାତ

# କୃଷି, ପର୍ଯ୍ୟଟନ ଏବଂ ଅକ୍ଷୟ ଶକ୍ତି ସହଯୋଗ ନେଇ ଆଲୋଚନା

**ଭୁବନେଶ୍ୱର, ୯।୫ (ମହାଭାରତ):** ଭାରତରେ ଜାତିସଂଘର ଆବାସିକ ସମନ୍ୱୟକାରୀ (ୟୁଏନ୍ ରେସିଡେଂଟ କୋଅର୍ଡିନେଟର) ମିଷ୍ଟର ଷ୍ଟିଫାନ ପ୍ରିସନର୍ ମଙ୍ଗଳବାର ଲୋକସେବା ଭବନଠାରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ଓଡ଼ିଶା ସରକାର ଏବଂ ଜାତିସଂଘ ମଧ୍ୟରେ ପ୍ରମୁଖ ବିକାଶମୂଳକ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ଏହି ଆଲୋଚନା ହୋଇଥିଲା। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ସାକାର କରିବା ପଥରେ ଭାରତ ଦୃଢ଼ ପଦକ୍ଷେପ ନେଉଛି ଏବଂ ଓଡ଼ିଶା କୃଷି, ଶିଳ୍ପ ତଥା ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରି ଏଥିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ରାଜ୍ୟ ସରକାର କୃଷିକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ବୋଲି ଉଲ୍ଲେଖ କରି ଶ୍ରୀ ସିଂହଦେଓ କହିଥିଲେ ଯେ, ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ଜଳବାୟୁ ଅନୁକୂଳ ଚାଷ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଏବଂ କୃଷି ମୂଲ୍ୟ ଶୃଙ୍ଖଳାକୁ ମଜବୁତ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି।

ଏହି ଆଲୋଚନାରେ ପର୍ଯ୍ୟଟନ ଓ ଐତିହ୍ୟ ପ୍ରସଙ୍ଗ ମଧ୍ୟ ପ୍ରାଧାନ୍ୟ ପାଇଥିଲା। ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଏବଂ ରଣିପୁର-ଝରିଆଲ ଓ ହରିଶଙ୍କର ଭଳି ସମ୍ଭାବ୍ୟ ପର୍ଯ୍ୟଟନ ସ୍ଥଳଗୁଡ଼ିକର ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି । ଓଡ଼ିଶାର ଅନନ୍ୟ ଆଦିବାସୀ ଓ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖି ଏହାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାକୁ ଅକ୍ଷୟ ଶକ୍ତିର ଏକ କେନ୍ଦ୍ର ଭାବେ ଗଢ଼ିତୋଳିବା, ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ କରିବା ଦିଗରେ ଜାତିସଂଘର ସହଯୋଗ ନେଇ ଉଭୟ ପକ୍ଷ ଆଲୋଚନା କରିଥିଲେ। ମିଷ୍ଟର ଷ୍ଟିଫାନ ପ୍ରିସନର୍ ଓଡ଼ିଶାର କୃଷି ଏବଂ ଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ହୋଇଥିବା ପ୍ରଗତିର ପ୍ରଶଂସା କରିଥିଲେ। ଏଥିସହ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର, ଦକ୍ଷତା ବୃଦ୍ଧି ଏବଂ ସମାବେଶୀ ବିକାଶ କ୍ଷେତ୍ରରେ ଜାତିସଂଘ ସହଭାଗୀ ହେବାକୁ ପ୍ରସ୍ତୁତ ବୋଲି ସେ ପ୍ରକାଶ କରିଥିଲେ। ଓଡ଼ିଶାର ବିକାଶ ଯାତ୍ରାକୁ ସ୍ଥାୟୀ ଏବଂ ଆତ୍ମନିର୍ଭରଶୀଳତାର ଏକ ମଡେଲ ଭାବେ ଗଢ଼ିତୋଳିବା ପାଇଁ ସହଯୋଗ ବୃଦ୍ଧି କରିବାକୁ ଉଭୟ ପକ୍ଷ ସଂକଳ୍ପବଦ୍ଧ ହୋଇଥିଲେ। ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ।

# ଓଡ଼ିଶାର ଅଞ୍ଚଳକୁ ଆନ୍ଧ୍ରକୁ ଟେକି ଦିଆଯାଉଛି : ବିଜେଡି

**ଭୁବନେଶ୍ୱର, ୯।୫ (ମହାଭାରତ):** ଆସନ୍ତା ଜୁନ୍ ପହିଲାରୁ ଆରମ୍ଭ ହେବାକୁ ଯାଉଥିବା ରାୟଗଡା ଡିଭିଜନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ରାୟଗଡା ଡିଭିଜନ ଓ ରେଳ ମନ୍ତ୍ରଣାଳୟର ନୂଆ ଜୋନ୍ ଦକ୍ଷିଣତଟ ରେଳବାଇ ପୂର୍ବତଟ ଅଧୀନରେ ଥିବା ୱାଲ୍ଟିଅର ଡିଭିଜନକୁ ୨ ଭାଗରେ ବିଭକ୍ତ କରାଯାଇଛି । ଗୋଟେ ଭାଗ ରାୟଗଡା ଡିଭିଜନ ମାନେ ପୂର୍ବତଟ ରେଳବାଇ ଅଧୀନରେ ରଖାଯାଇଥିବା ବେଳେ ଆଉ ଏକ ଭାଗକୁ ନୂତନ ଗଠନ ହୋଇଥିବା ଜୋନ୍ ଦକ୍ଷିଣତଟ ରେଳବାଇ ଅଧୀନରେ ରଖାଯାଇଛି । ଏହାକୁ ନେଇ ଆଜି ବିଜୁ ଜନତା ଦଳ କଡା ପ୍ରତିକ୍ରିୟା ରଖିଛି ।

ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଡବଲ ଇଞ୍ଜିନ ସରକାର ଡବଲ ବିକାଶ ନାରା ଦେଇ ଆସିଥିବା ବିଜେପି ସରକାର ଓଡିଶାବାସୀଙ୍କ ଅକୁଣ୍ଠ ସମର୍ଥନ ବଦଳରେ କେବଳ ଧୋକା ପ୍ରଦାନ କରୁଛି । ଦୁଃଖ ଓ ପରିତାପର ବିଷୟ ବିଜେପିର ୨୦ ଲୋକସଭା ସାଂସଦ ଓଡିଶାକୁ କେନ୍ଦ୍ର ଅବହେଳା ପ୍ରସଙ୍ଗରେ ଆଖି ବୁଜି ଦେଇ ବସି ରହୁଛନ୍ତି ।

ଡ଼ ମହାନ୍ତି କହିଛନ୍ତି, ୱାଲଟିଅର ଡିଭିଜନ ଯାହା ପୂର୍ବରୁ ପୂର୍ବତଟ ରେଳବାଇ ଅଧୀନରେ ଥିଲା, ତାକୁ ଭାଙ୍ଗି ରାୟଗଡା ଓ ବିଶାଖାପଟ୍ଟନମରେ ବିଭକ୍ତ କରାଯାଇଛି । ରାୟଗଡା ଡିଭିଜନକୁ ପୂର୍ବତଟ ରେଳବାଇରେ ରଖାଯାଇଛି । ବର୍ତ୍ତମାନ ନୂତନ ଗଠିତ ରାୟଗଡା ଡିଭିଜନରେ ମୋଟ ୬୯୬ କିଲୋମିଟର ରୁଟ୍ ରହିଛି । ତେବେ ରାୟଗଡା ଡିଭିଜନ ଭିତରେ ଥିବା ଅନେକ ଅଞ୍ଚଳ ଏବେବି ୱାଲ୍ଟିଅର ଡିଭିଜନରେ ରହିଛି । ଏହାଛଡା ଖୋର୍ଦ୍ଧା ରୋଡ୍ ଡିଭିଜନରେ ଥିବା ପଲାସା ଇଚ୍ଛାପୁରମ ୫୩ କିଲୋମିଟର ରୁଟ୍କୁ ମଧ୍ୟ ବିଶାଖାପଟ୍ଟନମ ଡିଭିଜନରେ ମିଶାଯାଇଛି ।

ଏହାଦ୍ୱାରା ପୂର୍ବତଟ ରେଳବାଇର ରାଜସ୍ୱ ହ୍ରାସ ହେବ ବୋଲି ପ୍ରତିବାଦ କରାଯାଇ ବିଜେଡି ସମେତ ଅନ୍ୟ ରାଜନୈତିକ ଦଳ ମାନଙ୍କ ଦ୍ୱାରା ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ରେଳ ବିଭାଗ କର୍ଣ୍ଣପାତ କରୁ ନାହିଁ । ବର୍ତ୍ତମାନ ପୂର୍ବତଟ ଅଧୀନରେ ସମ୍ବଲପୁର ଡିଭିଜନ, ଖୋର୍ଦ୍ଧା ରୋଡ୍ ଡିଭିଜନ ଓ ରାୟଗଡା ଡିଭିଜନ ରହିଛି । ଜୁନ୍ ପହିଲାରୁ ରାୟଗଡା ଡିଭିଜନ କାର୍ଯ୍ୟକ୍ଷମ ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ତେଣୁ ପୂର୍ବତଟ ରେଳବାଇର କ୍ଷତିକୁ ଭରଣା କରିବା ସହିତ ଏହାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶାର ଅନ୍ୟ ଅଞ୍ଚଳ ଯଥା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଇତ୍ୟାଦିକୁ ମଧ୍ୟ ପୂର୍ବତଟ ରେଳବାଇରେ ସାମିଲ କରାଯାଉ ବୋଲି ବିଜେଡି ଦାବି କରୁଛି ।

# କାର୍ଯ୍ୟ ଦକ୍ଷତା ରିପୋର୍ଟରେ ସାମିଲ ହେବ ସଡ଼କ ସୁରକ୍ଷା ପ୍ରଦର୍ଶନ

**ଭୁବନେଶ୍ୱର, ୯।୫ (ମହାଭାରତ):** ସଡ଼କ ଦୁର୍ଘଟଣା ହ୍ରାସ ଉପରେ ପ୍ରାଧାନ୍ୟ ଦେଇଛନ୍ତି ସରକାର । ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସମସ୍ତ ଉପ ପରିବହନ ଆୟୁକ୍ତ (ଡିସିଟି), ଆଂଚଳିକ ପରିବହନ ଅଧିକାରୀ (ଆରଟିଓ) ଓ ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ (ଏଆରଟିଓ)ଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି ପରିବହନ କମିସନର । ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିବା ବେଳେ ଆଭାସୀ ଜରିଆରେ ଆରଟିଓମାନେ ଉପସ୍ଥିତ ଥିଲେ । ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ନିଜ ନିଜ ଜିଲ୍ଲା ଅନୁଯାୟୀ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ବ୍ୟାପକ ଭାବରେ ଗ୍ରହଣ କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପରିବହନ କମିସନର ଅମିତାଭ ଠାକୁର କହିଥିଲେ, ପ୍ରତିଦିନ ଯେଉଁଭଳି ସଡ଼କ ଦୁର୍ଘଟଣା ଘଟୁଛି, ଏହା ଏକ ଚିନ୍ତାଜନକ ସ୍ଥିତି ସୃଷ୍ଟି କରୁଛି । ଏହାକୁ ହ୍ରାସ କରିବା ଦିଗରେ



କଠୋର ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି । ତେଣୁ ସମସ୍ତ ଆରଟିଓଙ୍କୁ ଗ୍ରାଉଣ୍ଡ ଜିରୋରରେ ଏ ଦିଗରେ ବ୍ୟାପକ କାର୍ଯ୍ୟ କରିବାକୁ ହେବ । ଅନେକ ଗାଡ଼ି ଚାଳକ ସଡ଼କ ସୁରକ୍ଷା ନିୟମ ମାନୁନାହାନ୍ତି । ମନଇଚ୍ଛା ଗାଡ଼ି ଚଲାଉଛନ୍ତି । ଆଉ ନିଜ ସହ ଅନ୍ୟମାନଙ୍କ ଜୀବନ ମଧ୍ୟ ନେଇଯାଉଛନ୍ତି। ଏହାକୁ ରୋକିବାକୁ ହେଲେ ଯୋଜନା ଭିତିରେ ଏନଫୋର୍ସମେଂଟ କରିବାକୁ ହେବ ବୋଲି ଶ୍ରୀ ଠାକୁର କହିଛନ୍ତି। ବିଶେଷକରି, ମଦ୍ୟପାନ କରି ଗାଡ଼ି ଚଲାଇବା, ମାଲବାହୀ ଗାଡ଼ିରେ ଯାତ୍ରୀ ନେବା, ରାଜପଥରେ ଅବୈଧ ପାର୍କିଂ କରିବା, ମନଇଚ୍ଛା ଗାଡ଼ିର ଆକାରରେ ପରିବର୍ତ୍ତନ କରି ଭାରସାମ୍ୟ ହରାଇବା, ଗାଡ଼ି ଚଲାଇବା ବେଳେ ମୋବାଇଲ ବ୍ୟବହାର କରିବା ଭଳି ନିୟମ ଉଲ୍ଲଙ୍ଘନକୁ ରୋକିବାକୁ ହେବ। ଏହା ବ୍ୟତୀତ ପ୍ରତି ଜିଲ୍ଲାସ୍ତରରେ ସଡ଼କ ସୁରକ୍ଷା ପାଇଁ ଯେଉଁ ଯେଉଁ ଆହ୍ୱାନ ରହିଛି, ପ୍ରତି ବିଭାଗର ସମନ୍ୱୟ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ଏହାର ସମାଧାନ କରିବାକୁ ହେବ ।

ତେବେ କେବଳ ରେଗୁଲେଟର୍ ବା ନିୟନ୍ତ୍ରକ ଭୂମିକା ନିର୍ବାହ ନୁହେଁ, ଏଜୁକେଟର୍ ଭାବରେ ମଧ୍ୟ ଆଂଚଳିକ ପରିବହନ ଅଧିକାରୀଙ୍କୁ ଦାୟିତ୍ୱ ନେବାକୁ ହେବ । ଜନସାଧାରଣଙ୍କ ମଧ୍ୟରେ ନିୟମ ଉଲ୍ଲଙ୍ଘନ ଓ ଏହାର ଭୟାବହତା ସଂପର୍କରେ ସଚେତନତା ସୃଷ୍ଟି କରିବାକୁ ହେବ । ଏଥିପାଇଁ ଅଧିକରୁ ଅଧିକ ସଚେତନ ନାଗରିକଙ୍କ ସହଯୋଗ ନେଇ ସଡ଼କ ସୁରକ୍ଷାକୁ ଏକ ଅଭିଯାନ ଭାବରେ ଗ୍ରହଣ କରିବାକୁ ସେ କହିଛନ୍ତି । ସେହିଭଳି ଆରଟିଓମାନଙ୍କ ଦକ୍ଷତା ରିପୋର୍ଟରେ ଆଗକୁ ସଡ଼କ ସୁରକ୍ଷା ଦିଗରେ କାର୍ଯ୍ୟର ମଧ୍ୟ ଏକ ବିଶେଷ ଭୂମିକା ରହିବ ବୋଲି ସେ ସୂଚାଇ ଦେଇଛନ୍ତି । ଏହାସହ ପରିବହନ ସମ୍ବନ୍ଧୀୟ ସେବା ପ୍ରଦାନରେ ଗତବର୍ଷ କେଉଁ ଆରଟିଓଙ୍କ ପ୍ରଦର୍ଶନ କ'ଣ ରହିଥିଲା, ତାହାର ମଧ୍ୟ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ସଡ଼କ ସୁରକ୍ଷା କ୍ଷେତ୍ରରେ ବିଭାଗ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ପରବହନ କ୍ଷେତ୍ରରେ ସଂସ୍କାର ସଂପର୍କରେ ମଧ୍ୟ ପରିବହନ ଆୟୁକ୍ତ ସୂଚନା ପ୍ରଦାନ କରିଥିଲେ ।

# ଟ୍ୱିନ ସିଟିରେ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୫ (ମହାଭାରତ):** ଦ୍ୱୈତ-ନଗରୀ ଭୁବନେଶ୍ୱର ଏବଂ କଟକ ଅଂଚଳରେ ବିଭିନ୍ନ ଛକ ସ୍ଥାନମାନଙ୍କରେ ଦେଖା ଦେଉଥିବା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଂଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ମଙ୍ଗଳବାର ଅପରାହ୍ନରେ ଯୋଜନା ଓ ସଂଯୋଜନ ବିଭାଗ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।



ଭୁବନେଶ୍ୱର-କଟକ ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜନସାଧାରଣ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏହାର ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ପଦ୍ଧତିଗତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ଅନୁସାରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏହି କମିଟିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ, ଭୁବନେଶ୍ୱର-କଟକ ପୁଲିସ୍ କମିଶନର, ପରିଚାଳନା ନିର୍ଦ୍ଦେଶକ କ୍ୟାପିଟାଲ ରିଜିଅନ ଅର୍ବାନ୍ ଟ୍ରାନସପୋର୍ଟ(କ୍ରୁଟ୍), ଭୁବନେଶ୍ୱର ମହାନଗର ନିଗମ କମିଶନର, ଉପାଧ୍ୟକ୍ଷ-ବିଡିଏ, ପରିଚାଳନା ନିର୍ଦ୍ଦେଶକ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିଃ. (ବିଏସସିଏଲ), ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ(ସଡ଼କ-୧), ପ୍ରମୁଖ ସଦସ୍ୟ ରହିଥିବା ବେଳେ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ଶାସନ ସଚିବ ସଦସ୍ୟ ଆବାହକ ଅଛନ୍ତି । ବୈଠକରେ ଭୁବନେଶ୍ୱରର ରବି ଟକିଜ ଛକ, ମାଉସୀମା ମନ୍ଦିର ଛକ, ଶିଶୁ ଭବନ ଛକ, ମ୍ୟୁଜିୟମ ଛକ, କଳ୍ପନା ଛକ, ଜୟଦେବ ବିହାର ଛକ, ଏଜି ଛକ, କିଟ୍ ଛକ, କଳିଙ୍ଗ ହସ୍ପିଟାଲ ଛକ, ରାଜମହଲ ଛକ ଆଦି ବିଭିନ୍ନ ଛକରେ ରହୁଥିବା ଟ୍ରାଫିକ୍ ସମସ୍ୟା ଓ ଏହାର ସମାଧାନ ସଂପର୍କରେ ଉପସ୍ଥିତ କମିଟିର ସଦସ୍ୟମାନେ ବିସ୍ତୃତ ଆଲୋଚନା କରିଥିଲେ । ବିଭିନ୍ନ ଛକ ଯାଗା ମାନଙ୍କରେ ପ୍ରଥମେ ଟ୍ରାଫିକ ସମସ୍ୟାର ଅସ୍ଥାୟୀ ସମାଧାନ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଦୀର୍ଘକାଳୀନ ଭିତିରେ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଥିଲା । ଉନ୍ନୟନ କମିଶନର ଏହି ପରିପ୍ରେକ୍ଷୀରେ ବିଡିଏ, ପୂର୍ତ୍ତ ବିଭାଗ, ବିଏମସି, ପୁଲିସ, ଟ୍ରାଫିକପୋଲିସ ଆଦି ତରଫରୁ ଏକ ଯୁଗ୍ମ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କମିଟି ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ବିଭିନ୍ନ ଛକ ମାନଙ୍କରେ ଯାନବାହନ ଚଳାଚଳ ଏବଂ ପଦଚାରୀମାନଙ୍କ ନିମନ୍ତେ ଟ୍ରାଫିକ୍ ପରିଚାଳନା ସଂପର୍କିତ ସ୍ଥିତି ଓ ଏହାର ପ୍ରତିକାରାତ୍ମକ ସାମୟିକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ମିଳିତ ପ୍ରସ୍ତାବ ପାଇବା ପରେ ପ୍ରଥମେ ତୁରନ୍ତ ପରୀକ୍ଷାମୂଳକ ଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ସମସ୍ୟାଗୁଡ଼ିକର ପର୍ଯ୍ୟାୟକ୍ରମେ ସମାଧାନ କରିବା ସହ ପରବର୍ତ୍ତୀ ସମୟରେ ସ୍ଥାୟୀ ସମାଧାନ ପାଇଁ ଦୀର୍ଘ ସୂତ୍ରୀ ପ୍ରସ୍ତାବ କାର୍ଯ୍ୟକାରୀ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଛି ।

# ପୁରୀରେ ଅରାଜକତାର କଳା ଅଧ୍ୟାୟ ସୃଷ୍ଟି ହୋଇଛି : କଂଗ୍ରେସ

**ଭୁବନେଶ୍ୱର,୯।୫ (ମହାଭାରତ):** ପୁରୀ ଜିଲ୍ଲା କଣାସରେ ବର୍ବର ଆକ୍ରମଣ ଘଟଣା ଓ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ । କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ, ମହିଳା କଂଗ୍ରେସ ମିଡ଼ିଆ ବିଭାଗ ଅଧ୍ୟକ୍ଷା ଜୟସ୍ମିତା ମହାନ୍ତି, ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ପିସିସି ମୁଖପାତ୍ର ରୁପାଦିତ୍ୟା ମହାପାତ୍ର କହିଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପବିତ୍ର ପୁରୀ ମାଟିରେ ଗୋପବନ୍ଧୁଙ୍କ ଆଦର୍ଶକୁ ଜଳାଞ୍ଜଳି ଦେଇଛି ବିଜେପି ସରକାର। ପୁରୀ ଜିଲ୍ଲାର କଣାସ ମାଟିରେ ବିଜେପି ନେତାଙ୍କ ଛତ୍ରଛାୟା ତଳେ ନିଶା ଏବଂ ଦୁରାଚାର ଚରମ ସୀମାରେ ପହଂଚିଛି। ଭୟର ବାତାବରଣ, ଆରାଜକତାର କଳା ଅଧ୍ୟାୟ ସୃଷ୍ଟି ହୋଇଛି।ପୁରୀ ଅଂଚଳରେ ଦୟା ଏବଂ ଭାର୍ଗବୀ ନଦୀ ପଠାରୁ ବିଜେପି ନେତାଙ୍କ ଆଶୀର୍ବାଦରେ ବାଲି ମାଫିଆମାନଙ୍କ ବାଲି ବେପାର, ମଣିଷ ରକ୍ତରେ ଚାଲିଛି ହୋଲି ଖେଳ, ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଛାରଖାର। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା , ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଏବଂ ପୁରୀ କୁହାଳିଆ ସାଂସଦଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ କରି କଂଗ୍ରେସ କହିଛି ବାଲି କାରବାର ଚାଲିଛି ଜୋରଦାର, ପୋଲିସ ମାଫିଆଙ୍କୁ ଡରୁଛି ନା ସତ୍ତାଧାରୀ ନେତାଙ୍କୁ ଡରି ମାଫିଆଙ୍କୁ ଛାଡ଼ି ଦେଉଛି ?ଲାକ ଚିତା-ଚୈତନ୍ୟ କାଟି କେବଳ ଭଜନ କୀର୍ତନ ପାଇଁ ସେମାନଙ୍କୁ ବାଛିନଥିଲେ। ସତ୍ୟବାଦୀ ବିଧାୟକଙ୍କ ସୁରକ୍ଷା ନଥିଲେ ଦିନ ଦ୍ୱିପ୍ରହରରେ ଶହ ଶହ ଟ୍ରିପ୍ ବାଲି ଚୋରି ସମ୍ଭବ କି ? ସରକାର ଯଦି ଜଗନ୍ନାଥଙ୍କ ପବିତ୍ର ଯାହା ଓଡିଶାଙ୍କ ପରିଚୟ ସେହି ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସମ୍ଭାଳିବା ପାଇଁ ହେୟଜ୍ଞାନ କରୁଛନ୍ତି।


# ବିପ୍ଳବୀ ଧରଣୀଧର ନାଏକଙ୍କ ତ୍ୟାଗ ପ୍ରେରଣାଦାୟକ ହୋଇ ରହିବ

**ଭୁବନେଶ୍ୱର, ୯।୫ (ମହାଭାରତ):** ମହାନ ବିପ୍ଳବୀ ଧରଣୀଧର ନାଏକ(ଭୂୟାଁ) ଓଡ଼ିଶା ଇତିହାସର ଜଣେ ଅସାଧାରଣ ସଂଗ୍ରାମୀ ନାୟକ ଥିଲେ । ଜନଜାତି ସମାଜର ଅଧିକାର, ସ୍ୱାଭିମାନ ଓ ଅସ୍ମିତାର ସୁରକ୍ଷା ପାଇଁ ସେ ନିଜ ଜୀବନକୁ ସମର୍ପିତ କରିଥିଲେ । ଇଂରେଜ ଶାସନ ବିରୋଧରେ ତାଙ୍କର ସାହସିକ ସଂଗ୍ରାମ ଭାରତୀୟ ମୁକ୍ତି ଆନ୍ଦୋଳନରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି । ତାଙ୍କର ଆଦର୍ଶ ଓ ଜୀବନଦର୍ଶନ ଆଜି ମଧ୍ୟ ସମାଜକୁ ସତ୍ୟ, ସାହସ ଓ ନ୍ୟାୟର ପଥରେ ଆଗକୁ ଆଣିବାରେ ପ୍ରେରଣା ଦେଇଆସୁଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିଙ୍କ ମିଳିତ ଆନୁକୂଲ୍ୟରେ ଏହି ଜୟନ୍ତୀ ପାଳିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଧରଣୀଧରଙ୍କ ଜୀବନ ଆମକୁ ଅନ୍ୟାୟ ବିରୋଧରେ ଦୃଢ଼ ଭାବେ ଦଣ୍ଡାୟମାନ ହେବାକୁ ଶିଖାଏ । ତାଙ୍କର ସଂଗ୍ରାମ ଆଜିର ଯୁବପିଢ଼ିଙ୍କୁ ସ୍ୱାଭିମାନ ଓ ସମର୍ପଣର ମୂଲ୍ୟ ବୁଝାଏ ଏବଂ ତାଙ୍କର ଆଦର୍ଶକୁ ଅନୁସରଣ କରି ସଶକ୍ତ ସମାଜ ଗଢ଼ିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଥିଲେ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ଧରଣୀଧରଙ୍କ ଜୀବନ ଓ ସଂଗ୍ରାମ ଉପରେ ବିସ୍ତୃତ ଆଲୋକପାତ କରି କହିଥିଲେ ଯେ ସେ ଜନଜାତି ସମାଜର ଆତ୍ମସମ୍ମାନର ପ୍ରତୀକ ଥିଲେ । ଅତିଥି ବକ୍ତା ଭାବେ ପ୍ରଫେସର ରାମଚନ୍ଦ୍ର ରାଉତ ଧରଣୀଧରଙ୍କ ଜୀବନ ଓ ଆଦର୍ଶକୁ ଗଭୀର ଭାବେ ଆଲୋଚନା କରି କହିଥିଲେ ଯେ ତାଙ୍କର ଚିନ୍ତାଧାରା ଆଜିର ସମାଜ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ।କେନ୍ଦୁଝର ନାଗରିକ ବିକାଶ ପରିଷଦର ସଭାପତି ପ୍ରଫେସର ଡ. ହାଡିବନ୍ଧୁ ପଟ୍ଟନାୟକ ଧରଣୀଧରଙ୍କ ବିରଳ ବ୍ୟକ୍ତିତ୍ୱ, ସାହସ ଓ ସମାଜ ପ୍ରତି ତାଙ୍କର ଅବଦାନକୁ ଉଲ୍ଲେଖ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଧରଣୀଧରଙ୍କ ଐତିହ୍ୟ ଓ ସଂଗ୍ରାମମୟ ଜୀବନକୁ ସ୍ମରଣ କରିଥିଲେ । ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହାସମାଜର ସଭାପତି ମେଘନାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ପାଇଁ ଶକ୍ତି ବିଭାଗର ସମୀକ୍ଷା

**ଭୁବନେଶ୍ୱର, ୯।୫ (ମହାଭାରତ):** ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ମଙ୍ଗଳବାର ଲୋକ ସେବା ଭବନଠାରେ ଶକ୍ତି ବିଭାଗର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ଓପିଟିସିଏଲ ର ସିଏମଡି ଭାସ୍କର ଜ୍ୟୋତି ଶର୍ମା ଏବଂ ଓଡ଼ିଶାର ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀର ସିଇଓମାନେ ଉପସ୍ଥିତ ଥିଲେ। ଚଳିତ ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ଝଡ଼ ପାଇଁ ପ୍ରସ୍ତୁତିର ସମୀକ୍ଷା କରି, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସାରା ରାଜ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଗୁରୁତ୍ୱାରୋପ



କରିଛନ୍ତି ଯେ, ଗ୍ରାହକଙ୍କ ସମସ୍ତ ଅଭିଯୋଗକୁ ଜରୁରୀକାଳୀନ ଭିତିରେ ଗ୍ରହଣ କରାଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରାଯିବା ଉଚିତ। ବାରମ୍ବାର ବିଦ୍ୟୁତ ବିଭ୍ରାଟକୁ ରୋକିବା ଏବଂ ବ୍ୟବସ୍ଥାର ବିଶ୍ୱସନୀୟତା ବୃଦ୍ଧି ପାଇଁ ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର କାର୍ଯ୍ୟରେ କେବଳ ଉଚ୍ଚମାନର ସରଞ୍ଜାମ ଓ ସାମଗ୍ରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାହକ-କୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିଭାଗୀୟ କର୍ମଚାରୀ ଗ୍ରାହକଙ୍କ ସହ ନମ୍ରତାର ସହ କଥା ହେବା ସହ ସକ୍ରିୟ ଭାବେ ସେବା ଯୋଗାଇବା ଆବଶ୍ୟକ। ଅଭିଯୋଗର ପ୍ରତିକାର ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ପାଇଁ ସେ ଗ୍ରାହକଙ୍କ ଅଭିଯୋଗ ବୁଝିବା ପାଇଁ ସମର୍ପିତ ଦଳର ସଂଖ୍ୟା ବୃଦ୍ଧି କରିବାକୁ କହିଛନ୍ତି। ଏହାବ୍ୟତୀତ, ଉପ-ମୁଖ୍ୟମନ୍ତ୍ରୀ ବିଦ୍ୟୁତ ଭିତିଭୂମି ସହିତ ଜଡ଼ିତ ଜନସାଧାରଣଙ୍କ ସୁରକ୍ଷା ଦିଗର ମଧ୍ୟ ସମୀକ୍ଷା କରିଛନ୍ତି। ବିଦ୍ୟୁତ ଲାଇନ କିମ୍ବା ବିଦ୍ୟୁତ ପ୍ରତିଷ୍ଠାନ ନିକଟରେ ହୋର୍ଡିଂ ଏବଂ ବିଜ୍ଞାପନ ବୋର୍ଡ ଲଗାଇବା ସମ୍ପର୍କରେ ସେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବାକୁ କହିଛନ୍ତି। ପ୍ରବଳ ବେଗରେ ପବନ ବହିବା ଏବଂ କାଳବୈଶାଖୀ ସମୟରେ ଦୁର୍ଘଟଣା ରୋକିବା ପାଇଁ ସହରାଂଚଳ ସ୍ଥାନୀୟ ସଂସ୍ଥା ମାନଙ୍କ ସହ ସମନ୍ୱୟ ରକ୍ଷା କରି ସମସ୍ତ ହୋର୍ଡିଂ ଏବଂ ବିଜ୍ଞାପନ ବୋର୍ଡର ଗଠନମୂଳକ ସୁରକ୍ଷା ନିୟମାବଳୀର କଠୋର ଅନୁପାଳନ କରିବାକୁ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ କୁହାଯାଇଛି। ଓଡ଼ିଶାର ଜନସାଧାରଣଙ୍କୁ ୨୪ଘଂଟିଆ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇବା ପାଇଁ ସରକାରଙ୍କ ସର୍ବଦା ଚେଷ୍ଟିତ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏଥିସହିତ ଗ୍ରୀଷ୍ମ ମାସଗୁଡ଼ିକରେ ସମସ୍ତ ଅଧିକାରୀଙ୍କୁ ହାଇ-ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗ ଏବଂ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ଆଲୋଚିତ ବିଷୟବସ୍ତୁ ଉପରେ ସାପ୍ତାହିକ ଅନୁପାଳନ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

# ରାଜ୍ୟରେ ଜଳସଙ୍କଟ

ଓଡ଼ିଶା ଭଳି ଏକ ଉପକୂଳବର୍ତ୍ତୀ ରାଜ୍ୟରେ ଜଳସଙ୍କଟ ନିଶ୍ଚିତଭାବେ ଏକ ମନୁଷ୍ୟକୃତ ସଙ୍କଟ କହିଲେ ଭୁଲ ହେବ ନାହିଁ। ଏଠାରେ ପ୍ରଚୁର ବର୍ଷା ହେଉଥିଲେ ମଧ୍ୟ ବର୍ଷା ଜଳର ସଞ୍ଚୟ ଏବଂ ସଦୁପଯୋଗ ଲାଗି କିଛି ଯୋଜନା କରାଯାଉନଥିବାରୁ ଆଜି ରାଜ୍ୟରେ ପାନୀୟ ଜଳ ସଙ୍କଟ ସୃଷ୍ଟି ହୋଇଛି। ଅନେକ ଗ୍ରାମରେ ଲୋକେ ପାଣିବିନା ଡହଳ ବିକଳ ହେଉଛନ୍ତି। ବିଶେଷ କରି ଗ୍ରୀଷ୍ମଋତୁରେ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏପରିକି ନଦୀ କୂଳରେ ବସବାସ କରୁଥିବା ଲୋକେ ମଧ୍ୟ ପାଣି ସଂଗ୍ରହ କରିବାକୁ ମାଇଲ ମାଇଲ ବାଟ ଚାଲୁଛନ୍ତି। ଖରାଦିନେ ନଦୀ ଶୁଖି ଯାଉଛି। ତେଣୁ ପାଣି ସମସ୍ୟା ଉତ୍କଟ ହେଉଛି। ଚାଷ ପାଇଁ ଜଳ ଯୋଗାଣ ଦୂରର କଥା ପିଇବାକୁ ବା ଦୈନିନ୍ଦିନ ଆବଶ୍ୟକତା ପୂରଣ ପାଇଁ ଲୋକେ ପାଣିମୁନ୍ଦେ ପାଉ ନାହାଁନ୍ତି। ଅନେକ ସ୍ଥାନରେ ଲୋକେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ଖରାଦିନେ କେନାଲରେ ମଧ୍ୟ ଜଳ ଯୋଗାଣ ହେଉନି। ଉପକୂଳ ଅଞ୍ଚଳ କଥା ଯଦି ଏପରି, ପାହାଡ଼ିଆ ଅଞ୍ଚଳର ସ୍ଥିତି କେତେ ଖରାପ ହୋଇଥିବ ଏଥିରୁ ସହଜେ ଅନୁମେୟ। ଏହି ସମସ୍ୟା ଏବେ ନୁହେଁ, ଅନେକ ବର୍ଷ ହେବ ଦେଖିବାକୁ ମିଳୁଛି। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଓଡ଼ିଶାର ଲାଇଫ ଲାଇନ କୁହାଯାଉଥିବା ମହାନଦୀ ତଳମୁଣ୍ଡରେ ରହୁଥିବା ଲୋକଙ୍କ ଅବସ୍ଥା ମଧ୍ୟ ସଙ୍ଗୀନ। ମହାନଦୀ ଉପରମଭୁଣ୍ଡରେ ଛତିଶଗଡ଼ ସରକାର ବହୁ ବ୍ୟାରେଜ ନିର୍ମାଣ କରିବା ଫଳରେ ହୀରାକୁଦକୁ ଜଳ ପ୍ରବାହ କମିଛି। ତେଣୁ ଖରାଦିନେ ତଳମୁଣ୍ଡକୁ ପାଣି ଆସୁନି ଏବଂ ଲୋକେ ପାଣିପାଇଁ ହନ୍ତସନ୍ତ ହେଉଛନ୍ତି। ପାନୀୟ ଜଳ ଯୋଗାଣ ଲାଗି ପ୍ରତିବର୍ଷ ବଜେଟରେ ବିପୁଳ ଅର୍ଥ ବରାଦ ହେଉଛି। କିନ୍ତୁ ଏହାର ସଦୁପଯୋଗ ହେଉନଥିବାରୁ ପାନୀୟ ଜଳ ସମସ୍ୟା ଦୂର ହୋଇପାରୁନି। କିଛି ବର୍ଷ ତଳେ ସରକାର ମୋ ପୋଖରୀ ଯୋଜନା ଆରମ୍ଭ କରିଥିଲେ। ଲକ୍ଷ୍ୟ ଥିଲା ଯେ, ଗ୍ରାମାଞ୍ଚଳରେ ଶ୍ରମ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ପୋଖରୀ ଖୋଳାଯିବ ଏବଂ ବର୍ଷା ଦିନେ ଏହିସବୁ ପୋଖରୀରେ ଜଳ ସଞ୍ଚୟ କରାଯିବ ଯାହା ଖରାଦିନେ କାମରେ ଆସିବ। ଯୋଜନା ଓ ଚିନ୍ତାଧାରା ଉନ୍ନତ ଥିଲା। କିନ୍ତୁ ଏହାର କାର୍ଯ୍ୟକାରୀତା ଠିକ ଭାବେ ହୋଇନପାରିବାରୁ ଯୋଜନା କେବଳ କାଗଜପତ୍ରରେ ରହିଗଲା। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ୫୦ରୁ ଅଧିକ ବ୍ୟାରେଜ ନିର୍ମାଣ କରି ଜଳ ସଞ୍ଚୟ କରୁଛନ୍ତି ଏବଂ ଏହା ଉଭୟ କୃଷି ଏବଂ ଶିଳ୍ପ କ୍ଷେତ୍ରକୁ ଜଳଯୋଗାଣରେ ବ୍ୟବହୃତ ହେଉଛି। ଓଡ଼ିଶା ସରକାର ଏହାକୁ ବିରୋଧ କରୁଛନ୍ତି। କିନ୍ତୁ ଓଡ଼ିଶାକୁ ବ୍ୟାରେଜ ନିର୍ମାଣ କରିବାକୁ କିଏ ମନା କରୁଛି ? ଛତିଶଗଡ଼ ଭଳି ଓଡ଼ିଶା ସରକାର ମଧ୍ୟ ମହାନଦୀ ଓ ଏହାର ଶାଖା ନଦୀ ସମେତ ଅନ୍ୟାନ୍ୟ ସବୁ ଛୋଟ ବଡ଼ ନଦୀରେ ଯଦି ଏଭଳି ବ୍ୟାରେଜ ନିର୍ମାଣ କରିପାରନ୍ତେ ତେବେ ରାଜ୍ୟରେ ଜଳସଙ୍କଟ ଅନେକାଂଶରେ ଦୂର ହୋଇପାରନ୍ତା। ଏଥିଲାଗି ଅର୍ଥର ଅଭାବ ନାହିଁ। ରାଜ୍ୟରେ ବିଭିନ୍ନ ଶିଳ୍ପ ସଂସ୍ଥାଠାରୁ ଏଥିପାଇଁ ଅର୍ଥ ସଂଗ୍ରହ କରାଯିବା ଉଚିତ। ଛତିଶଗଡ଼ ମଧ୍ୟ ଏହା କରିଛି। ଶିଳ୍ପ ପ୍ରତିଷ୍ଠା ଲାଗି ଯେଉଁମାନେ ବିପୁଳ ପୁଞ୍ଜି ନିବେଶ କରୁଛନ୍ତି ସେମାନେ ଏହାର କିଛି ଅଂଶ ଜଳଭଣ୍ଡାର ନିର୍ମାଣରେ ବିନିଯୋଗ କରିପାରନ୍ତେ। ଏହିସବୁ ଜଳଭଣ୍ଡାରରୁ ସେମାନେ ବି ପାଣି ସଂଗ୍ରହ କରିପାରନ୍ତେ ଏବଂ କୃଷି କ୍ଷେତ୍ରକୁ ଜଳ ଯୋଗାଣ ସହ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଲାଗି ଆଉ ହନ୍ତସନ୍ତ ହେବାକୁ ପଡ଼ନ୍ତା ନାହିଁ। ସ୍ଥଳ ବିଶେଷରେ ଛୋଟ ଛୋଟ ଜଳବିଦ୍ୟୁତ ଉତ୍ପାଦନ କେନ୍ଦ୍ର ବି ପ୍ରତିଷ୍ଠା ହୋଇପାରନ୍ତା। କିନ୍ତୁ ସରକାରଙ୍କର ଏଥିପ୍ରତି ଆନ୍ତରିକତା ନାହିଁ। ରାଜ୍ୟରେ ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ଶହ ଶହ କୋଟି ଟଙ୍କାର ଜଳକର ବାକି ପଡ଼ିଛି। ସେସବୁ ଆଦାୟ ନିମନ୍ତେ ପ୍ରୟାସ ହେଉନାହିଁ।

# ବିପଜ୍ଜନକ ବିକିରଣ

॥ ଅଲେଖ ଚନ୍ଦ୍ର ସାମଲ ॥

> ;ମୋବାଇ ଟାୱାର ବିକିରଣ ଜୀବଜଗତକୁ ଗଭୀର ପ୍ରଭାବିତ କରୁଛି ଏଥିଯୋଗୁଁ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ବଂଶ ବୁଡ଼ିବାକୁ ବସିଥିବାବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଘରଚଟିଆ। ଗତ କିଛି ମାସ ମଧ୍ୟରେ ହଜାର ହଜାର ଘରଚଟିଆ ମରି ପଡ଼ିଥିବା ବିଭିନ୍ନ ଅଞ୍ଚଳରେ ଦେଖାଯାଉଛି। ଏହାଛଡ଼ା ଟାୱାର ପାଖାପାଖି ରହୁଥିବା ଲୋକେ ବି ନାନା ରୋଗରେ ପଡୁଛନ୍ତି। ଏହି ଅଭିଯୋଗ ବିଭିନ୍ନ ରାଜ୍ୟରୁ ଆସିବା ପରେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି।

ଜୀବଜଗତ ପାଇଁ ମାରାତ୍ମକ ବନିଯାଇଛି ମୋବାଇଲ୍ ଟାୱାର। ଏଥିରୁ ବାହାରୁଥିବା ଚୁମ୍ବକୀୟ ବିକିରଣ ପଶୁ ସମ୍ପଦକୁ ଅଧିକ ହାନୀ ପହଞ୍ଚାଉଛି। ମଣିଷ ସମାଜ ବି ଏଥିରେ ବେଶ୍ ପ୍ରଭାବିତ। ଟାୱାରର ଚୁମ୍ବକୀୟ ବିକିରଣ ସଂସ୍ପର୍ଶରେ ଆସି ଲୋକେ କ୍ୟାନସର, ହୃଦରୋଗ, ମସ୍ତିଷ୍କ ଓ ଶ୍ୱାସ ଭଳି ଭୟଙ୍କର ରୋଗରେ ପିଡ଼ୀତ ହେଉଛନ୍ତି। ଟାୱାର ବସାଯିବା କ୍ଷେତ୍ରରେ ଲାଗୁ ନିୟମ ଅର୍ଥାତ୍ ଉଚ୍ଚତା, ସ୍ଥାନ ଏବଂ ଜନବସତି ଠାରୁ ଦୂର ଆଦିକୁ ଅମାନ୍ୟ କରାଯାଏ, ଭବିଷ୍ୟତରେ ଏହି ବିପଦ ଆଶାଠାରୁ ଅଧିକ ବଢ଼ିଯିବ। ମୋବାଇଲ ଟାୱାର ଏବଂ ଅଧିକ ମେଗା ପିକ୍ସେଲର ମୋବାଇଲ ଫୋନ ଆମ ଶରୀର ପାଇଁ କ୍ଷତିକାରକ। ଏହାଦ୍ୱାରା ଉଭୟ ଶରୀର ଏବଂ ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିଥାଏ। ଏହାର କୁପ୍ରଭାବ ଦ୍ୱାରା ମଣିଷ ଅଧିକ ବିରକ୍ତି ଭାବ ପ୍ରକାଶ କରିଥାଏ, ଏକାଗ୍ରତା ଆସିପାରି ନଥାଏ। ୨୦୦୫ ୱାର୍ଲ୍ଡ ହେଲଥ ଅର୍ଗାନାଇଜେସନର ଗାଇଡ଼ଲାଇନ ଅନୁଯାୟୀ ସ୍କୁଲ, କଲେଜ, ହସ୍ପିଟାଲ ଏବଂ ମାର୍କେଟ ଅଞ୍ଚଳର ୫୦ ମିଟର ମଧ୍ୟରେ ମୋବାଇଲ ଟାୱାର ରହିବା ଅନୁଚିତ। ୧୫ ମିଟର ମଧ୍ୟରେ ସୃଷ୍ଟି ହେଉଥିବା ରେଡ଼ିଏସନ୍ ମଧ୍ୟ ଅନେକ କ୍ଷତିକାରକ। ଏହାକୁ ସେଲ ପାୱାର ନର୍ମ କୁହାଯାଇଥାଏ। ସେହିପରି ଅଧିକ ଶକ୍ତିଶାଳୀ ମୋବାଇଲ ଫୋନ୍ ଦ୍ୱାରା ମଣିଷର ଶରୀର ମଧ୍ୟ ଅଧିକ କ୍ଷତି ହୋଇଥାଏ। ୩୦୦ରୁ ଅଧିକ ଫ୍ରିକ୍ୱେନ୍ସି ଭାଇବ୍ରେସନ୍ ହେଲେ ଶରୀରରେ କ୍ଷତି ଘଟିଥାଏ। ଅନେକ ବ୍ୟକ୍ତି ରାତିରେ ଶୋଇବା ସମୟରେ ନିଜ ତକିଆ ତଳେ ଗୋଟିଏରୁ ତିନୋଟି ଲେଖାଏଁ ମୋବାଇଲ ରଖି ଶୋଇଥାନ୍ତି। ଏହାର ପରିଣାମ ବେଶ ଭୟଙ୍କର।

ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡ଼ିକାଲ ରିସର୍ଚ୍ଚର ତଥ୍ୟ ଅନୁଯାୟୀ, ମୋବାଇଲ ଟାୱାର ଏବଂ ମୋବାଇଲରୁ ବହୁମାତ୍ରାରେ ରେଡ଼ିଏସନ୍‌ର ବାହାରୁଛି। ଯାହାର ପ୍ରଭାବ ମଣିଷ ସମାଜ ଉପରେ ପଡୁଥିବା ମଧ୍ୟ ଦେଖାଦେଇଛି। ତେବେ ଫଳାଫଳ ଆସନ୍ତା ଦୁଇବର୍ଷ ଭିତରେ ସ୍ପଷ୍ଟ ହୋଇଯିବ। ତେବେ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି, ଟାୱାରରୁ ବାହାରୁଥିବା ବିକିରଣ ସ୍ପର୍ମ କାଉଣ୍ଟକୁ ବେଶି ପ୍ରଭାବିତ କରୁଛି । ହୃଦ୍‌ରୋଗ ବିଶେଷଜ୍ଞ କହିବା ଅନୁଯାୟୀ ଏହି ବିକିରଣର କୁପ୍ରଭାବ ମଣିଷ ଶରୀର ଉପରେ ପଡୁଛି। ତେବେ ଏ ପ୍ରଭାବର ମାତ୍ରା କେତେ ଏବଂ କେତେ ସମୟ ସଂସ୍ପର୍ଶରେ ଆସିଲେ କୁ ପ୍ରଭାବ ପଡୁଛି ତାହା ଅଧିକ ଗବେଷଣା ପରେ ସ୍ପଷ୍ଟ ହୋଇଯିବ। ମୋବାଇଲ ଟାୱାରରୁ ବାହାରୁଥିବା ବିକିରଣର ପରିମାଣ କମ୍ ହୋଇଥିଲେ ବି ସେଲ୍ ଟିସ୍ୟୁ ଏବଂ ଡିଏନ୍‌ଏ କୁ ପ୍ରଭାବିତ କରିଥାଏ ।

ମୋବାଇ ଟାୱାର ବିକିରଣ ଜୀବଜଗତକୁ ଗଭୀର ପ୍ରଭାବିତ କରୁଛି ଏଥିଯୋଗୁଁ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ବଂଶ ବୁଡ଼ିବାକୁ ବସିଥିବାବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଘରଚଟିଆ। ଗତ କିଛି ମାସ ମଧ୍ୟରେ ହଜାର ହଜାର ଘରଚଟିଆ ମରି ପଡ଼ିଥିବା ବିଭିନ୍ନ ଅଞ୍ଚଳରେ ଦେଖାଯାଉଛି। ଏହାଛଡ଼ା ଟାୱାର ପାଖାପାଖି ରହୁଥିବା ଲୋକେ ବି ନାନା ରୋଗରେ ପଡୁଛନ୍ତି। ଏହି ଅଭିଯୋଗ ବିଭିନ୍ନ ରାଜ୍ୟରୁ ଆସିବା ପରେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି। ତୁରନ୍ତ ମୋବାଇଲ ଟାୱାରର ବିକିରଣ ହ୍ରାସ ପାଇଁ କେନ୍ଦ୍ର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ମୋବାଇଲ ଟାୱାରର ବିକିରଣ କମାଇବା ପାଇଁ ରାଜ୍ୟ ଓ ବିଭିନ୍ନ କ୍ଲିନିକ୍ ଅପରେଟିଭ୍ ମାନେ କ'ଣ କରିବା ଉଚିତ ତାହା ଉଲ୍ଲେଖ କରାଯାଇଛି। ବିକିରଣ ଯେପରି ଜୀବଜଗତକୁ ପ୍ରଭାବିତ ନକରିବ ସେନେଇ ସେବା ପ୍ରଦାନକାରୀ କମ୍ପାନୀକୁ ଜଙ୍ଗଲ ଓ ପରିବେଶ ବିଭାଗ ଅବଗତ କରିବ। ଟାୱାରରୁ ବାହାରୁଥିବା ବିକିରଣ ନିୟମିତ ଯାଞ୍ଚ କରାଯିବ। ଯଦି ଟାୱାର ଦ୍ୱାରା ଲୋକେ ପ୍ରଭାବିତ ହେଉଛନ୍ତି ତେବେ ତୁରନ୍ତ ଟାୱାର ଅନ୍ୟତ୍ର ସ୍ଥାନାନ୍ତର କରାଯାଉ। ବିକିରଣ ପ୍ରଭାବ ସମ୍ପର୍କରେ ଟାୱାର ନିକଟରେ ସାଇନ୍‌ବୋର୍ଡ଼ ଲଗାଯାଇ ସୂଚନା ଦିଆଯାଉ। ଟାୱାରର ୧ କିଲୋମିଟର ମଧ୍ୟରେ ଆଉ କୌଣସି ଟାୱାର ଲଗାଯିବା ପାଇଁ ଅନୁମତି ଦିଆନଯାଉ। ଏହି ବିକିରଣ ପ୍ରଭାବ କେତେ କ୍ଷତିକାରକ ତାହା ମୁମ୍ବାଇ ଆଇଆଇଟିର ପ୍ରଫେସର କେନ୍ଦ୍ର ସରକାରଙ୍କୁ ଅବଗତ ସହ ସତର୍କ କରାଇଛନ୍ତି। ବିଶେଷଜ୍ଞଙ୍କ ମତରେ ମୋବାଇଲ ଟାୱାର ନିକଟରେ ରହିବା ଅର୍ଥ ୨୪ଘଣ୍ଟା ମାଇକ୍ରୋ ୱେଭ୍ ଓଭେନ୍ ଭିତରେ ରହିବା ଭଳି।

ମୋବାଇଲ ଟାୱାର ବସାଯିବା ନେଇ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ପ୍ରସ୍ତୁତ କରିଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଏଥିରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା ଜୀବଜଗତକୁ। ନିୟମ ହୋଇଥିଲା ମୋବାଇଲ ଟାୱାର ଜନବସତିରୁ ଦୂରରେ ବସିବ। ୧ କିଲୋମିଟର ଭିତରେ ଏକାଧିକ ଟାୱାର ଲାଗିପାରିବ ନାହିଁ ଏବଂ ଟାୱାରର ଉଚ୍ଚତା ଅଧିକ ହେବ। ହେଲେ ସବୁ ନିୟମ ଗଲା ଚୁଲିକୁ। ମୋବାଇଲ କମ୍ପାନୀ ଉକ୍ତ ନିୟମକୁ ଖୋଲାଖୋଲି ଉଲଘଂନ କରିଛନ୍ତି। ଗୋଟିଏ କିଲୋମିଟର ଭିତରେ ଶହ ଶହ ମୋବାଇଲ ଟାୱାର ଛିଡ଼ା ହୋଇଛି। ତା ପୁଣି ଜନବସତି ଭିତରେ ଆଉ କମ୍ ଉଚ୍ଚତାରେ। ସବୁଠାରୁ ବଡ଼କଥା ହେଉଛି ଲଗାଯାଇଥିବା ମୋବାଇଲ ଟାୱାର ମଧ୍ୟରୁ ଅଧାରୁ ଅଧିକ ଅବୈଧ। ଏହାସତ୍ତ୍ୱେ କୌଣସି ରାଜ୍ୟର ସରକାର ପାଟି ଖୋଲି ନାହାଁନ୍ତି। ଦିଲ୍ଲୀରେ ପାଖାପାଖି ୬ ହଜାର ଟାୱାର ଲାଗିଛି। ସେଥିରୁ ୨୯୫୨ଟି ହେଉଛି ଅବୈଧ ସେହିପରି ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୨ ହଜାରରୁ ଅଧିକ ମୋବାଇଲ ଟାୱାର ଲାଗିଥିବାବେଳେ ଶତାଧିକ ଅବୈଧ ବୋଲି ଜଣାପଡ଼ିଛି। ମୋବାଇଲ କମ୍ପାନୀଗୁଡ଼ିକ ଏହି ଟାୱାର ଲଗାଇବା ଲାଗି ଆବଶ୍ୟକ ଠାରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଫଳରେ ଫାଇଦା ଉଠାଇବାକୁ ଯାଇ ଲୋକେ ଭବିଷ୍ୟତର ଏହି ବିପଦକୁ ନଜର ଅନ୍ଦାଜ କରିଥିଲେ। ଆଜି ଦେଶ ପାଇଁ ଏକ ପ୍ରକାର କାଳ ପାଲଟିଯାଇଛି।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଆଧୁନିକ ପଦାର୍ଥ ବିଜ୍ଞାନର ଜନକ

॥ ଡକ୍ଟର ରାଜକିଶୋର ମିଶ୍ର ॥

ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କୁ ଆଧୁନିକ ପଦାର୍ଥ ବିଜ୍ଞାନର ଜନକ କୁହାଯାଇଥାଏ । ସେ ସୈଦ୍ଧାତିକ ଭୌତିକ ବିଜ୍ଞାନ, ବିଶେଷତଃ ଆଲୋକ ବିଦ୍ୟୁତ୍ ବିକିରଣର ସନ୍ଧାନ ପାଇଁ ୧୯୨୧ ମସିହାରେ ନୋବେଲ ପୁରସ୍କାର ପାଇଥିଲେ । ପଦାର୍ଥ ବିଜ୍ଞାନ ଗବେଷଣା କ୍ଷେତ୍ରରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ଆଇନ୍‌ଷ୍ଟାଇନ୍ ମୁଖ୍ୟତଃ ଆପେକ୍ଷିକ ତତ୍ତ୍ୱ ଏବଂ ବସ୍ତୁତ୍ୱ ଶକ୍ତି ସମୀକରଣ 'ଇ=ଏମ୍‌ସି ସ୍କୋୟାର୍' ଥିଓରୀର ଉଦ୍ଭାବନ ପାଇଁ ଜଣାଶୁଣା । ଏହାବ୍ୟତୀତ ସାଧାରଣ ଆପେକ୍ଷିକ ତତ୍ତ୍ୱ, ବିଶେଷ ଆପେକ୍ଷିକ ତତ୍ତ୍ୱ, ବିଦ୍ୟୁତ୍ ଚୁମ୍ବକୀୟ ପ୍ରଭାବ, ବସ୍ତୁତ୍ୱ ଶକ୍ତି ସମୀକରଣ, ବ୍ରାଉନିଆନ୍ ଗତି ତତ୍ତ୍ୱ, ଆଇନ୍‌ଷ୍ଟାଇନ୍ ସମୀକରଣ, ବୋଷ ଆଇନଷ୍ଟାଇନ୍ ପରିସଂଖ୍ୟାନ, ୟୁନିଫାଏଡ୍ ଫିଲ୍ଡ ଥିଓରୀ, ଇପିଆର୍ ପାରାଡକ୍ସ ଆଦି ସିଦ୍ଧାନ୍ତର ଉଦ୍ଭାବନ କରିଥିଲେ । ଆଇନ୍‌ଷ୍ଟାଇନ୍ ୫୦ରୁ ଅଧିକ ବିଜ୍ଞାନ ଗବେଷରା ପତ୍ର ଓ ପୁସ୍ତକ ଲେଖିଯାଇଛନ୍ତି । ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ବିବେଚନା କରାଯାଇଥାଏ । ତାଙ୍କର ପ୍ରଖର ବୁଦ୍ଧିମତା ଅତୁଳନୀୟ । ୧୪ ମାର୍ଚ୍ଚ ୧୮୭୯ରେ ଜର୍ମାନୀର ବୁଟେମ୍‌ବର୍ଗର ଏକ ଇହୁଦୀ ପରିବାରରେ ଆଇନ୍‌ଷ୍ଟାଇନ୍ ଜନ୍ମ ଗ୍ରହଣ କରିଥିଲେ । ପିଲାବେଳେ ଠିକ୍ ଭାବେ କଥା କହିପାରୁନଥିବା ଆଇନ୍‌ଷ୍ଟାଇନ୍ ଜଣେ ମେଧାବୀ ଛାତ୍ର ଥିଲେ ।

ପିଲାଟି ଦିନରୁ ଆଇନଷ୍ଟାଇନ୍ ସର୍ବଦା ନିଃସଙ୍ଗତାକୁ ଭଲ ପାଉଥିଲେ। ଏବଂ ଅନେକ ସମୟ ସିଏ ବଡ଼ଲୋକଙ୍କ ପରି କିଛି ଚିନ୍ତା କରୁଥିବା ପରି ତାଙ୍କ ଆଚରଣ ବାହାରକୁ ପ୍ରଦର୍ଶିତ ହେଉଥିଲା। ତେବେ ଆଇନଷ୍ଟାଇନ୍‌ଙ୍କର ପିତା ଜଣେ ଇଞ୍ଜିନିୟର ଥିବାରୁ ସେ ଚାହୁଁଥିଲେ ତାଙ୍କ ପୁଅଟି ଜଣେ ଦକ୍ଷ ଇଞ୍ଜିନିୟର ହେଉ। ତେବେ ତାଙ୍କୁ ପନ୍ଦର ବର୍ଷ ବୟସ ହେବାପୂର୍ବରୁ ସେ ସକ୍ରେଟିସ୍, ଇଉକ୍ଲିଡ୍, ନିଉଟନ୍, ସିନୋଜା, ବିଥୋଭେନ୍, ହେନ୍ ମେ ଜାଟ୍ ପ୍ରଭୃତି ମହାମନୀଷୀଙ୍କର ରଚିତ ଗ୍ରନ୍ଥସବୁ ଅଧ୍ୟୟନ କରିଥିଲେ। ଏତେ ପଢୁଥିଲେ ମଧ୍ୟ ବେଳେ ବେଳେ ସେ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିଲେ। ସେ ଥରକରେ ମାଟ୍ରିକ୍ୟୁଲେସନ ପାଶ୍ କରିପାରି ନଥିଲେ। କିନ୍ତୁ ତାଙ୍କର ମନୋବଳ କେବେ ବି ଭାଙ୍ଗିପଡୁ ନଥିଲା। ବହୁ ପୁସ୍ତକ ଅଧ୍ୟୟନକୁ ସେ ତାଙ୍କର ଜୀବନର ଲକ୍ଷ୍ୟ ବୋଲି ଧରିନେଇଥିଲେ। ପିଲାଦିନରୁ ପଦାର୍ଥ ବିଜ୍ଞାନ ଓ ଗଣିତ ଶାସ୍ତ୍ର ପ୍ରତି ବିଶ୍ୱର ଆଇନ୍‌ଷ୍ଟାଇନ୍‌ଙ୍କର ଦୁର୍ବଳତା ରହିଥିଲା ତେବେ ଜୀବିକାର୍ଜନ ପାଇଁ କୌଣସି ମତେ ଶିକ୍ଷକତା କରି ନିଜ ଦାୟିତ୍ୱ ତୁଲାଇବା ପାଇଁ ସେ ସ୍ଥିର କଲେ। ମାନ-ସମ୍ମାନ, ଖ୍ୟାତି-କ୍ଷମତା ଠାରୁ ଦୂରରେ ରହି ଏହି ନିରଳସ ନୀରବ ଗବେଷକ ଦୀର୍ଘ ଛବିଶ ବର୍ଷ ତାଙ୍କର ଗବେଷଣା ଚଳାଇ ୧୯୦୫ ଖ୍ରୀଷ୍ଟାବ୍ଦଠାରୁ ପଦାର୍ଥବିଜ୍ଞାନ ସମ୍ପର୍କରେ ତାଙ୍କର ସନ୍ଦର୍ଭମାନ ପ୍ରକାଶ କରିବାକୁ ଲାଗିଲେ। ତାଙ୍କର ବିଶେଷ ଆପେକ୍ଷିକ ତତ୍ତ୍ୱ ତାଙ୍କୁ ସମଗ୍ର ଜଗତ୍‌ରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ରୂପେ ପରିଚିତ କରାଇଲା। ବିଶ୍ୱବାସୀଙ୍କର ଶ୍ରଦ୍ଧାଞ୍ଜଳି ତାଙ୍କରି ପାଦତଳେ ଅଜାଡ଼ି ହୋଇପଡ଼ିଲା। ୧୯୦୯ରେ ଜୁରିଚ୍ ବିଶ୍ୱବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକରୂପେ ସେ ଯୋଗଦାନ କଲେ। ୧୯୨୧ ଖ୍ରୀଷ୍ଟାବ୍ଦରେ ସେ ବ୍ରିଟିଶ ରୟାଲ୍ ସୋସାଇଟିର ସଭ୍ୟରୂପେ ନିର୍ବାଚିତ ହେଲେ ଓ ୧୯୨୨ ମସିହାରେ ନୋବେଲ ପୁରସ୍କାର ଲାଭ କଲେ। ଦେଶବିଦେଶରେ ଏହି ବିଶ୍ୱବରେଣ୍ୟ ବୈଜ୍ଞାନିକଙ୍କର ସାଧନା ଓ ପ୍ରତିଭାର ସମ୍ବାଦ ପ୍ରଚାରିତ ହେଲା। ୧୯୨୧ ମସିହାରେ ସେ ନୋବେଲ ପୁରସ୍କାର ମିଳିଥିବା ୧ଲକ୍ଷ ୯୨ ହଜାର ଟଙ୍କାକୁ ଦାନ କରି ଦେଇଥିଲେ। ସକ୍ରେଟିସ୍‌ଙ୍କ ପରି ତାଙ୍କର କିଛି ହେଲେ ଆବଶ୍ୟକ ନଥିଲା। ସତ୍ୟାନୁସନ୍ଧାନ ବ୍ୟତୀତ ଆମୋଦ ପ୍ରମୋଦ ବା ବିଳାସ୍ୟବେସନରେ ସମୟ କଟାଇବା କଥା ତାଙ୍କ ମନ ମଧ୍ୟରେ କେବେହେଲେ ସ୍ଥାନ ଲାଭ କରି ନଥିଲା। ୧୯୫୨ରେ ଇହୁଦୀରାଷ୍ଟ୍ର ଇସରାଏଲର ପ୍ରେସିଡେଣ୍ଟ ହେବା ନିମିତ୍ତ ତାଙ୍କୁ ଯେତେବେଳେ ନିମନ୍ତ୍ରଣ କରାଗଲା ସେ ତାହା ପ୍ରତ୍ୟାଖ୍ୟାନ କରିଥିଲେ। ଆଇନଷ୍ଟାଇନ୍‌ଙ୍କର ୧୯୦୫ ମସିହାରେ ପ୍ରଚାର କରିଥିବା ତଥ୍ୟ ବିଶ୍ୱକୁ ତ୍ରସ୍ତ ଚକିତ କରିଥିଲା। ଗୋଟିଏ ଗ୍ରାମ ଜଡ଼ବସ୍ତୁକୁ ଶକ୍ତିରେ ରୂପାନ୍ତରିତ କଲେ ସେହି ଶକ୍ତିରେ କଲିକତାରୁ ଦିଲ୍ଲୀ ଯାଉଥିବା ଗୋଟିଏ ରେଳଗାଡ଼ି କଲିକତାରୁ ଦିଲ୍ଲୀ ଛଅ ଥର ଯିବା ଆସିବା କରିପାରିବ। ତାଙ୍କର ଏହି ତଥ୍ୟ ଜଗତ୍‌କୁ କେବଳ ଚମତ୍କୃତ କରି ନାହିଁ, ମଣିଷର ଜୀବନଧାରାରେ ବିପୁଳ ପରିବର୍ତ୍ତନର ସୂତ୍ରପାତ କରିଛି। ଭାରତୀୟ କାଳଗଣନାର ଧାରାକୁ ପ୍ରକାରାନ୍ତରେ ସେ ମଧ୍ୟ ସ୍ୱୀକୃତି ପ୍ରଦାନ କରିଅଛନ୍ତି। ଗାନ୍ଧିଜୀଙ୍କର ଅହିଂସାବ୍ରତ, କର୍ମଯୋଗ, ସତ୍ୟାନୁରାଗ ଓ ମାନବଜାତିପ୍ରୀତି ତାଙ୍କୁ ତନ୍ମୟ କରିଥିଲା। ତାଙ୍କ ମତରେ ଭବିଷ୍ୟତ ବଂଶଧରମାନେ କେବେ ବିଶ୍ୱାସ କରିବେ ନାହିଁ ଯେ ଏପରି ଜଣେ ରକ୍ତମାଂସଧାରୀ ବ୍ୟକ୍ତି ପୃଥିବୀରେ ବିଚରଣ କରୁଥିଲା। ସମ୍ପଦ ଓ ସମ୍ମାନ ସାଧାରଣ ସଂସାରୀ - ଜୀବନରେ ବ୍ୟତିକ୍ରମ ସୃଷ୍ଟିକରେ, ମାତ୍ର ଜ୍ଞାନୀ ବ୍ୟକ୍ତିର ହୃଦୟକୁ ତାହା ଯେ କଳୁଷିତ କରିପାରେ ନା ଆଇନ୍‌ଷ୍ଟାଇନଙ୍କର ଜୀବନରେ ଏହା ପ୍ରମାଣିତ ହୋଇଥିଲା। ପୃଥିବୀର ଶାନ୍ତି ଓ ପ୍ରଗତି ପାଇଁ ତାଙ୍କର ଜୀବନର ପ୍ରତିଟି ମୁହୂର୍ତ୍ତକୁ ଦାନ କରି ୧୯୯୫ ମସିହା ଏପ୍ରିଲ ମାସ ୧୮ ତାରିଖରେ ସେ ଏହି ଧାମରୁ ଚିରବିଦାୟ ଗ୍ରହଣ କଲେ।

ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

# ଭାବନାରେ ଭଗବାନ

॥ ଡ଼ ପ୍ରତିଭା ମହାରଥୀ ॥

ସେ ଯାଇ ଠାକୁରଘରେ ଦେଖିଲେ ରାଧାରାଣୀ ନୂଆ ଚୁଡ଼ି ପିନ୍ଧିଛନ୍ତି। ଭାବବିହ୍ୱଳ ହୋଇ ସେ କାନ୍ଦି ପକାଇଲେ। ତହୁଁ କାଚରା ଘରକୁ ଦୌଡ଼ିଯାଇ ପହଞ୍ଚିଲେ ଓ କହିଲେ - ଭାଇ ! ତମେ ଭାଗ୍ୟବାନ। ରାଧାରାଣୀଙ୍କୁ ସ୍ପର୍ଶ କରି ଚୁଡ଼ି ପିନ୍ଧାଇଛ। ମତେ କ୍ଷମାକର। ମୁଁ ଅଧମ ବୃଥା ତୁମକୁ ଦୋଷ ଦେଉଥିଲି। ରାମାୟଣରେ ମଧ୍ୟ ବର୍ଣ୍ଣିତ ଅଛି, ଯେତେବେଳେ ବୀର ହନୁମାନ ସୀତାଙ୍କୁ ଠାବ କରିବାକୁ ଯାଇ ଅଶୋକବାଟିକାରେ ପହଞ୍ଚିଥିଲେ, ସେଠାରେ ସେତେବେଳେ ଶ୍ୱେତରଙ୍ଗର ପୁଷ୍ପ ଫୁଟିଥିଲା, ମାତ୍ର ମହାନ୍ ସନ୍ଥ, ପରମ ରାମଭକ୍ତ ଏକନାଥ ଏକଦା ସୁନ୍ଦରାକାଣ୍ଡରେ ଏହି ବିଷୟ ବର୍ଣ୍ଣନା କଲାବେଳେ ସେଠାରେ ଉପସ୍ଥିତ ଥିଲେ ସ୍ୱୟଂ ହନୁମାନ। କାରଣ ଶ୍ରୀରାମ ନାମ ଓ ଶ୍ରୀରାମକଥା ଯେଉଁଠି, ବୀରହନୁମାନ ସେଇଠି। ତେଣୁ ନିଜେ ସ୍ୱୟଂ ପ୍ରକଟ ହୋଇ ଏକନାଥଙ୍କୁ ବିରୋଧ କରି, ସେତେବେଳେ ରକ୍ତବର୍ଣ୍ଣର ଫୁଲ ଫୁଟିଥିବାର ସେ ଦେଖିଛନ୍ତି ବୋଲି ଯୁକ୍ତି ବାଢ଼ିଲେ। ଏକନାଥ ମଧ୍ୟ ନିଜ କଥାରେ ଅଟଳ ରହିଲେ। ଶେଷକୁ ଦୁହିଁଙ୍କ ବିବାଦର ସମାଧାନ ସ୍ୱୟଂ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କୁ କରିବାକୁ ପଡ଼ିଥିଲା। ସେ କହିଲେ ଉଭୟେ ଉଭୟଙ୍କ ସ୍ଥାନରେ ଠିକ୍ ଅଛନ୍ତି। ଅର୍ଥାତ୍ ପ୍ରକୃତରେ ଶ୍ରୀହନୁମାନଙ୍କ ଗସ୍ତ ସମୟରେ ଶ୍ୱେତରଙ୍ଗର ହିଁ ପୁଷ୍ପ ଫୁଟିଥିଲା, ଯାହା ଏକନାଥ ବର୍ଣ୍ଣନା କରିଛନ୍ତି, ମାତ୍ର ବୀରହନୁମାନ ମାତା ସୀତାଙ୍କୁ ଅଶୋକବାଟିକାରେ ବନ୍ଦିନୀ ଅବସ୍ଥାରେ ଦେଖି ହଠାତ୍ କ୍ରୋଧାନ୍ୱିତ ହୋଇଯିବାରୁ ତାଙ୍କୁ ସେହି ପୁଷ୍ପ ରକ୍ତବର୍ଣ୍ଣ ପରି ପ୍ରତୀୟମାନ ହୋଇଥିଲା।

ଭାବଗ୍ରାହୀ ପ୍ରଭୁ ଭକ୍ତର ଅନ୍ତରକୁ ଦେଖିପାରନ୍ତି, ମନରେ ସୃଷ୍ଟି ହେଉଥିବା ପ୍ରତ୍ୟେକ ଚିନ୍ତାକୁ ଜାଣିପାରନ୍ତି। ଭକ୍ତ ପ୍ରତିଜ୍ଞା କରିଥିଲେ ପ୍ରଭୁଙ୍କୁ ସେ ଅସ୍ତ୍ର ଧାରଣ କରାଇବେ। ଭକ୍ତର ସେହି ପ୍ରତିଜ୍ଞା ପୂରଣ କରାଇ ନ ପାରିଲେ ସିଏ କି ପ୍ରଭୁ !! ତେଣୁ ନିଜର ପ୍ରତିଜ୍ଞା ଭାଙ୍ଗି ସେ ଅସ୍ତ୍ରଧାରଣ କରିଥିଲେ। ପୁଣି ସଖାର ସମ୍ମାନ ରକ୍ଷା ପାଇଁ ଆକ୍ରମଣରୁ ଓହରିଯାଇ ସେ ନିଜର ମୂଳ ପ୍ରତିଜ୍ଞା ପାଳନ କଲେ। ସେହି ପ୍ରଭୁଥିଲେ ଚକ୍ରଧାରୀ ଶ୍ରୀକୃଷ୍ଣ। ମହାହଭାରତ ଯୁଦ୍ଧରେ ସଖା ଅର୍ଜୁନଙ୍କର ସାରଥୀ। ଆଉ ସେହି ପରମଭକ୍ତ ଯାହାଙ୍କ ପାଇଁ ଅସ୍ତ୍ରଧାରଣ କରିଥିଲେ, ସିଏ ଥିଲେ ପିତାମହ ଭୀଷ୍ମ, କେବେ କେଉଁ ଭକ୍ତର ମନକୁ ଉଣା କରିନଥିବା ସେହି ଭାବଗ୍ରାହୀ ଭଗବାନଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣାମ।

ମହାନ ସନ୍ଥ ନାମଦେବ ଆତ୍ମଜ୍ଞାନର ଅଧିକାରୀ, ସମଦର୍ଶୀ ଥିଲେ। ଥରେ ସେ ଜଙ୍ଗଲରେ ଗୋଟିଏ ଗଛମୂଳେ ଏକାକୀ ରୁଟି ତିଆରି କରୁଥିଲେ। ରୁଟି ପ୍ରସ୍ତୁତ କରି ଘିଅ ଲଗାଇ ଭୋଜନ କରିଥାନ୍ତେ। ଏହି ଅବସରରେ କେଉଁଠୁ ଗୋଟିଏ କୁକୁର ଆସି ଗୋଟିଏ ରୁଟି ମୁହଁରେ ଧରି ପଳାଇଗଲା। ନାମଦେବ ତାହା ଦେଖି ଘିଅ ଠେକି ହାତରେ ଧରି କୁକୁର ପଛେ ପଛେ ଧାଇଁଥାନ୍ତି ଏବଂ କହୁଥାନ୍ତି - ପ୍ରଭୁ ଆପଣ ଟିକେ ରହିଯା'ନ୍ତୁ। ମୁଁ ରୁଟିରେ ଘିଅ ମାରିଦିଏ, ତାପରେ ଆପଣ ଖାଇବେ। ମୁଁ ଘିଅଲଗା ରୁଟି ଖାଇବି, ଆପଣ ଖାଲି ରୁଟି ଖାଇବେ ଏ କଥା କେମିତି ହେବ। ମୋ ଉପରେ ଦୟାକରି ଆପଣ ଟିକେ ରହିଯା'ନ୍ତୁ ପ୍ରଭୁ। ନାମଦେବଙ୍କ କଥା ମାନି କୁକୁର ରହିଗଲା ଏବଂ ସେ ତା' ପାଟିରୁ ରୁଟି ଆଣି ଘିଅମାରି ଖୁଆଇଲେ। ହଠାତ୍ କୁକୁର ପରିବର୍ତ୍ତିତ ହୋଇଗଲେ ଚତୁର୍ଭୁଜ ନାରାୟଣ ରୂପରେ। ନାମଦେବ ତାଙ୍କ ପାଦତଳେ ଲୋଟିପଡ଼ି ଚରଣ ବନ୍ଦନା କଲେ ଏବଂ ନାରାୟଣ, ନାମଦେବଙ୍କୁ କୋଳାଗ୍ରତ କରି ଆଶୀର୍ବାଦ କଲେ। ଏହା ହେଉଛି ନାମଦେବଙ୍କର ଆତ୍ମାନୁଭବ ଏବଂ ସମଦର୍ଶିତା। ସକଳ ଘଟରେ ନାରାୟଣ (ମହାରାଷ୍ଟ୍ରରେ ବିଠଲ) ଅଛନ୍ତି ବୋଲି ସେ ଦୃଢ଼ ଭାବେ ବିଶ୍ୱାସ ଓ ଅନୁଭବ କରୁଥିଲେ। ଭାବର ଠାକୁର ସେ, ଯୁଗେ ଯୁଗେ ଭାବରେ ବନ୍ଧା ହୋଇଥାଆନ୍ତି। ଶ୍ରଦ୍ଧାରେ ଯିଏ ଯାହା ଟେକିଦିଏ ପ୍ରଭୁ ସ୍ୱୀକାର କରନ୍ତି। ମାୟା, ମୋହ ଭରା ଏ ଦୁନିଆରେ କିଛି ବି ନିତ୍ୟ ନୁହେଁ, ସବୁ ଅଳୀକ, କ୍ଷଣିକ। କେବଳ ହରିନାମ ହିଁ ସତ୍ୟ। ସେଥିପାଇଁ କୁହାଯାଏ ହରି ଅନନ୍ତ ହରିକଥା ଅନନ୍ତ। ବିଷୟ ବାସନାରେ ବନ୍ଧା ହୋଇ ଏ ମଣିଷ ଆଜି ହରିଙ୍କଠୁ ଦୂରେଇ ଯାଉଛି। ଯେତେବେଳ ପର୍ଯ୍ୟନ୍ତ ଏ ମଣିଷ ମାୟାକୁ ସମ୍ମୁଖରେ ରଖିବ ସେତେବେଳ ଯାଏ ତା ଦେହର 'ଛାଇ' ତା ସମ୍ମୁଖରେ ହିଁ ରହିବ କିନ୍ତୁ ଯେତେବେଳେ ମଣିଷ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ଠିଆହେବ, ସେତେବେଳେ ତାର ଛାଇ ତା ପଛପଟକୁ ହିଁ ଚାଲିଯିବ। ସୂର୍ଯ୍ୟ ହେଲେ ଆଲୋକ, ଆଲୋକ ହେଲା ସତ୍ୟ। ଆଉ ସତ୍ୟ ହିଁ ଈଶ୍ୱର। ଅର୍ଥାତ୍ ଯେତେବେଳେ ମନୁଷ୍ୟ ଈଶ୍ୱରଙ୍କୁ ସମ୍ମୁଖରେ ରଖିବ ସେତେବେଳେ ଛାୟାରୂପୀ ମାୟା (ଅସତ୍ୟ) ତାର ପଛପଟକୁ ପଳାୟନ କରିବ। ପ୍ରକୃତ ଭକ୍ତ ଯିଏ ସିଏ ଜଡ଼ଠୁ ଚେତନ ସବୁ ଭିତରେ ଭଗବାନଙ୍କୁ ଦର୍ଶନ କରିଥାଏ।

ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ହାତୀ ଆକ୍ରମଣରେ ମହିଳା ଆହତ

କରଞ୍ଜିଆ, (ମହାଭାରତ) : କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅନ୍ତର୍ଗତ ଧାତକିଡ଼ିହା ଗ୍ରାମରେ ଶନିବାର ସକାଳେ ହାତୀ ଆକ୍ରମଣରେ ଜଣେ ମହିଳା ଆହତ ହୋଇଛନ୍ତି। ଆହତ ମହିଳା ଜଣକ ହେଉଛନ୍ତି ସେହି ଗ୍ରାମର ବିଜୁଳି ବିନିସିଆ ବୋଲି ଜଣା ପଡ଼ିଛି।ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ତାଙ୍କୁ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଛନ୍ତି।ସୂଚନା ଅନୁଯାୟୀ ହାତୀ ଆକ୍ରମଣରେ ଆହତ ମହିଳା ବିଜୁଳି ଓ ଗ୍ରାମର ଅନ୍ୟ ଜଣେ ମହିଳା ଙ୍କ ସହିତ ସକାଳ ପ୍ରାୟ ୭ ଟା ସମୟରେ ଗ୍ରାମ ନିକଟ ରେ ଥିବା ଆମ୍ବ ଗଛ କୁ ପାଚିଲା ଆମ୍ବ ଗୋଟାଇବାକୁ ଯାଉଥିଲେ। ଯିବା ସମୟରେ ସେମାନେ ଏକ ହାତୀ ସମ୍ମୁଖରେ ପଡି ଯାଇଥିଲେ।ଜଣେ ମହିଳା ହାତୀ କୁ ଦେଖି ଦୌଡ଼ି ପଳାଇ ଯାଇଥିବା ବେଳେ ବିଜୁଳି କୁ ହାତୀ ଶୁଣ୍ଢ ରେ ପେଲି ଦେଇ ହାତୀ ସେଠାରୁ ପଳାଇ ଯାଇଥିଲା।ପରେ ସଂଜ୍ଞାହୀନ ଅବସ୍ଥାରେ ଗ୍ରାମବାସୀ ବିଜୁଳି କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଥିଲେ।ସୂଚନା ପାଇ ସାତକୋଶିଆ ବନ୍ୟ ପ୍ରାଣୀ ବିଭାଗ ର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ର ଗତିବିଧି ଉପରେ ନଜର ରଖିଛନ୍ତି।

## ନୂଆଗାଁ ଥାନାରେ "ଜୁଭେଣ୍ଟିକା" ସଚେତନତା

ନୂଆଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ନୂଆଗାଁ ସଦର ମହକୁମାରେ ଥିବା ନୂଆଗାଁ ଥାନା କାର୍ଯ୍ୟାଳୟ ପରିସରରେ ଓଡିଶା ପୋଲିସ ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପିଲାମାନଙ୍କୁ ସେମାନଙ୍କର ଅଧିକାର, ସୁରକ୍ଷା ଏବଂ ସମାଜରେ ପୋଲିସର ଭୂମିକା ବିଷୟରେ ସଚେତନ କରିବା। ପୋଲିସ ଏବଂ କିଶୋର କିଶ୍ୱରୀ ମାନଙ୍କ ମଧ୍ୟରେ ଥିବା ଦୂରତାକୁ କମାଇବା ସହ ସେମାନଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇଦେବାରେ ସାହାଯ୍ୟ କରେ। ପୋଲିସ ଏବଂ କିଶୋର କିଶ୍ୱରୀ ବାଳିକା ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ଭୟକୁ କିଭଳି ଭାବରେ ଦୂର କରିହେବ ସେ ନେଇ ବିଭିନ୍ନ ଉଦାହରଣ ଦେଇ ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ବିସ୍ତୃତ୍ୱ ଭାବରେ ବୁଝେଇଥିଲେ। ଅନ୍ୟ ମାନଙ୍କ ଏଏସଆଇ ପ୍ରଶାନ୍ତ କୁମାର ବିଶ୍ୱାଳ, ମଦନ ମୋହନ ମହାପାତ୍ରଙ୍କ ସମେତ ପୋଲିସ କର୍ମଚାରୀ, ନୂଆଗାଁ ସିଡ଼ିପିଓ ଶୁଭ୍ରକେଶୀ ମଲ୍ଲିକ, ଅଙ୍ଗନବାଡି କର୍ମୀ, ସୁପରଭାଇଜର ଏବଂ କିଶୋରୀ, ବାଳିକା ମାନେ ଉପସ୍ଥିତ ରହିଥିଲେ।

## ପୁଣି ରାଜଧାନୀ ଉପକଣ୍ଠରେ ରକ୍ତର ଛିଟା ନିଶା କାରବାରକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା

ବାଲିପାଟଣା, (ମହାଭାରତ): ବାଲିପାଟଣା ଥାନା ଅଞ୍ଚଳରେ ଟଙ୍କା ଓ ନିଶା କାରବାରକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଲୁହା ରଡ୍‌ରେ ପିଟି ହତ୍ୟା କରାଯାଇଥିବା ବେଳେ, ଏହାକୁ ନେଇ ଆଜି ଅଠାନ୍ତର ଗ୍ରାମରେ ଭୟଙ୍କର ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ରାସ୍ତାରେ ଟାୟାର ଜାଳିବା ସହ ଦୋକାନ ବଜାର ଭଙ୍ଗାରୁଜା କରିଛନ୍ତି ।ରାକେଶଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଆଜି ସକାଳୁ ଅଠାନ୍ତର ଛକ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଅଭିଯୁକ୍ତଙ୍କ ଗୋଷ୍ଠୀକୁ କେନ୍ଦ୍ର କରି ଦୁଇ ସଂପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ନ୍ୟାୟ ଦାବିରେ ଉତ୍ୟକ୍ତ ଲୋକେ ରାସ୍ତା ଉପରେ ଟାୟାର ଜାଳି ପ୍ରତିବାଦ କରିବା ସହ ଅଠାନ୍ତର ଛକରେ ଥିବା ମଟନ ଦୋକାନ, ଫଳ ଦୋକାନ ଓ ନିଶା କାରବାର ହେଉଥିବା ସନ୍ଦେହରେ ଅନେକ କ୍ୟାବିନକୁ ବାଡେଇ ଭାଙ୍ଗି ଦେଇଥିଲେ। ଏପରିକି ଏକ ଛୋଟ ମନ୍ଦିର ଓ କିଛି ଦୋକାନରେ ନିଆଁ ଲଗାଇ ଦିଆଯାଇଥିବା ସୂଚନା ମିଳିଛି।ପରିସ୍ଥିତି ଜଟିଳ ହେବାରୁ ଘଟଣାସ୍ଥଳରେ କମିଶନରେଟ୍ ପୋଲିସର ବରିଷ୍ଠ ଅଧିକାରୀ ଓ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତର ନମୁନା ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଛି। ଆଜି ପ୍ରାୟ ୫ ରୁ ୬ ଘଣ୍ଟା ଧରି ମୁଖ୍ୟ ରାସ୍ତା ଅବରୋଧ ହେବା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଓ ଆଡିସିନାଲ୍ ଡିସିପି ବିଷ୍ଣୁ ପ୍ରସାଦ ପତି ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ୫ ଲକ୍ଷ ୨୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ, ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଅଞ୍ଚଳରେ ନିଶା କାରବାର ବନ୍ଦ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିଲେ ହେଁ ଅଞ୍ଚଳରେ ଚାପା ଉତ୍ତେଜନା ବଜାୟ ରହିଛି। ବାଲିପାଟଣା ବ୍ଲକ କଂଗ୍ରେସ ସଭାପତି ଶୈଳେନ୍ଦୁ ଦାସ ଓ ବାଲିଅନ୍ତା କଂଗ୍ରେସ ସଭାପତି ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାଲିପାଟଣା ଛକ ନିକଟରୁ ବାହାରି ଥାନା ସମ୍ମୁଖରେ ଆଇନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା ।

## ଫର୍ଣ୍ଣିଚର ପ୍ଲାଜା ଓ ଇଲେକ୍ଟ୍ରୋନିକ୍ସର ନବମ ବାର୍ଷିକ ଉତ୍ସବ

ପାରାଦୀପ, (ମହାଭାରତ) : ପାରାଦୀପ ଅଂଚଳର ପ୍ରତିଷ୍ଠିତ ବ୍ୟବସାୟୀକ ଅନୁଷ୍ଠାନ ଫର୍ଣ୍ଣିଚର ପ୍ଲାଜ ଓ ଇଲେକ୍ଟ୍ରୋନିକ୍ସର ନବନ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପାରାଦୀପ ଉପକଣ୍ଠ ଦୋଛକିସ୍ଥିତ ବ୍ୟବସାୟୀକ ପ୍ରତିଷ୍ଠାନରେ ଏହି ଅବସରରେ ଏକ ଭବ୍ୟ ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ପ୍ରଭାତ କୁମାର ମହାନ୍ତି, ଭବାନୀ ଶଙ୍କର ଦାସ, ଦିନେଶ କୁମାର ବିଶୋଇ, ଶ୍ରୀପତି ସ୍ୱାଇଁ, ଫର୍ଣ୍ଣିଚର ପ୍ଲାଜ ଓ ଇଲେକ୍ଟ୍ରୋନିକ୍ସର ଉପଦେଷ୍ଟା ନିରଂଜନ ଭଙ୍ଗ, ସମାଜସେବୀ ସୁଶୀଲ ମହାପାତ୍ର ପ୍ରମୁଖ ଯୋଗ ଦେଇ ଏହି ପ୍ରତିଷ୍ଠାନ ନଅ ବର୍ଷ ଧରି ସାଧାରଣ ଗ୍ରହକମାନଙ୍କ ପ୍ରିୟ ଭାଜନ ହୋଇପାରିଥିବା ନେଇ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ ଫର୍ଣ୍ଣିଚର ପ୍ଲାଜ ଓ ଇଲେକ୍ଟ୍ରୋନିକ୍ସର ମ୍ୟାନେଜିଙ୍ଗ ପାର୍ଟନର ଦିପ୍ତିରଂଜନ ନାୟକ । ଏହି ଅବସରରେ ବିକ୍ରୟ ଉପରେ ଲଟେରି ଉଠାଣ ହୋଇଥିଲା । ସଫଳ ବିଜେତାମାନଙ୍କୁ ଉତ୍ସବସ୍ଥଳରେ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ପୋଲିସ କୁ ଟେକା ପଥର ମାଡ ପଡିଲା ମହଙ୍ଗା ।

ହାଟଡିହି, (ମହାଭାରତ) : ହାଟଡିହି ଅଞ୍ଚଳ ରେ ପୋଲିସ ପେଟ୍ରୋଲିଂ ବେଳେ ଟେକା ପଥର ମାଡ ଘଟଣା ରେ ପୋଲିସ ଆକ୍ସନ ମୁଡ କୁ ଆସିଛି।କେନ୍ଦୁଝର ଏସ.ପି ନୀତିନ କୁଶଲକର ଟାଗୁଡୁ ଙ୍କ ନିର୍ଦ୍ଦେଶ କ୍ରମେ ନନ୍ଦିପଦା ଥାନା ର ସ୍ପେସିଆଲ ସ୍କ୍ୱାର୍ଡ ଭାର ପ୍ରାପ୍ତ ବଳିଆ ବାରିକ ଜିଲ୍ଲା ଏଡିଆର ପୋଲିସ ଫୋର୍ସ ଟିମ୍ ର ମିଳିତ ଚଢାଉ ରେ ଗତ କାଲି ବିଳମ୍ବିତ ରାତି ରେ ୫ ଟି ଚୋରା ବାଲି ବୋଝେଇ ହାଇୱା ସହ ୧୬ ଜଣଙ୍କୁ ଗିରଫ କରିଛି ନନ୍ଦିପଦା ପୋଲିସ। ପୋଲିସର କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ପୋଲିସ ଗାଡ଼ିକୁ ଟେକା ପଥର ଫିଙ୍ଗିବା ଘଟଣାରେ ଏହି ଗିରଫ ହୋଇଛି।ଏହି ଘଟଣା ଡିମିରିଆ ଛକ ନିକଟରେ ହୋଇଥିବା ବେଳେ ପୋଲିସ ଗାଡ଼ି କୁ ଟେକା ପଥର ଫିଙ୍ଗିବା ର ପରିଣତି ଏପରି ହୋଇଥିବା କୁହା ଯାଇଛି। ନନ୍ଦିପଦା ପୋଲିସ ବିଭିନ୍ନ ଥାନାରେ ୬ ଟି ମାମଲା ରୁଜୁ କରିବା ସହ ଭାରତୀୟ ନ୍ୟାୟ ସଂହିତାଧାରାଅନୁଯାୟୀ ୧୯୧(୨), ୧୯୧(୩), ୧୨୬(୨), ୧୦୯,୧୩୨, ୧୨୧(୧),୨୨୧,୨୯୬, ୩୫୧(୩),୧୯୦ ଏବଂ ଓଡ଼ିଶା ମାଇନିଙ୍ଗ ରୁଲ୍ ଧାରା ୫୧(୧)(ସ) ରେ ୬ଟି ମାମଲା ରୁଜୁ କରିଛି। ଏହି ଘଟଣା ରେ ଆନନ୍ଦପୁର ଏସଡିପିଓ କମଳ ଲୋଚନ ପଣ୍ଡା କହିଛନ୍ତି ଏହି ଘଟଣା ରେ ୧୧ଟି ହାଇୱା ୪ଟି ପୋକଲିନ ମେଶିନି, ୭ଟି ଏସକଟର ସହ ମୋଟ ୧୬ ଜଣ ଙ୍କୁ ପୋଲିସ କାଠ ଗଡା ରେ ଛିଡ଼ା କରିବାକୁ ଲମ୍ବା ଚିଠା ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ଏହି ମାମଲା ରେ ପୋଲିସ ମାମଲା ରୁଜୁ କରିଥିବା ଅଭିଯୁକ୍ତ ମାନେ ହେଲେ ରାଧାମୋହନ ବାରିକ,ପ୍ରହଲ୍ଲାଦ ,ବାରିକ ,ଲିଟୁ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ,ରବୀନ୍ଦ୍ର ବାରିକ, ଡିମିରିଆ ଗ୍ରାମ ର ହୋଇଥିବା ବେଳେ ସେହିପରି ଅଜୟ କୁମାର ଜେନା ସୁଲଣ ଗାଁ ରୁ,ସୋମନାଥ ରାଜ, ଅଣା ଗ୍ରାମ ର ଯୁବକ ଅଟନ୍ତି।ସୁଧୀର ଗାଡି ଓ ସଙ୍କର୍ଷଣ ଜେନା ନାମକ ଯୁବକ ଅସୁରା, ଭଦ୍ରକ ଗ୍ରାମୀଣ, ଅଞ୍ଚଳ ର ବୋଲି ଜଣା ପଡ଼ିଛି ।

# ମା' ଭଗବତୀଙ୍କ ଚାପ କ୍ରୀଡ଼ା



ବାଣପୁର, (ମହାଭାରତ) : ମାଜଣା ପୁଷ୍କରିଣୀରେ ତିନି ଦିନ ଧରି ହେବ ପ୍ରସିଦ୍ଧ ଭଉଁରୀଯାତ୍ରା । ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଛି ମା' ଭଗବତୀଙ୍କ ପୀଠରେ ଚନ୍ଦନଯାତ୍ରା । ଚନ୍ଦନ ହେଉଛି ଶୀତଳ କାରକ । ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପରୁ ଦେବାଦେବୀଙ୍କ ଶ୍ରୀଅଙ୍ଗକୁ ଶୀତଳ ପ୍ରଦାନ ନିମନ୍ତେ ପ୍ରତ୍ୟହ ଦି ପ୍ରହର ଶଙ୍କୁଡ଼ି ଧୂପ ପରେ ଦେବାଦେବୀଙ୍କ ଚଳନ୍ତିପ୍ରତିମାଙ୍କୁ ପାଟବସ୍ତ୍ର ଓଲାଗି କରାଯାଇ ସୁକ୍ଷ୍ମବସ୍ତ୍ର ପତନୀ ପିନ୍ଧାଯାଇ ଘୋରା ଚନ୍ଦନରେ ସୁବାଷିତ ଶ୍ରୀକର୍ପୁର, ଜାଇଫଳ, ଅଗୁରୁ, ଗୋଲାପ ଜଳ ମିଶ୍ରିତ ଲେପ ପ୍ରତିମାଙ୍କ ଦେହରେ ଲେପନ କରାଯାଇ ଶରୀରକୁ ଶୀତଳ ରଖାଯାଏ ଏବଂ ଅପରାହ୍ନ ପର୍ଯ୍ୟନ୍ତ ମଲ୍ଲି ଜୁଇ, ଜାଇ, ଚମ୍ପା, ଗୋଲାପ ପରି ସୁବାଷିତ ପୁଷ୍ପ ପରିବେଷ୍ଟିତ ଚନ୍ଦନ କୁଣ୍ଡ ଜଳରେ ପ୍ରତିମାଙ୍କୁ ରଖି ଶୀତଳ ମଣୋହୀ ଆଳତି ପରେ ସଂଧ୍ୟାରେ ରତ୍ନସିଂହାସନରେ ବିଜେ କରାଯାଇ ନିଶଙ୍କୁଡ଼ି ଧୂପ ଆଳତି ବଢ଼ିବା ପରେ ବଡ଼ସିଂହାର ଧୂପ ହୋଇ ପହଡ଼ ପଡ଼େ । ବୈଶାଖ ଶୁକ୍ଳ ତୃତୀୟାଠାରୁ ଆରମ୍ଭ ଏହି ଚ ?ନ୍ଦନ ଯାତ୍ରାର ଶେଷ ତିନିଦିନ ଜ୍ୟେଷ୍ଠ କୃଷ୍ଣଷଷ୍ଠୀ, ସପ୍ତମୀ, ଅଷ୍ଟମୀ ଚଳନ୍ତି ପ୍ରତିମାଙ୍କୁ ସାଂଧ କାଳର ଶୀତଳ ପବନ ସ୍ପର୍ଶ ନିମନ୍ତେ ମାଜଣା ପୁଷ୍କରିଣୀରେ ଜଳକ୍ରୀଡା ଚାପଯାତ୍ରା ପାଇଁ ଚନ୍ଦନଚକଡ଼ା ଠାକୁ ବିଜେ କରାଯାଏ । ସେଠାରେ ମା'ଙ୍କ ସହିତ ଶାସନ ଠାକୁର ଠାକୁରାଣୀଙ୍କୁ ପଞ୍ଚଉପଚାରରେ ଶୀତଳ ମଣୋହୀ କରାଯାଇ ସୁସଜ୍ଜିତ ନୌକାରେ ସାତଥର ନୌବିହାର ସାରି ପୁଣି ପୁଷ୍କରିଣୀ କୂଳର ଚନ୍ଦନ ଚକଡ଼ାକୁ ଓହ୍ଲାଇ ଶୀତଳ ମଣୋହୀ ଆଳତି ସାରି ଦ୍ୱିତୀୟ ନୈବିହାର ପରେ ମଧରାତ୍ରରେ ଦେବା ଦେବୀ ମାନେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ପରେ ବଡ଼ସିଂହାର ଧୂପ ହୋଇ ରାତ୍ରପହୁଡ଼ ନୀତିକାନ୍ତି ହେବାର ପରମ୍ପରା କାହିଁ କେଉଁ କାଳରୁ ଚଳିଆସିଛି । ମା'ଙ୍କବାରମାସର ତେର ଯାତ୍ରା ମଧ୍ୟରୁ ପ୍ରସିଦ୍ଧ ଉଉଁରୀ ଯାତ୍ରା ଅନ୍ୟତମ । ଦେବୀ ଠାକୁରାଣୀ ବର୍ଷରେ ଦୁଇଥର ନୌବିହାର କରନ୍ତି । ଭାଦ୍ରବ ଶୁକ୍ଳ ସପ୍ତମୀରେ ଚିଲିକାରେ ନୌବିହାର ଏବଂ ଜ୍ୟେଷ୍ଠ କୃଷ୍ଣଷଷ୍ଠୀ, ସପ୍ତମୀ, ଅଷ୍ଟମୀ ତିନିଦିନ ଧରି ଗୋପାଳପୁର ଶାସନର ମାଜଣା ପୁଷ୍କରିଣୀରେ ମା' ସାଆନ୍ତାଣୀଙ୍କ ଚାପ କ୍ରୀଡ଼ା ଓ ଉଉଁରୀ ଯାତ୍ରା ସମଗ୍ର ଉତ୍କଳରେ ନିଆରା ପରମ୍ପରା । ବାଣପୁର ଅଞ୍ଚଳର ଆଠବ୍ରାହ୍ମଣଶାସନ ମଧ୍ୟରୁ ତିନିଶାସନ ଗୋପାଳପୁର, କୋଟ ବିଦ୍ୟାଧରପୁର ସହିତ ପାଟପୁର ଶାସନବାସୀଙ୍କ ନିମନ୍ତ୍ରଣ କ୍ରମେ ମା' ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ସ୍ତମ୍ଭେଶ୍ୱରୀ , ଶ୍ରୀ ଶ୍ରୀ ଦକ୍ଷେଶ୍ୱର ଦେବ, ଶ୍ରୀ ଶ୍ରୀ ଗୋପୀନାଥ ଦେବ ଏବଂ ଶ୍ରୀ ଶ୍ରୀରଙ୍ଗନାଥ ଦେବ ନିଯୋଗୀ ସେବାୟତଙ୍କ ସହିତ ଥାଟ ପଟୁଆର ଘଣ୍ଟଘଣ୍ଟା କାହାଳୀ ବାଜାରୋଷଣୀରେ ଗୋପାଳପୁର ନିକଟସ୍ଥ ମାଜଣା ପୁଷ୍କରିଣୀ କୂଳରେ ଚନ୍ଦନଚକାଡ଼ାରେ ପହଞ୍ଚିବା ପରେ ଏହି ଯାତ୍ରା ଆରମ୍ଭ ହୁଏ । ଚଳିତ ବର୍ଷ ମନ୍ଦିର ଦେବୋତ୍ତର କାର୍ଯ୍ୟାଳୟ ସହିତ ପାଟପୁର କୋଟପୁର ଓ ଗୋପାଳପୁର ଶାସନବାସୀଙ୍କ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା ସହିତ ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ରାମନାଟକ ଆୟୋଜନ କରାଯାଇଥିବା କଥା ମୁଖ୍ୟ ସଂଯୋଜକ ମହେଶ କୁମାର ଦାଶଙ୍କ ଠାରୁ ପ୍ରକାଶ ।

## କାର ଧକ୍କାରେ ବୃଦ୍ଧ ଆହତ, ଥାନାରେ ମାମଲା

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବସ୍ତଡିହର ନବଘନ ମଲ୍ଲିକ ଚା ପିଇ ଫେରୁଥିଲା ବେଳେ କାର ଧକ୍କା ଦେବାରୁ ଗୁରୁତ୍ୱର ଆହତ ହୋଇଛନ୍ତି। ଏହାକୁ ନେଇ ତାଙ୍କ ପୁଅ ନିରଞ୍ଜନ ମଲ୍ଲିକ ଥାନାରେ ଅଭିଯୋଗ କ୍ରମେ ୧୨୨/୨୬ରେ ଏକ ମାମଲା ରୁଜୁ ହୋଇଛି। ସୂଚନାନୁସାରେ ୦୩ ତାରିଖ ଦିନ ନବଘନ ମଲ୍ଲିକ ଚା ପିଇ ଘରକୁ ଫେରୁଥିଲା କାକଟପୁରରୁ ଅସ୍ତରଙ୍ଗ ଅଭିମୁଖେ ଆସୁଥିବା କାର ନଂ ଓଡି୦୨ବିଏଲ- ୬୯୯୫ ଗାଡିଟି ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ବୃଦ୍ଧ ଜଣକ ପଡିଯିବାରୁ ତାଙ୍କର ଡାହାଣପଟ ଗୋଡ ଭାଙ୍ଗିଯାଇଥିଲା। ସ୍ଥାନୀୟ ଲୋକେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆଶୁ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଭଲ ନଥିବାରୁ ତାଙ୍କୁ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ଏ ବିଷୟରେ ବୃଦ୍ଧଙ୍କ ପୁଅ ନିରଞ୍ଜନ ମଲ୍ଲିକ ଗତ ୭ ତାରିଖ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିବାରେ ୧୨୨/୨୬ ରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ୧୫.୬୫ ଲକ୍ଷ ଟଙ୍କାରେ ଗୋରୁ ବଜାର ନିଲାମ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଗୋରୁ ହାଟ, ସାପ୍ତାହିକ ବଜାର, ମାଉଳି ମଣ୍ଡେଇ ଓ କଲ୍ୟାଣ ମଣ୍ଡପ ସହ ମୋଟ ୪ଟି ସଂସ୍ଥାର ନିଲାମ ପ୍ରକ୍ରିୟା ଗୁରୁବାର ଦିନ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ସେଥିମଧ୍ୟରୁ ଗୋରୁ ବଜାର ସର୍ବୋଚ୍ଚ ୧୫ ଲକ୍ଷ ୬୫ ହଜାର ୭୩୦ ଟଙ୍କାରେ ନିଲାମ ହୋଇଥିଲା। ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପତ୍ର ସଂଖ୍ୟା ୧୧୨୦/୧୫.୦୪.୨୬ ରେ ରାଇଘର ଗ୍ରାମପଞ୍ଚାୟତକୁ ହସ୍ତାନ୍ତର ହୋଇଥିବା ସମସ୍ତ ସାପ୍ତାହିକ ହାଟଗୁଡ଼ିକର ନିଲାମ ପ୍ରକ୍ରିୟା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରେ ପଞ୍ଚାୟତ କର୍ତ୍ତୃପକ୍ଷ ପତ୍ର ସଂଖ୍ୟା ୯/ ୨୦୨୬ ଅନୁଯାୟୀ ନିଲାମ ସମ୍ପର୍କିତ ନୋଟିସ ପ୍ରକାଶ କରିଥିଲେ।ଗୁରୁବାର ସକାଳେ ରାଇଘର ପଞ୍ଚାୟତ କାର୍ଯ୍ୟାଳୟରେ ନିଲାମ ପ୍ରକ୍ରିୟା ଆରମ୍ଭହୋଇଥିଲା। ଏହି ପ୍ରକ୍ରିୟାକୁ ତଦାରଖ କରିବା ଲାଗି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ ଯୋଗ ଦେଇଥିଲେ। ଜିପିଡିଓ ମଣ୍ଡୁ ସ୍ୱାଇଁ, ସରପଞ୍ଚ ଲମ୍ବଧର ମାଝୀ, ପଞ୍ଚାୟତ ଅଧିକାରୀ ପିଣ୍ଟୁ ଦେ, ସମିତି ସଭ୍ୟ ରାମନାଥ କେଉଟ ଏଡିଇଓ ପ୍ରଦୀପ ବାହୁକ ଉପସ୍ଥିତିରେ ନିଲାମ ପ୍ରକ୍ରିୟା ଆରମ୍ଭ ହେଇଥିଲା। ପଞ୍ଚାୟତବାସୀଙ୍କ ସହ ନିଲାମ ପ୍ରକ୍ରିୟାରେ ଶତାଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ନିୟମ ଅନୁସାରେ ଗୋରୁ ହାଟ ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ପୂର୍ବରୁ ଅମାନତ ଆକାରରେ ୧ ଲକ୍ଷ ୫୬ ହଜାର ଟଙ୍କା ଗ୍ରାମ ପଞ୍ଚାୟତରେ ଜମା କରିଥିଲେ। ସର୍ବୋଚ୍ଚ ଡାକ ଦେଇଥିବା ନିଲାମକାରୀଙ୍କ ଅମାନତ ଗ୍ରାମ ପାଣ୍ଠିରେ ରଖାଯିବା ସହ ଅନ୍ୟମାନଙ୍କର ଫେରସ୍ତ କରାଯିବ ବୋଲି ନିୟମ ରହିଥିଲା।ଟଙ୍କା ଡାକ ପ୍ରଥମେ ଗୋରୁ ବଜାର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଥିଲା ଓ ଏଥିରେ ମୋଟ ୩୧ ଜଣ ଭାଗ ନେଇଥିଲେ। ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ସର୍ବୋଚ୍ଚ ୧୫ ଲକ୍ଷ ୬୫ ହଜାର ୭୩୦ ଟଙ୍କା ଡାକ ହୋଇଥିଲା। ଜିତୁ ଶ୍ରୀବାସ୍ତବ ସର୍ବୋଚ୍ଚ ଡାକ ଦେଇ ନିଲାମରେ ଅଗ୍ରଣୀ ହୋଇଥିଲେ। ସେହିପରି ରାଇଘର ସାପ୍ତାହିକ ହାଟ ୭୧ ହଜାର ୫ଶହ ଟଙ୍କାରେ ନିଲାମ ହୋଇଥିଲା। ଚାରିଟି ନିଲାମ ମଧ୍ୟରୁ ଗୋରୁ ହାଟ ନିଲାମକୁ ନେଇ ସବୁଠାରୁ ଅଧିକ ଚର୍ଚ୍ଚା ହୋଇଥିଲା। ପୂର୍ବବର୍ଷଗୁଡ଼ିକରେ ଏହି ନିଲାମକୁ କେନ୍ଦ୍ର କରି ବିବାଦ ଦେଖାଯାଇଥିଲେ ମଧ୍ୟ ଏବର୍ଷର ପ୍ରକ୍ରିୟା ଶାନ୍ତି ଶୃଙ୍ଖଳାରେ ସମାପ୍ତ ହୋଇଥିଲା।

## ସଭିଲକୋର୍ଟ ପରିସରରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ



ଢେଙ୍କାନାଳ, (ମହାଭାରତ) : ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ପ୍ରଣବ କୁମାର ରାଉତରାୟଙ୍କ ତତ୍ୱାବଧାନରେ ଢେଙ୍କାନାଳ ସଭିଲକୋର୍ଟ ପରିସର ମଧ୍ୟରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଜିଲାର ସମସ୍ତ ଅଦାଲତର ମୋଟ ୨୭୮୮ଟି ମାମଲା ଫଏସଲା କରାଯାଇଛି । ସେଥିମଧ୍ୟରୁ ମୋଟର ଦୁର୍ଘଟଣା ଜନିତ ୧୩ଟି, ବିବାହ ଓ ପାରିବାରିକ ମାମଲା ୯ଟି, ଦେୱାନୀ ମାମଲା ୪୫ଟି, ବିଭିନ୍ନ ପ୍ରକାରର ଫୌଜଦାରୀ ମାମଲା ୭୯୮ଟି, ରାଜସ୍ୱ ମାମଲା ୧୯୨୩ଟି ସମାଧାନ କରାଯାଇଛି । ବ୍ୟାଙ୍କ ମାମଲା ଗୁଡିକ ଆପୋଷ ଭାବରେ ସମାଧାନ କରାଯାଇଛି । ମୋଟର ଦୁର୍ଗଟଣାଜନିତ ପ୍ରାପ୍ୟ ବାବାଦକୁ ୬୨ ଲକ୍ଷ ୯୫ ହଜାର ଟଙ୍କା ପ୍ରଦାନ କରାଯାଇଛି ଏବଂ ଅନ୍ୟାନ୍ୟ ମାମଲା ଗୁଡିକରେ ଜୋରିମାନା ଓ ବ୍ୟାଙ୍କ ଋଣ ଫଏସଲା ବାବଦକୁ ୩୪ ଲକ୍ଷ ୧୩ ହଜାର ୪୪୦ ଟଙ୍କା ଜିଲାର ସମସ୍ତ ଅଦାଲତ ମାନଙ୍କରେ ଆଦାୟ କରାଯାଇଛି । ଢେଙ୍କାନାଳ ସଭିଲ କୋର୍ଟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଥିବା ରାଷ୍ଟ୍ରୀୟ ଲୋକ ଅଦାଲତରେ ପାରିବାରିକ ଅଦାଲତର ବିଚାରପତି ଦୀପକ କୁମାର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଛାୟାକାନ୍ତ ଦାଶ, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ବରିଷ୍ଠ ଦେୱାନୀ ଅଦାଲତ (ଏଲଆରଓଏଲଟିଭି) ବିଚାରପତି ବିଜୟ କୁମର ଦାସ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସାନ୍ତା ସାମଲ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଅରିଜିତ ଦାସ, ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରଟ ରେସ୍ମାଧଳ ବିସୋଇ, ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ହୃଶିକେଷ ଖେମୁଣ୍ଡୁ ବିଭିନ୍ନ ଅଦାଲତ ଗୁଡିକ ପରିଚାଳନା କରିଥିଲେ । ଉକ୍ତ ଅଦାଲତରେ ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ବିକ୍ରମ କେଶରି ପଟ୍ଟନାୟକ, ରେଜିଷ୍ଟ୍ରାର ସଭିଲିକୋର୍ଟ ସସ୍ମିତା ନାୟକ ଉପସ୍ଥିତ ଥିଲେ । ଜିଲା ଆଇନସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ଏବଂ ନିରନ୍ତର ଲୋକଅଦାଲତର ବିଚାରପତି ଶୁଭଙ୍କର ମିଶ୍ର ଅଦାଲତକୁ ପରିଚାଳନା କରିଥିଲେ । ଜିଲା ଆଇନସେବା ପ୍ରାଧିକରଣ ପ୍ୟାନେଲଲୟର, ପିଏଲଭି ଜିଲା ଆଇନସେବା ପ୍ରାଧିକରଣ ଓ ସିଭିଲକୋର୍ଟର ସମସ୍ତ କର୍ମଚାରୀ ଲୋକ ଅଦାଲତକୁ ସୁଚାରୁରୁପେ ପରିଚାଳନାରେ ସହଯୋଗ କରିଥିଲେ ।

## ଦଶପଲ୍ଲାରେ ଭକ୍ତିମୟ ପରିବେଶରେ ଚନ୍ଦନ ଯାତ୍ରା




ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ବାବୁ ବସା ପୋଖରୀରେ ପବିତ୍ର ଚନ୍ଦନ ଯାତ୍ରା ଅବସରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଦୀର୍ଘ ୩୩ ବର୍ଷର ବ୍ୟବଧାନ ପରେ ପୁଣି ଥରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଏହି ଯାତ୍ରା ଅନୁଷ୍ଠିତ ହୋଇଯାଇଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଦେବତାଙ୍କ ଜଳକ୍ରୀଡ଼ା ଓ ଚାପ ଖେଳ ଉତ୍ସବରେ ଦଶପଲ୍ଲାର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ, ଶ୍ରୀ ରାଧାକାନ୍ତ, ଶ୍ରୀ ନୀଳକଣ୍ଠେଶ୍ୱର ଓ ଶ୍ରୀ କିଶୋରେଶ୍ୱରଙ୍କୁ ପଟୁଆରରେ ସହର ପରିକ୍ରମା କରି ସୁସଜ୍ଜିତ ଚାପରେ ବିଜେ କରାଯାଇଥିଲା। ପାରମ୍ପରିକ ପୂଜାର୍ଚ୍ଚନା ପରେ ବାବୁ ବସା ପୋଖରୀରେ ପ୍ରଭୁଙ୍କ ଚାପ ଖେଳ ଓ ଜଳକ୍ରୀଡ଼ା ଆରମ୍ଭ ହୋଇଥିଲା। ଚାପ ଖେଳ ସମୟରେ ପରିବେଷିତ ଓଡ଼ିଶୀ ଓ ମାହାରୀ ନୃତ୍ୟ। ମୃଦଙ୍ଗ ଓ ଝାଞ୍ଜର ଶବ୍ଦ ସହ ଶାସ୍ତ୍ରୀୟ ନୃତ୍ୟର ତାଳେ ତାଳେ ବିଗ୍ରହମାନଙ୍କୁ ପୁଷ୍କରିଣୀ ମଧ୍ୟରେ ଭ୍ରମଣ କରାଯାଇଥିଲା। ପରେ ଦେବତାମାନଙ୍କୁ ଏକ ବିଶାଳ ପଟୁଆରରେ ନଗର ପରିକ୍ରମା କରାଯାଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ରାଜା-ରାଜୁଡ଼ା ଅମଳରୁ ପ୍ରଚଳିତ ଏହି ଚନ୍ଦନ ଯାତ୍ରା ଅଜ୍ଞାତ କାରଣବଶତଃ ପ୍ରାୟ ୩୩ ବର୍ଷ ଧରି ବନ୍ଦ ରହିଥିଲା। ଦଶପଲ୍ଲା ତହସିଲଦାରଙ୍କ ପ୍ରଚେଷ୍ଟା ଓ ତତ୍ପରତା ଯୋଗୁଁ ଏହି ପୁରାତନ ପରମ୍ପରା ପୁଣି ଜୀବନ୍ତ ହୋଇପାରିଛି। ଏଥିପାଇଁ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଜନସାଧାରଣ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି।

## ନିଆଁଲାଗି ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ସରିଗଣ୍ଡା ପଞ୍ଚାୟତ ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମରେ ରହୁଥିବା କୁନା କର୍ମୀ ନାମକ ବ୍ୟକ୍ତିଙ୍କ ଗ୍ରୋସରୀ ଦୋକାନ ସର୍ଟସର୍କିଟ ଯୋଗୁଁ ସମ୍ପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଥିବା ଜଣାପଡ଼ିଛି। ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁ କୁ ଆୟତ୍ତ କରିଥିଲେ। ହେଲେ ନିଆଁ ଲିଭିଲା ବେଳକୁ ଦୋକାନର ସମସ୍ତ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା।ମିଳିଥିବା ସୂଚନା ଅନୁଯାଇ ବହୁ ବେସରକାରୀ ସଂସ୍ଥା ରୁ ଋଣ ଆଣି ଗତକିଛିଦିନ ତଳେ କୁନା ଦୋକାନଟି କରିଥିବା ବେଳେ ଆଜି ନିଆଁ ଲାଗିଯାଇଥିଲା।ଋଣ ଟଙ୍କା କିପରି ପରିଶୋଧ କରିବେ ସେ ନେଇ କୁନାଙ୍କ ପରିବାର ଭାଙ୍ଗି ପଡିଛନ୍ତି।

# ଉମରକୋଟରେ ଜବର ଦଖଲକାରିଙ୍କ ଘର ଭାଙ୍ଗିଲା ପ୍ରଶାସନ



ଉମରକୋଟ, (ମହାଭାରତ) : ଆଜି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ପୂର୍ବରୁ ନୋଟିସରେ ଥିବା ଘର ଗୁଡିକ ର ଜବରଦଖଲ ଉଚ୍ଛେଦ ଉମରକୋଟ ପୋଲିସ ଓ ତହସିଲ କର୍ମଚାରୀଙ୍କ ଦ୍ୱାରା କରାଯାଇଛି। ସେଥି ମଧ୍ୟରୁ ସରକାରୀ ଜମି ରେଜବରଦଖଲ କରି ଘର ଓ ବ୍ୟବସାୟ ଭିତ୍ତିରେ ଷ୍ଟଲ ନିର୍ମାଣ କରିଥିବା ୧୦ ଟି ନିର୍ମାଣ ସୌଧ କୁ ଭାଙ୍ଗି ଦିଆଯାଇଛି। ଉମରକୋଟ ତହସିଲଦାରଙ୍କ ସୂଚନା କ୍ରମେ ୧୭ ଜଣଙ୍କୁ ପୂର୍ବରୁ ନୋଟିସ ଦିଆ ଯାଇଥିବା ବେଳେ ସାତ ବ୍ୟକ୍ତି କୋର୍ଟ ରୁ ଆଗୁଆ ରହିତାଦେଶ ଆଣିଥିବା ବେଳେ ସେମାନଙ୍କୁ ବାଦ ଦେଇ ବଳକା ଷ୍ଟଲ ଓ ବେଆଇନ ଘରକୁ ଉଚ୍ଛେଦ କରାଯାଇଛି। ଷ୍ଟାଡିଅମ ସାମ୍ନାରେ ଥିବା ଜବରଦଖଲ ଉଚ୍ଛେଦ ପାଇଁ ପକ୍ରିୟା ଆରମ୍ଭ ହେଇଥିବା ବେଳେ କୋର୍ଟଙ୍କ ରହିତା ଦେଶ ଥିବାରୁ ପରବର୍ତ୍ତୀ ଆଦେଶକୁ ଅପେକ୍ଷା ରହିଛି। ଆଜି କେବେଳ ଦାରାଘାଗୁଡା ର ଗୋଟିଏ ଷ୍ଟଲ ଓ ମେନ୍ଦାବେଡା ନିକଟରେ ୬ଟି ଘରକୁ ଜେସିବି ସହାୟତାରେ ଉଚ୍ଛେଦ କରାଯାଇଛି। କୋର୍ଟଙ୍କ ଅଙ୍କୁଶ ହଟିଲେ ତାହା ମଧ୍ୟ ବହୁ ଶୀଘ୍ର ଉଚ୍ଛେଦ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି। ଆଗକୁ ଉମରକୋଟରେ ସରକାରଙ୍କ ବହୁ ଜନକଲ୍ୟାଣ ଯୋଜନା ମଧ୍ୟରୁ ସ୍ୱତନ୍ତ୍ର ସର୍କିଟ ହାଉସ, ପ୍ରସ୍ତାବିତ ନୂତନ ବସ ଷ୍ଟାଣ୍ଡ, କୋର୍ଟ ଗୃହ, ଏମିତି ଅନେକ ଯୋଜନା ଥିବାରୁ ଜମିର ଆବଶ୍ୟକ ନିମନ୍ତେ ନିର୍ଦ୍ଦେଶ ରହିଛି ବୋଲି କହିଥିଲେ। ଜବରଦଖଲ ଉଚ୍ଛେଦ ସମୟରେ ଉମରକୋଟ ତହସିଲଦାର ମେଘବାନ ବାଗ, ଅତିରିକ୍ତ ତହସିଲଦାର, ଟାଉନ ଆର. ଆଇ, ଉମରକୋଟ ଥାନା ଅଧିକାରୀ ବିପିନ କୁମାର ବାଘ,ଏସ. ଆଇ ସଞ୍ଜୟ ମଣ୍ଡଳ ଓ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ।

## ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ




ଗଜଗପତି(ମହାଭାରତ): କମିଶନର ଅଫ ଫୁଡ ସେଫଟି ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଏବଂ ଟ୍ରେନିଂ ସହଯୋଗୀ ଉତ୍ସର୍ଗ ଅନୁଷ୍ଠାନର ମିଳିତ ସହଯୋଗରେ ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର ବିଜୁ କଲ୍ୟାଣ ମଣ୍ଡପ ଠାରେ ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତା ଉପରେ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନବାଡି କେନ୍ଦ୍ରରେ ଖାଦ୍ୟ ପ୍ରସ୍ତୁତି ଓ ବିତରଣ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବା ଅଙ୍ଗନବାଡି କର୍ମୀମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି।ଖାଦ୍ୟ ସୁରକ୍ଷା ତାଲିମ ପ୍ରଦାନକାରୀଙ୍କ ଦ୍ୱାରା ଶିଶୁ ଙ୍କ ପାଇଁ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟ ସ୍ୱଚ୍ଛତା ବଜାୟ ରଖିବା ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦେବା ସହ ଅଘଟଣ ରୋକିବା, ଖାଦ୍ୟ ସୁରକ୍ଷା ପଛର ବିଜ୍ଞାନ, ଖାଦ୍ୟ ସଂରକ୍ଷଣ ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଇଛି।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ମନୋରମା ଦେବୀ,ଖାଦ୍ୟ ସୁରକ୍ଷା ଅଧିକାରୀ ତାପସ୍ୱିନୀ ବେହେରା ଗୋଶାଣୀ ବ୍ଲକ ସି ଡି ପି ଓ ନମିତା ମହାରଣା ପ୍ରମୁଖଙ୍କ ସମେତ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। ସେହିପରି ନୂଆଗଡ଼ ବ୍ଲକରେ ଥିବା ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଡିପିଓ ରାଜେଶ୍ୱରୀ ପାତ୍ର ଙ୍କ ସମେତ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି ତାଲିମ ନେଇଥିଲେ।

## ଉମରକୋଟରେ ଗ୍ରାମ୍ୟ ଉନ୍ନୟନ ବିଭାଗର କୋଠା ବାଡ଼ିର ପରିଦର୍ଶନ ଗୃହ ପାଲଟିଛି ଅସାମାଜିକ ଆଡ୍ଡା



ଉମରକୋଟ(ମହାଭାରତ): ଉମରକୋଟ ଗ୍ରାମ୍ୟ ଉନ୍ନୟନ ଓ କୋଠା ବାଡ଼ି ବିଭାଗ ଦ୍ୱାରା ତିଆରି କରା ଯାଇଥିବା ପରିଦର୍ଶନ ଗୃହ ଏବେ ପାଲିଟିଛି ଅସମାଜିକ ବ୍ୟକ୍ତି ଆଡ୍ଡା ସ୍ଥଳୀ। ଉପର ମହଲା ଉପରେ ତିନୋଟି ଗୃହ ଥିଲା ବେଳେ ସବୁ ବଖରା ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ପ୍ରଥମ ପ୍ରବେଶ ଦ୍ୱାର ସମ୍ପୂର୍ଣ୍ଣ ମୁକୁଳା ଥିବା ବେଳେ।ବାକି ସବୁ କୋଠରୀ ର ଅବସ୍ଥା ସମାନ। ଯେଉଁଠି ଆଖି ବୁଲେଇବେ ସେଠି, ଭଙ୍ଗା କାଚ, ଗୁଟଖା ଜରି, ଅଧା ଲଗା ସିଗାରେଟ, ଡିଆସିଲ ଖୋଳ, ନିଶା ସେବନ ଉର୍ଦିଷ୍ଟ ସିଲଭର ଜରି, ନମିକିନ ପାକେଟ, ପ୍ଲାଷ୍ଟିକ ଗ୍ଲାସ, ପାଣି ବୋତଲ ପରି ସାମଗ୍ରୀ ଏଣେ ତେଣେ ପଡିଛି। ଶୋଇବା ଉର୍ଦିଷ୍ଟ ବଖରା ର ଚଟାଣ ଉପରେ ସ୍ଥାନେ ସ୍ଥାନେ ପୋଡା ଜଳା ମଧ୍ୟ ହେଇଛି। ଖାଲି ସେତିକି ନୁହେଁ କୋଠରୀ ମଧ୍ୟରେ ଏକ କାଠ ଖଟ ଉପରେ ଅତି ଅପରିଷ୍କାର ଗଦି ବି ପଡିଛି।ଗୃହ ଭିତରେ ଆସବା ପତ୍ର ବିଶେଷ କିଛି ନଥିଲେ ମଧ। ଶୌଚଳୟ ଓ ବେସିନ ଭାଙ୍ଗି ରୁଜି ଯାଇଛି। ବିଶେଷ କରି ଉମରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି କୋଠା ଟି କିଛି ମାସ ପୂର୍ବରୁ ପୁନଃ ନିର୍ମାଣ କରା ଯାଇଥିଲା। ଏହି କୋଠା ର ମୁଖ୍ୟ ଉଦେଶ୍ୟ ହେଉଛି। ବିଭାଗ ଦ୍ୱାରା ପ୍ରସ୍ତୁତ ହେଉଥିବା ରାସ୍ତା ଗୁଡିକର ମାନ ଯାଞ୍ଚ ସମୟରେ ଆସୁଥିବା କେନ୍ଦ୍ରୀୟ ପଦାଧିକାରୀ କିମ୍ବା ବିଭାଗର ଉଚ୍ଚଅଧିକାରୀଙ୍କ ରାତ୍ର ବିଶ୍ରାମ ସ୍ଥଳୀ। ଏମିତି ଅବ୍ୟବସ୍ଥା ଓ ନିର୍ମାଣ ବିଭାଗ ର ଦାୟିତ୍ୱ ହୀନତା ସମ୍ପର୍କ ରେ ସୂଚନା ଦେବାରୁ ଉମରକୋଟ ସହକାରୀ ନିର୍ବାହୀ ଅଧିକାରୀ ପ୍ରଥମେ ବିରକ୍ତି ପ୍ରକାଶ କରି ଫୋଟୋ କାଢି ଥିବା ବ୍ୟକ୍ତିଙ୍କ ବିରୋଧରେ ଥାନା ରେ ଲିଖିତ ଅଭିଯୋଗ କରିବେ ବୋଲି କହିଥିଲେ।ସେ ଗୃହଟି କେବଳ ଆମ କାର୍ଯ୍ୟାଳୟର ଅତିଥି ମାନଙ୍କ ପାଇଁ ବ୍ୟବହାର ହେଉଛି ବୋଲି ସଫେଇ ଦେଇ ସିଧା ସଳଖ ଏଡ଼େଇ ଯାଇଥିଲେ। କାରଣ ପଚରିବାରୁ ସେ ଗୃହ କୁ ଅନାଧିକାର ପ୍ରବେଶ ନିଷିଦ୍ଧ ବୋଲି ଜଣାଇଥିଲେ। ହେଲେ ପ୍ରଶ୍ନ ଉଠୁଛି ବିଭାଗ ଦ୍ୱାରା ତିଆରି କରାଯାଇଥିବା ଗୃହ କୁ ଅନୁପଯୋଗୀ କରି ଦୀର୍ଘ ମାସ ହେବ ଖୋଲା ମେଲା ଛାଡି ଦେବା କେଉଁ ସରକାରୀ ଅଧିକାରୀ ଙ୍କ ଦାୟିତ୍ୱ ସମ୍ପନ୍ନକାମ। ଅସାମାଜିକ ଆଡ୍ଡା ପାଲଟିଥିବା ଗୃହ କୁ କାହିଁକି ଦୀର୍ଘ ଦିନ ହେଲା ଖୋଲା ଛଡା ଯାଇଛି।

## ବିଷମକଟକ ଥାନାରେ 'ଜୁଭେଣ୍ଟିକା' ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ




ବିଷମକଟକ, (ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ପରିସରରେ ଶୁକ୍ରବାର ଅପରାହ୍ନରେ 'ଯୁଭେଣ୍ଟିକା' ଆଉଟରିଚ୍ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ଥାନାରେ ଆୟୋଜିତ ଏହି ଅଭିନବ କାର୍ଯ୍ୟକ୍ରମକୁ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ (ଡିଜିପି) ଆଭାସି (ଭର୍ଚୁଆଲ୍) ମାଧ୍ୟମରେ ଶୁଭାରମ୍ଭ କରିଥିଲେ।କିଶୋର କିଶୋରୀମାନେ ଯେପରି କୌଣସି ଭୟ ନକରି ସହଜରେ ଥାନାକୁ ଆସିପାରିବେ ଏବଂ ସେମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇପାରିବ, ସେ ନେଇ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷକରି ସାମ୍ପ୍ରତିକ ସମୟରେ କିଶୋର କିଶୋରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।ଏହି କାର୍ଯ୍ୟକ୍ରମ ଡିଜିଟାଲ ଚ୍ୟାଲେଞ୍ଜ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା ଥାନା ଅଧିକାରୀ (ଆଇଆଇସି) ସମର୍ପିତା ସ୍ୱାଇଁ ଏହି ଅବସରରେ ପ୍ରକାଶ କରିଛନ୍ତି ଯେ, ବର୍ତ୍ତମାନର ଡିଜିଟାଲ ଯୁଗରେ କିଶୋର କିଶୋରୀମାନେ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି।

# ପଣସ ଚାଷୀକୁ ମିଳୁ ନାହିଁ ଉଚିତ ଦର

ଗଜପତି(ମହାଭାରତ): ଗଜପତିରେ ଅମଳ ହେଉଥିବା ପଣସ ଅତ୍ୟନ୍ତ ସ୍ୱାଦିଷ୍ଟ ଓ ଉତ୍ତମ ଧରଣର। ଏହାର ଚାହିଦା ଆନ୍ଧ୍ର, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରେ ବିଶେଷ ଭାବେ ରହିଥିବାରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ସେଠାକାର ଦଲାଲମାନେ ଗଜପତିରେ ଡେରା ପକାଇ ନାମକୁ ମାତ୍ର ଦରରେ ପଣସ କିଣି ପଶ୍ଚିମବଙ୍ଗ, ଆନ୍ଧ୍ର ଓ ତେଲେଙ୍ଗାନାକୁ ରପ୍ତାନୀ କରି ଲକ୍ଷ ଲକ୍ଷ ଟଙ୍କା ଲାଭବାନ ହେଉଛନ୍ତି।ଘଟଣାରୁ ପ୍ରକାଶଯେ, ଏହି ଜିଲ୍ଲାରେ ଅନୁକୂଳ ଯୁକ୍ତ ଜଳବାୟୁ ଓ ମାଟିର ଆର୍ଦ୍ରତା ପଣସ ଉତ୍ପାଦନ କ୍ଷେତ୍ରରେ ଉପଯୁକ୍ତ। ତେଣୁ ଏହି ଜିଲ୍ଲାରେ ଉତ୍କୃଷ୍ଟ ଧରଣର ପଣସ ଉତ୍ପାଦିତ ହୋଇଥାଏ। ଗଜପତି ଜିଲ୍ଲାର ମୋହନା, ନୂଆଗଡ଼, ରା.ଉଦୟଗିରି, ଗୁମ୍ମା, ରାୟଗଡ଼ ଆଦି ୫ ଗୋଟି ବ୍ଲକରେ ପଣସ ବହୁଳ ପରିମାଣରେ ଉତ୍ପାଦିତ ହୋଇଥାଏ। ଉଭୟ ଜଙ୍ଗଲ ଓ ଘରୋଇ ଜମିରେ ପ୍ରଚୁର ପରିମାଣରେ ପଣସ ଅମଳ ହୁଏ । ବିଶେଷକରି ଆର. ଉଦୟଗିରି ଓ ଗୁମ୍ମା ବ୍ଲକରେ ଜିଲ୍ଲାର ସବୁଠାରୁ ଅଧିକ ପରିମାଣର ଏବଂ ଉତ୍ତମ ଧରଣର ସ୍ୱାଦିଷ୍ଟ ପଣସ ଆଦାୟ ହୋଇଥାଏ। ହେଲେ, ଏହି ପଣସର ଉଚିତ ବଜାର ମୂଲ୍ୟ ମିଳୁ ନଥିବାରୁ ଏଠାକାର ପଣସ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଗଜପତି ଜିଲ୍ଲାର ସ୍ୱାଦିଷ୍ଟ ପଣସର ଚାହିଦା ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ



ପଶ୍ଚିମବଙ୍ଗରେ ବିଶେଷ ଭାବେ ରହିଛି। ତେଣୁ ସେଠାକାର ଦଲାଲମାନେ ଆସି ବହୁ କମ୍ ଦରରେ କଞ୍ଚା ପଣସ କିଣି ସେହି ଅଞ୍ଚଳକୁ ରପ୍ତାନୀ କରି ବହୁ ଅର୍ଥ ଉପାର୍ଜନ କରୁଛନ୍ତି। ହେଲେ ଗଜପତି ଜିଲ୍ଲାରୁ ପଣସ ଉତ୍ପାଦନ କରୁଥିବା ଚାଷୀ ନାମକୁ ମାତ୍ର ଦରରେ କିଲୋ ପିଛା ୧୦ ରୁ ୨୦ ଟଙ୍କାରେ ଏହି ଦଲାଲକୁ ବିକ୍ରି କରି ପରିଶ୍ରମ ବିନା କୌଣସି ଭାବେ ଉପକୃତ ହୋଇପାରୁନାହାନ୍ତି। ଗଜପତି ଜିଲ୍ଲାରେ ଅଧିକ ଅମଳ ହେଉଥିବା ପଣସର ଉଚିତ ବଜାର ଦର ପ୍ରଶାସନ ନିର୍ଣ୍ଣୟ କରିବା ସହ ବାହାରୁ ରାଜ୍ୟରୁ ଆସି ଗଜପତିର ପଣସ ଚାଷୀଙ୍କୁ ଠକି ନାମକୁ ମାତ୍ର ଦରରେ ପଣସ ରପ୍ତାନୀ କରୁଥିବା ଦଲାଲମାନଙ୍କ ବିରୁଦ୍ଧରେ ମଧ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ପଣସ ଚାଷୀଙ୍କୁ ପଣସ ବିକ୍ରିରେ ଉଚିତ ଦର ପ୍ରଦାନ କରିବା ଭଳି ବ୍ୟବସ୍ଥା କରାଗଲେ ଗଜପତିର ପଣସ ଚାଷୀ ବେଶ ଉପକୃତ ହୋଇପାରିବେ। ଏଥି ପ୍ରତି ବିଭାଗ ହଉ କିମ୍ବା ଜିଲ୍ଲା ପ୍ରଶାସନ କିମ୍ବା ରାଜ୍ୟ ସରକାର ଶୁଭ ଦୃଷ୍ଟି ପଡ଼ିଲେ ଚାଷୀ ଉପକୃତ ହେବେ।

## ଏମଭି-୭୯ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଆରମ୍ଭ




ମାଲକାନଗିରି(ମହାଭାରତ): ଓଡ଼ିଶା ପୋଲିସ ଓ ୟୁନିସେଫ୍‌ଙ୍କ ମିଳିତ ସହଯୋଗରେ ଆୟୋଜିତ ରାଜ୍ୟବ୍ୟାପୀ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଆଜି ଅପରାହ୍ନ ୩ଟା ୪୫ ମିନିଟ୍ ସମୟରେ ସାରା ଓଡ଼ିଶାର ସମସ୍ତ ଥାନା ସହ ଏମଭି-୭୯ ଥାନା ପରିସରରେ ଏକାସାଥିରେ ଶୁଭାରମ୍ଭ ହୋଇଛି।ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଉଦ୍‌ଘାଟନ ଓଡ଼ିଶା ପୋଲିସର ମହାନିର୍ଦ୍ଦେଶକ ଶ୍ରୀ ୱାଇ. ବି. ଖୁରାନିଆ କରିଥିବା ବେଳେ ଏମଭି-୭୯ ଥାନାରେ ଥାନାଧିକାରୀ ପୂର୍ଣ୍ଣିମା ଟେଟେଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପ-ନିରୀକ୍ଷକ ଶ୍ରୀଚନ୍ଦନ ବେହେରା, ଉପ-ନିରୀକ୍ଷକ ଗିରିଶ ଚନ୍ଦ୍ର ସାରକାଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ରହିଥିଲେ।ଏହି ଅବସରରେ ଯୁବ ପିଢ଼ୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ଶିଶୁ ସୁରକ୍ଷା, ସାମାଜିକ ଦାୟିତ୍ୱବୋଧ ଓ ପୋଲିସ-ଜନସାଧାରଣ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ମା କଦମ୍ବଖଣ୍ଡି ଠାକୁରାଣୀଙ୍କ ଯାତ୍ରା ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର କବିଚନ୍ଦ୍ର ସାହିରେ ସାହିର ଇଷ୍ଟଦେବୀ ମା କଦମ୍ବଖଣ୍ଡିଙ୍କ ଠାକୁରାଣୀ ଯାତ୍ରା ମହାଆଡମ୍ବରରେ ପାଳିତ ହେଉଛି। ଏହି ଯାତ୍ରା ଦୀର୍ଘ ତେଇଶି ବର୍ଷ ପରେ ଅନୁଷ୍ଠିତ ହେଉଥିବା ବେଳେ ଏହା ସାତ ଦିନ ଧରି ଚାଲିବ।ଏହି ଅବସରରେ ସାହିର ମହିଳାମାନଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାହିକୁ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଆବାଳ ବୃଦ୍ଧବନିତା ଭକ୍ତିର ସହିତ ମାଁ ଙ୍କ ନିକଟରେ ପ୍ରାର୍ଥନା ଓ ପୂଜାର୍ଚ୍ଚନା କରୁଥିବାର ପରିଲକ୍ଷିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ସହ ସହରର ବିଭିନ୍ନ ସ୍ଥାନରୁ ଆସି ମାଁ ଙ୍କର ଦର୍ଶନ କରିବା ପାଇଁ ଭକ୍ତଙ୍କର ସମାଗମ ହେଉଛି। ଏହି ଅବସରରେ ମାଆଙ୍କ ସୁସଜ୍ଜିତ ମେଢ଼ ସହ ସ୍ଥାନୀୟ ଯୁବଗୋଷ୍ଠୀ ବିଭିନ୍ନ ବେଶଭୂଷାରେ ସଜ୍ଜିତ ହୋଇ ସହର ପରିକ୍ରମା କରୁଛନ୍ତି।

## ଶିଶୁ ସୁରକ୍ଷା ଆଇନ ଶିଖିଲେ ପିଲା




ହାଟଡିହି(ମହାଭାରତ): ହାଟଡିହି ବ୍ଲକ ସୋସ ଓ ନନ୍ଦିପଦା ଥାନା ଅଧୀନ ରେ ଶିଶୁ ସୁରକ୍ଷା ଓ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ନିୟମ ବିଷୟ ରେ ସଚେତନତା ଅଭିଯାନ ହୋଇଯାଇଛି। ଏହି ଅଭିଯାନ ରେ ଛୋଟ ପିଲା ମାନଙ୍କୁ ଅଶାଳୀନ ମନ୍ତବ୍ୟ, ଫୋନ କଲ୍ ରେ ଖରାପ ମେସେଜ, ସୋସିଆଲ ମିଡ଼ିଆ ସୁନ୍ଦର ଫଟୋ ସହ ବାଲ୍ୟ ବିବାହ, ଲଟେରୀ ଜିତିବା, ତାହା ଛଡା ହଇରାଣ ହରକତ କରିବା ର ଦ୍‌ରା ପୋଲିସ କିପରି ସେମାନଙ୍କ ର ବନ୍ଧୁ ଭାବେ ରହି କାର୍ଯ୍ୟ କରିବ ସେ ବୁଝାଇବା ଥିଲେ। ଏହି କାର୍ଯ୍ୟକ୍ରମ ପୋଲିସ ଡିଜି ଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ଥାନା ଅଧୀନରେ ହୋଇଥିବା ବେଳେ ନନ୍ଦିପଦା ଥାନାରେ ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ସୋସୋ ଥାନା ଅଧିକାରିଣୀ କାନନ ସାହୁ, ରହିଥିବା ବେଳେ ଶିଶୁ ମଙ୍ଗଳ ସୁରକ୍ଷା ଅଧିକାରୀ ଭାବେ ନନ୍ଦିପଦା ରେ ସୁଷମା ସୁନ୍ଦରୀ ସେଠୀ, ସୋସୋ ରେ ମହିମା ମଣି ଟୁଡୁ ରହୁଥିଲେ। ଏହି କାର୍ଯ୍ୟକ୍ରମ ରେ ହାଟଡିହି ବ୍ଲକ ଶିଶୁ ମଙ୍ଗଳ ସୁରକ୍ଷା ଅଧିକାରିଣୀ ଭାବେ ସୋସୋ ରେ ନିରୂପମା ରାଉତ, ଆମ ପୋଲିସ ସଦସ୍ୟ ସୁଧାଂଶୁ ଦକ୍ଷିଣ ରାଏ ଙ୍କ ସହ ବଳିଆ ବାରିକ, ବିନିତା ଲାକ୍ରା, ଜମ୍ବୁବତୀ ପାତ୍ର ଙ୍କସହ ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ। ଏଥିରେ ଦୁଇ ଥାନା ରେ ପାଖା ପାଖି ୫୦ରୁ ଅଧିକ ୧୪ବର୍ଷ ରୁ ଅଧିକ ୧୮ବର୍ଷ ରୁ କମ ବାଳିକା ଯୋଗ ଦେଇଥିଲେ।

## ବାଇପାସ୍ ରାସ୍ତା ନିର୍ମାଣ ନେଇ ଜନଶୁଣାଣୀ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି(ମହାଭାରତ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ସନ୍ନିକଟ ବାଇପାସ୍ ରାସ୍ତା ନିର୍ମାଣ ନେଇ ପାରଳାଖେମୁଣ୍ଡି ପୌର ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ସାମାଜିକ ପ୍ରଭାବ ଆକଳନ ସମ୍ବନ୍ଧୀୟ ଜନଶୁଣାଣି କାର୍ଯ୍ୟକ୍ରମ ପାରଳାଖେମୁଣ୍ଡି ସ୍ଥିତ ରାସ୍ତା ଓ କୋଠାବାଡ଼ି ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସଭାପତିତ୍ୱରେ ଜିଲ୍ଲା ପ୍ରଶାସନ ଓ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଭୁବନେଶ୍ୱରର ମିଳିତ ପ୍ରୟାସରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିବା ପାରଳା ସହର ପାଇଁ ବାଇପାସ୍ ରାସ୍ତା ନିର୍ମାଣ ନିମନ୍ତେ ଗଜପତି ଜିଲ୍ଲାର ସାତ ଖଣ୍ଡ ଗ୍ରାମ ଯଥା:- ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ଯାଜପୁର , ଜଗତସିଂହପୁର, ହାତିବାଡ଼ି, ଗୋପୀନାଥ ପୁର , ରେଲିସାହି ଏବଂ ପାରଳାଖେମୁଣ୍ଡି ଖାସପା ଓ ଗୁମ୍ମା ତହସିଲ ଅନ୍ତର୍ଗତ ବେତାଗୁଡ଼ା ଏବଂ ଝାମି ଗ୍ରାମରେ ଆବଶ୍ୟକ ପଡୁଥିବା ଜମି ଅଧିଗ୍ରହଣ ନିମନ୍ତେ ଜନଶୁଣାଣିର ଆବଶ୍ୟକ ଥିବା ବେଳେ ଏହି ଅବସରରେ ଆଜି ପୌର ପରିଷଦ କାର୍ଯ୍ୟାଳୟରେ ପାରଳା ଖାସପା ହାତିବାଡ଼ି-ଗୋପୀନାଥ ପୁର ଏବଂ ରେଲିସାହି ଗ୍ରାମବାସୀଙ୍କ ନିମନ୍ତେ ଏହି ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ




ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗ ଦେଇ ଯେଉଁମାନେ ଏହି ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟରେ ପ୍ରଭାବିତ ହେଉଛନ୍ତି । ସେମାନଙ୍କର ଅଭିଯୋଗ ସରକାର ଶୁଣିବେ ବୋଲି ପ୍ରକାଶ କରିଥିଲେ। ଏଇ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ୪୬ ମିଟର ଅର୍ଥା ୧୫୦ ଫୁଟ ରହିଛି ଏବଂ ଭବିଷ୍ୟତରେ ଯଦି ଏହା ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ହେବ ତା ହେଲେ ସରକାର ଏଥି ପାଇଁ ଅଧିକା ଜମି ମଧ ଅଧିଗ୍ରହଣ କରିପାରନ୍ତି ବୋଲି ସୂଚନା ପ୍ରଦାନ କରିଛନ୍ତି। କିନ୍ତୁ ବର୍ତ୍ତମାନ ସମୟରେ ଏଥି ପାଇଁ ସରକାରଙ୍କ ରହିଥିବା ସୀମିତ ଅର୍ଥ ବଜେଟରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଯେତିକି ଆବଶ୍ୟକ ପଡୁଛି ସେତିକିରେ ହିଁ ହେବ ବୋଲି ଦର୍ଶାଯାଇଥିଲା। ଏହି ବାଇପାସ୍ ରାସ୍ତା ନିର୍ମାଣ ରେ ପ୍ରଭାବିତ ଅଞ୍ଚଳରେ କେଉଁ ମାନଙ୍କ କେତେ ଜମି ପ୍ରଭାବିତ ହେଉଛି ସେ ସମ୍ପର୍କରେ ସୂଚନା ଦେଇ ଏଥିପାଇଁ ପ୍ରଭାବିତ ଲୋକମାନେ ସେମାନଙ୍କ ଅଭିଯୋଗ କରିପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ କହିଥିଲେ ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ଅଧକ୍ଷା ଶ୍ରୀମତୀ ନିର୍ମଳା ସେଠୀ , ପୌର ନିର୍ବାହୀ ଅଧିକାରୀ ଶ୍ରୀ ଲକ୍ଷ୍ମଣ ମୁର୍ମୁ , ପାରଳା ତହସିଲଦାର ନାରାୟଣ ବେହେରା ଏବଂ ନିର୍ମାଣ କରି ସଂସ୍ଥା ଐରା ର ପ୍ରତିନିଧି ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଥି ସହିତ ପ୍ରଭାବିତ ଅଞ୍ଚଳ ପାରଳାଖେମୁଣ୍ଡି ଖାସପାର ହାତୀବାଡ଼ି- ଗୋପୀନାଥ ପୁର ଏବଂ ରେଲିସାହି ଗ୍ରାମର ପ୍ରଭାବିତ ବ୍ୟକ୍ତି ବିଶେଷ ମାନେ ଯୋଗ ଦେଇ ସେମାନଙ୍କର ମତାମତ ପ୍ରଦାନ କରିଥିଲେ। କିନ୍ତୁ ଗଣ ମାଧ୍ୟମ କୁ ସୂଚନା ଦିଆ ଯାଉ ନାହିଁ ଯାହା ଫଳ ରେ ପ୍ରଚାର ପ୍ରସାର ହୋଇ ପାରୁ ନାହିଁ । ଜନସାଧାରଣ ଜାଣିବା ସକାଶେ ଅଧିକ ପ୍ରଚାର ପ୍ରସାର ଆବଶ୍ୟକ ରହିଛି ବୋଲି ବୁଦ୍ଧି ଯିବି ମହଲ ରେ ପ୍ରକାଶ ପାଉଛି । ଏଥି ପ୍ରତି ଜିଲ୍ଲା ପ୍ରସାସ ନ ଗଣ ମଧମ କୁ ସୂଚନା ଦେବା ଆବଶ୍ୟକତା ରହିଛି।

## ବିଶ୍ୱ ରେଡକ୍ରସ୍ ଦିବସ ପାଳିତ

ଅନୁଗୋଳ,(ମହାଭାରତ):ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ମିନି କନଫରେନ୍ସ ହଲ୍ଟାରେ ଜିଲ୍ଲା ରେଡକ୍ରସ୍ ଶାଖା ଆନୁକୂଲ୍ୟରେ ବିଶ୍ୱ ରେଡକ୍ରସ୍ ଦିବସ-୨୦୨୬ ପାଳିତ ହୋଇଯାଇଛି। ଚଳିତ ବର୍ଷର ବାର୍ତ୍ତା ମାନବିକତା ପାଇଁ ଏକତା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗ ଦେଇ ମାନବିକତା ଓ ସେବା ମନୋଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମାନବିକ କଲ୍ୟାଣ ତଥା ସ୍ୱେଚ୍ଛାକୃତ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ 'ପ୍ରଶଂସା ପତ୍ର' ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆପାତକାଳୀନ ଅଧିକାରୀ ଶ୍ରୀ ଶୁଭେନ୍ଦୁ କୁମାର ଜେନା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଚିନ୍ମୟୀ ସାମନ୍ତରାୟ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଟଙ୍କା ଫେରସ୍ତ କରି ଚର୍ଚ୍ଚା ରେ ରବୀନ୍ଦ୍ର

ହାଟଡିହି(ମହାଭାରତ): ହାଟଡିହି ମରେଇଗାଁ ପଞ୍ଚାୟତ ଚଣ୍ଡୀ ବିରଞ୍ଚି ପୁର ଗାଁ ର ରବୀନ୍ଦ୍ର ଜେନା ବୟସ ( ୬୬) ସେ ଦୁଇ ମାସ ର ଭତା ପାଇନଥିଲେ । ସରକାରୀ କର୍ମଚାରୀ ଙ୍କ ଭୁଲ ଯୋଗୁ ତାଙ୍କୁ ଦୁଇ ମାସ ରେ ୧୩୦୦୦ଟଙ୍କା ଆସିଥିବା ବେଳେ ସେଦୁଇ ମାସ ର ୨୦୦୦ଟଙ୍କା ରଖି ବାକି ଟଙ୍କା ମରେଇଗାଁ ପଞ୍ଚାୟତ ପିଇଓ ସୁଶ୍ରୀ ସଙ୍ଗୀତା ଚକ୍ର ଡାକି ଫେରାଇଦେଇ ନିଜର ମହାନତା ର ପରିଚୟ ସୃଷ୍ଟି କରିପାରିଛନ୍ତି।ଯାହାକୁ ନେଇ ହାଟଡିହି ବିଡ଼ିଓ ରଞ୍ଜନ କୁମାର ପରିଡ଼ା ତାଙ୍କୁ କୃତଜ୍ଞତା ଜଣାଇବା ସହ ଶୁଭେଚ୍ଛା ଜଣାଇଛନ୍ତି।।

# ଗ୍ୟାସ୍ ବଦଳରେ କାଠ ଉପରେ ନିର୍ଭରଶୀଳ ହୋଟେଲ ମାଲିକ

ରାଇରାଙ୍ଗପୁର : ଦୁଇମାସରୁ ଅଧିକ ସମୟ ଧରି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବରେ ସମଗ୍ର ଦେଶରେ ଏଲପିଜି ସିଲିଣ୍ଡର ସଙ୍କଟ ଲାଗି ରହିଛି। ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ହୋଟେଲ୍ ମାଲିକ ଓ ଜଳଖିଆ ଦୋକାନୀ କାଠ ଉପରେ ଭରସା କରିଆସୁଛନ୍ତି' ଜିଲ୍ଲାରେ ବିପୁଳ ପରିମାଣର ଜଙ୍ଗଲ ସମ୍ପଦ ଥିବାରୁ ଗ୍ୟାସ୍ର ଅଭାବ ଭରଣା ହୋଇଯାଉଛି।ହେଲେ ଏଭଳି ପରିସ୍ଥିତିରେ ବାଣିଜ୍ୟିକ ସିଲିଣ୍ଡର୍ର ଦର ଆହୁରି ୯୩୩ ଟଙ୍କା ବଢ଼ିବା ପରେ ସେମାନଙ୍କ ମୁଣ୍ଡରେ ଚଢ଼କ ପଡ଼ିଛି। ଫଳରେ ଆଗକୁ କାଠର ଚାହିଦା ଆହୁର ବଢ଼ିବା ସହ ଜଙ୍ଗଲ ସମ୍ପଦ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ଜିଲ୍ଲାର ରାଇରଙ୍ଗପୁର ଓ କରଞ୍ଜିଆ ସହରର ଶତାଧିକ ହୋଟେଲ୍, ଜଳଖିଆ ଦୋକାନ ଏବଂ ଫାଷ୍ଟଫୁଡ୍ ସେଣ୍ଟର ରହିଥିବା ବେଳେ ଏଥିପାଇଁ କାଠର ଚାହିଦା ବୃଦ୍ଧି ପାଇଛ। ଅତୀତରେ କିଛି ସ୍ଥାନୀୟ ଆଦିବାସୀ ଓ ଗରିବ ଲୋକେ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ତାକୁ ବିକ୍ରି କରୁଥିଲେ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ପର୍ଯ୍ୟାପ୍ତ କାଠ ଯୋଗାଇବା ସମ୍ଭବପର ହୋଇପାରୁ ନଥିବା ଜଣାପଡ଼ିଛି। ଏହି ପ୍ରତିକୂଳ ପରିସ୍ଥିତିର ସୁଯୋଗ ନେଇ କିଛି ମାଫିଆ ଓ ବ୍ୟବସାୟୀ ସକ୍ରିୟ ହୋଇ ଉଠିଛନ୍ତି। ଜଙ୍ଗଲରୁ କାଠ କାଟିବା ପାଇଁ ସେମାନେ ଅଧିକ ସଂଖ୍ୟାରେ ମହିଳାଙ୍କୁ ନିୟୋଜିତ କରିଛନ୍ତି। ଗତ ଦୁଇମାସ ଧରି କନ୍ଧମାଳର ବିଭିନ୍ନ ଜଙ୍ଗଲରୁ ଅବାଧ ଭାବେ କାଠକଟା ହେଉଛି। ତାହା ଜଙ୍ଗଲ ପ୍ରତି ବିପଦ ସୃଷ୍ଟି କରିଛି ବୋଲି ବନ କର୍ମଚାରୀ



ନିଜର ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ବିଶେଷ କରି ରାଇରଙ୍ଗପୁର, ବହଳଦା, ତିରିଂ, ଜାମଦା, ବିଜାତଳା, ବିଶୋଇ, କୁସୁମୀ ସମେତ ପାଞ୍ଚପିଢ଼ ଉପଖଣ୍ଡର କରଞ୍ଜିଆ, ଯଶିପୁର, ରରୁଆଁ, ଶୁକୁଳି ଓ ଠାକୁରମୁଣ୍ଡା ସମେତ ବିଭିନ୍ନ ଛୋଟ ବଡ ହୋଟେଲରେ ଏବେ ପ୍ରତିଦିନ ସକାଳେ ପୁରୁଷ ଏବଂ ମହିଳାମାନେ ମୁଣ୍ଡରେ ଏବଂ ସାଇକେଲ୍ରେ କାଠବିଡ଼ା ବୋହୁଥିବା ଦେଖିବାକୁ ମିଳିଛି। କିନ୍ତୁ ସେମାନେ ନିଜ ପାଇଁ ନୁହେଁ, ବରଂ ଏହାପଛରେ ଏକ ରାକେଟ୍ କାର୍ଯ୍ୟ କରୁଥିବା ସନ୍ଦେହ କରାଯାଉଛି। ସମସ୍ତ କାଠ ହୋଟେଲ୍ ଓ ଜଳଖିଆ ଦୋକାନକୁ ଯାଉଛି ଏମାନେ ଜଙ୍ଗଲରୁ କାଠବିଡ଼ା ବୋହି ସହରରେ ଥିବା ନିର୍ଦ୍ଦିଷ୍ଟ ବିଭିନ୍ନ ପଏଣ୍ଟରେ ପହଞ୍ଚାଇଥା'ନ୍ତି। ସେଠାରୁ ବିଭିନ୍ନ ହୋଟେଲ୍, ଜଳଖିଆ ଦୋକାନ ଓ ଜିଲ୍ଲା ବାହାରକୁ ଚାଲାଣ ହୋଇଥାଏ। ପ୍ରଥମେ ଜଙ୍ଗଲର ବଡ଼ ଶାଳ ଓ ଅନ୍ୟାନ୍ୟ ଗଛକୁ କରତରେ କଟାଯାଉଛି। କାଠକୁ ସାଇଜ୍ ଖଣ୍ଡରେ ପରିଣତ କରାଯାଇ ବିଡ଼ା ବନ୍ଧାଯାଉଛି। ଗୋଟିଏ ବିଡ଼ା କାଠର ଓଜନ ୨୫ ରୁ ୩୦ କିଲୋ ପର୍ଯ୍ୟନ୍ତ ହୋଇଥାଏ। ଜଙ୍ଗଲରେ କଟାଯାଇଥିବା କାଠକୁ ବିଡ଼ା କରି ବନ୍ଧା ଯିବା ପରେ ଜଙ୍ଗଲରେ ପହଞ୍ଚିଥିବା ମହିଳା ଓ ପୁରୁଷମାନେ ମୁଣ୍ଡରେ ବୋହି ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ସହରରେ ପହଞ୍ଚାଇଥାନ୍ତି। ପ୍ରତିଦିନ ନିର୍ଦ୍ଦିଷ୍ଟ ରୁଟ୍ରେ ନିର୍ଦ୍ଦିଷ୍ଟ ମହିଳାମାନଙ୍କୁ ଉକ୍ତ କାଠ ବିଡ଼ା ବୋହିବା କାମରେ ନିୟୋଜିତ କରାଯାଇଥାଏ। ତେବେ ଯେଉଁଭଳି ଭାବେ ଗଛ କଟା ଚାଲିଛି, ଜିଲ୍ଲା ଜଙ୍ଗଲଶୂନ୍ୟ ହେବାକୁ ବେଶି ଦିନ ଲାଗିବନି ବୋଲି ପରିବେଶ ମାନେ ମତପ୍ରକାଶ କରିଛନ୍ତି। ଏଣୁ ପ୍ରସାଶନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଚାକିରି ପାଇଁ ଯୌନ ଶୋଷଣ: ଦୋଷୀଙ୍କୁ ମିଳିବ ଦଣ୍ଡ, ନିର୍ଦ୍ଦେଶ ଜାରି କଲେ ଘାନା ରାଷ୍ଟ୍ରପତି



ଆକ୍ରା: ଚାକିରି ବଦଳରେ ଯୌନ ଶୋଷଣ ବିରୋଧରେ ଘାନାରେ ଏକ ବଡ଼ ବିତର୍କ ଆରମ୍ଭ ହୋଇଛି। ରାଷ୍ଟ୍ରପତି ଜନ୍ ମହାମା ଏହାକୁ ଅପରାଧ ଘୋଷଣା କରିବାକୁ ଆହ୍ୱାନ ଦେଇଛନ୍ତି। ବ୍ୟାପକ ବେକାରୀ ଏବଂ ନିଯୁକ୍ତି ପ୍ରକ୍ରିୟାରେ ଅସମାନତା ଯୋଗୁଁ ଘାନାରେ ଏହା ବ୍ୟାପିବାରେ ଲାଗିଛି। ଏହା ମହିଳାଙ୍କ ଯୌନ ଶୋଷଣର ଏକ ଅତ୍ୟନ୍ତ ଗମ୍ଭୀର ରୂପ, ଯାହାକୁ ସରକାର ଆଉ ସହ୍ୟ କରିବାକୁ ଚାହୁଁନାହାନ୍ତି ବୋଲି ସେ କହିଛନ୍ତି।

ଘାନାରେ ମହିଳାମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶରେ ଏକ ଭଲ ଚାକିରି ଖୋଜିବା କ୍ରମଶଃ କଷ୍ଟକର ହେବାରେ ଲାଗିଛି। କୋଫୋରିଡୁଆରେ ଆୟୋଜିତ ଏକ ଟାଉନ ହଲ୍ କାର୍ଯ୍ୟକ୍ରମରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଯାଇଥିଲା। ଜଣେ ଛାତ୍ରୀ ନିଯୁକ୍ତି ପ୍ରକ୍ରିୟାରେ ଲିଙ୍ଗଗତ ବୈଷମ୍ୟ ଜାରି ରହିଥିବା ନେଇ ପ୍ରଶ୍ନ ଉଠାଇଥିଲେ, ରାଷ୍ଟ୍ରପତି ସ୍ପଷ୍ଟ ଭାବରେ ଏହାର ଦେଇଥିଲେ। ସେ ସ୍ପଷ୍ଟ ଭାବରେ କହିଥିଲେ ଯେ,ମହିଳାମାନଙ୍କ ବିରୋଧରେ ଏହି ନିର୍ଯାତନା ରୋକିବା ପାଇଁ ବର୍ତ୍ତମାନର ନୀତିଗୁଡ଼ିକ ଯଥେଷ୍ଟ ନୁହେଁ। ମହାମା କହିଛନ୍ତି ଯେ, ଏହା ଶୋଷଣର ଏକ ଅତ୍ୟନ୍ତ ବିପଜ୍ଜନକ ରୂପ ଯାହା ସମ୍ପୂର୍ଣ୍ଣ ଭାବରେ ଗ୍ରହଣୀୟ ନୁହେଁ। ଏହି ଅମାନବୀୟ କାର୍ଯ୍ୟକୁ ପାଇଁ ଏକ କଠୋର ଆଇନ ପ୍ରଣୟନ କରିବା ଜରୁରୀ। ଚାକିରି ପ୍ରଦାନ କରିବା ପୂର୍ବରୁ ରୋମାଣ୍ଟିକ୍ ସମ୍ପର୍କ ପାଇଁ ଅଯୌକ୍ତିକ ଦାବି କରିବା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଏହାକୁ ତୁରନ୍ତ ବନ୍ଦ କରାଯିବା ଉଚିତ। ଘାନା ପୂର୍ବରୁ ଶ୍ରମ ଆଇନ ଏବଂ ଅନ୍ୟାନ୍ୟ ଫୌଜଦାରୀ ଆଇନ ଅନୁଯାୟୀ ଯୌନ ନିର୍ଯାତନାକୁ କଡ଼ାକଡ଼ି ନିଷିଦ୍ଧ କରିସାରିଛି। ଘରୋଇ ହିଂସା ଆଇନ ମଧ୍ୟ ଏହି ନିର୍ଯାତନା ବିରୋଧରେ ମହିଳାମାନଙ୍କୁ ବ୍ୟାପକ ସୁରକ୍ଷା ପ୍ରଦାନ କରୁଛି। ତେବେ ଏହି ଆଇନଗୁଡ଼ିକ ସାଧାରଣତଃ କେବଳ ନିଯୁକ୍ତି ପରେ ହେଉଥିବା ନିର୍ଯାତନାର କ୍ଷେତ୍ରରେ କାର୍ଯ୍ୟ କରିଥାଏ। ଘାନାରେ ଯୁବବର୍ଗମାନଙ୍କ ମଧ୍ୟରେ ବେକାରୀ ଅଧିକ ତଥା ଚାକିରି ପାଇଁ ପ୍ରତିଯୋଗିତା ବେଶି। ସରକାରୀ ଏବଂ ଅଣସରକାରୀ ଉଭୟ କ୍ଷେତ୍ର ପାଇଁ ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ନୁହେଁ। ଫଳରେ ଚାକିରି ଖୋଜୁଥିବା ଯୁବତୀମାନଙ୍କୁ ଶୋଷଣ କରାଯାଇଥାଏ।

ନାଗରିକ ସମାଜ ଯୁକ୍ତି ଦିଏ ଯେ ସାଂସ୍କୃତିକ ପ୍ରତିବନ୍ଧକ ପ୍ରାୟତଃ ପୀଡିତା ମହିଳାମାନଙ୍କୁ ଖୋଲାଖୋଲି ଭାବରେ ଆଗକୁ ଆସିବାକୁ ବାଧା ଦେଉଛି। ପୀଡିତାମାନେ ପ୍ରାୟତଃ ସାମାଜିକ କ୍ଷତି, ଅପବାଦ ଏବଂ ଚାକିରି ହରାଇବା ସମେତ ପ୍ରତିଶୋଧର ଭୟ କରୁଛନ୍ତି। ଉପଯୁକ୍ତ ପୁଲିସ ଅଭିଯୋଗ ବ୍ୟବସ୍ଥାର ଅଭାବ ଯୋଗୁ ଏଭଳି ମାମଲାରେ ଅପରାଧୀଙ୍କ ବିରୋଧରେ ମାମଲା କମ୍ ହୋଇଥାଏ। ପୂର୍ବତନ ଆଇନ ପରାମର୍ଶଦାତା ଭିକ୍ଟୋରିଆ ବ୍ରାଇଟ୍ ଏହି ଅଭ୍ୟାସକୁ ଦୁର୍ନୀତିର ଏକ ଘୃଣ୍ୟ ଏବଂ ଲଜ୍ଜାଜନକ ରୂପ ବୋଲି ବର୍ଣ୍ଣନା କରିଛନ୍ତି। ସଂସଦ ସଦସ୍ୟ ନି କ୍ୱାର୍ଟେଇ ଗ୍ଲୋଭର କହିଛନ୍ତି ଯେ ଏହା ମହିଳାଙ୍କ ଉପରେ ପୁରୁଷଙ୍କ ଅତ୍ୟଧିକ ପିତୃକେନ୍ଦ୍ରିକ ପ୍ରଭାବ ଦ୍ୱାରା ପ୍ରୋତ୍ସାହିତ । ଯଦି ଏକ ପୃଥକ ଆଇନ ପ୍ରଣୟନ କରାଯାଏ, ତେବେ ଘାନାର କର୍ମକ୍ଷେତ୍ରରେ ଏହି ଗମ୍ଭୀର ସମସ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିପାରେ। ପ୍ରମାଣ ବିନା, ଏହି ମାମଲାଗୁଡ଼ିକୁ କୋର୍ଟରେ ପ୍ରମାଣ କରିବା ଅତ୍ୟନ୍ତ କଷ୍ଟକର। ତଥାପି, ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଭଳି ନୂତନ ପ୍ରଯୁକ୍ତିବିଦ୍ୟାର ଆଗମନ ସହିତ, ଏପରି ମାମଲାରେ ଦୃଢ଼ ପ୍ରମାଣ ସଂଗ୍ରହ କରିବା ବହୁତ ସହଜ ହୋଇଯାଇଛି। ସାଂସଦ କୋଫି ବେନ୍ଟେଙ୍କ ଅନୁସାରେ, ରାଷ୍ଟ୍ରପତି ଏବେ ଏହି ପ୍ରସଙ୍ଗରେ ମୁହଁ ଖୋଲି ଏହାକୁ ସମାଜର ସବୁଠାରୁ ବଡ଼ ସମସ୍ୟା ମଧ୍ୟରୁ ଗୋଟିଏ ବୋଲି ସୂଚିତ କରିଛନ୍ତି।

## ଲେଫ୍‌ଟନାଣ୍ଟ ଜେନେରାଲ ରାଜା ସୁବ୍ରମଣି ଦେଶର ନୂଆ ସିଡିଏସ୍ ଆଡ୍‌ମିରାଲ କୃଷ୍ଣ ସ୍ୱାମୀନାଥନ ନୂଆ ନୌସେନା ମୁଖ୍ୟ



ନୂଆଦିଲ୍ଲୀ : ଭାରତ ସରକାର ଅବସରପ୍ରାପ୍ତ ଲେଫ୍‌ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣିଙ୍କୁ ଦେଶର ପରବର୍ତ୍ତୀ ପ୍ରତିରକ୍ଷା କର୍ମଚାରୀ ମୁଖ୍ୟ(ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍) ଭାବରେ ନିଯୁକ୍ତ କରିଛନ୍ତି। ସେ ବର୍ତ୍ତମାନର ସିଡିଏସ୍ ଜେନେରାଲ ଅନିଲ ଚୌହାନଙ୍କ ସ୍ଥାନ ନେବେ। ସିଡିଏସ୍ ଅନିଲ ଚୌହାନଙ୍କ କାର୍ଯ୍ୟକାଳ ୩୦ ମେ ୨୦୨୬ ରେ ଶେଷ ହେଉଛି। ସିଡିଏସ୍ ଭାବରେ ନିଯୁକ୍ତି ସହିତ, ଲେଫ୍‌ଟନାଣ୍ଟ ଜେନେରାଲ ସୁବ୍ରମଣି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଭାରତ ସରକାରଙ୍କ ସାମରିକ ବ୍ୟାପାର ବିଭାଗର ସଚିବ ଭାବରେ ମଧ୍ୟ ଦାୟିତ୍ୱ ଗ୍ରହଣ କରିବେ। ତାଙ୍କୁ ସେନାର ସବୁଠାରୁ କର୍ତ୍ତବ୍ୟନିଷ୍ଠ ଅଧିକାରୀଙ୍କ ମଧ୍ୟରେ ଗଣନା କରାଯାଏ। ଲେଫ୍‌ଟନାଣ୍ଟ ଜେନେରାଲ ଏନଏସ ରାଜା ସୁବ୍ରମଣି ୧ ସେପ୍ଟେମ୍ବର, ୨୦୨୫ ଠାରୁ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ସାମରିକ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଛନ୍ତି। ସେ ପୂର୍ବରୁ ୧ ଜୁଲାଇ, ୨୦୨୪ ରୁ ୩୧ ଜୁଲାଇ, ୨୦୨୫ ପର୍ଯ୍ୟନ୍ତ ସେନାର ଉପାଧ୍ୟକ୍ଷ ଭାବରେ ଏବଂ ମାର୍ଚ୍ଚ ୨୦୨୩ ରୁ ଜୁନ୍ ୨୦୨୪ ପର୍ଯ୍ୟନ୍ତ କେନ୍ଦ୍ରୀୟ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାବରେ କାର୍ଯ୍ୟ କରିଥିଲେ। ନୂଆ ସିଡିଏସ ସହିତ, ଭାରତୀୟ ନୌସେନା ପରବର୍ତ୍ତୀ ନୌସେନା ମୁଖ୍ୟଙ୍କୁ ନିଯୁକ୍ତ କରିଛି। ଆଡମିରାଲ କୃଷ୍ଣ ସ୍ୱାମୀନାଥନଙ୍କୁ ନୂଆ ନୌସେନା ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଛି। ସେ ମେ ୩୧ ତାରିଖରେ ଏହି ପଦବୀ ଗ୍ରହଣ କରିବେ। ତାଙ୍କର କାର୍ଯ୍ୟକାଳ ୩୧ ଡିସେମ୍ବର ୨୦୨୮ପର୍ଯ୍ୟନ୍ତ ରହିବ। ସେ ବର୍ତ୍ତମାନ ମୁମ୍ବାଇରେ ପଶ୍ଚିମ ନୌସେନା କମାଣ୍ଡର ଭାବରେ ନିଯୁକ୍ତ ଅଛନ୍ତି। କୃଷ୍ଣ ସ୍ୱାମୀନାଥନଙ୍କୁ ୧ ଜୁଲାଇ, ୧୯୮୭ରେ ଭାରତୀୟ ନୌସେନାରେ ନିଯୁକ୍ତି ଦିଆଯାଇଥିଲା। ସେ ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ ଯୁଦ୍ଧରେ ବିଶେଷଜ୍ଞ। ସେ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଖଡ଼କୱାସଲା)ରେ ଅଧ୍ୟୟନ କରିଥିଲେ। ସେ ଯୁକେର ଜଏଣ୍ଟ ସର୍ଭିସେସ୍ କମାଣ୍ଡ ଏବଂ ଷ୍ଟାଫ୍ କଲେଜ ଏବଂ ଆମେରିକାର ଯୁକ୍ତରାଷ୍ଟ୍ର ନୌସେନା ଯୁଦ୍ଧ କଲେଜରେ ମଧ୍ୟ ଯୋଗଦାନ କରିଥିଲେ । ସେ ନୌସେନା ସାମରିକ କଲେଜ ସହିତ ନିୟମିତ ସମ୍ପର୍କ ବଜାୟ ରଖିଥିଲେ। ନୌସେନା ମୁଖ୍ୟ ଭାବରେ, ଆଡମିରାଲ କୃଷ୍ଣ ସ୍ୱାମୀନାଥନଙ୍କ ପ୍ରାଥମିକ ଦାୟିତ୍ୱ ହେବ ସାମୁଦ୍ରିକ ସୀମା ସୁରକ୍ଷିତ କରିବା ଏବଂ ଭାରତୀୟ ନୌସେନାକୁ ଆଧୁନିକୀକରଣ କରିବା। ୧ ଜାନୁଆରି, ୨୦୨୦ ରେ ସିଡିଏସ୍ ପଦବୀ ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଥିଲା। ଜେନେରାଲ ବିପିନ ରାୱତ ଏହାର ପ୍ରଥମ ମୁଖ୍ୟ ଥିଲେ। ଭାରତରେ, ପ୍ରତିରକ୍ଷା ବିଭାଗ ମୁଖ୍ୟ ହେଉଛି ସର୍ବୋଚ୍ଚ ସାମରିକ ପଦବୀ। ଏହା ଚାରି ତାରକା ଜେନେରାଲ ପଦବୀ। ଏହି ପଦବୀ ଗ୍ରହଣ କରିବା ସହିତ, ସିଡିଏସ୍ ସାମରିକ ବ୍ୟାପାର ବିଭାଗର ମୁଖ୍ୟ ଭାବରେ ମଧ୍ୟ କାର୍ଯ୍ୟ କରନ୍ତି। ସେ ତିନି ସଶସ୍ତ୍ର ବାହିନୀ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ସରକାରଙ୍କୁ ପରାମର୍ଶ ପ୍ରଦାନ କରୁଥିବା ସର୍ବୋଚ୍ଚ ସାମରିକ ଅଧିକାରୀ।

## ସୋସିଆଲ ମିଡିଆ ଏକ୍ସରେ ବାୟୋ ବଦଳାଇଲେ ମମତା

କୋଲକାତା : ‘ପୂର୍ବତନ ମୁଖ୍ୟମନ୍ତ୍ରୀ’ ନୁହେଁ, ମୁଖ୍ୟମନ୍ତ୍ରୀ । ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ନୂଆମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ମମତା ସୋସିଆଲ ମିଡିଆ ଏକ୍ସରେ ବାୟୋ ବଦଳାଇଛନ୍ତି । କିନ୍ତୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଲେଖି ନାହାନ୍ତି । ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ଲେଖାଯାଇଛି। ଏଥିରେ ଏକ ରାଜନୈତିକ ସଂଦେଶ ଦେଇଛନ୍ତି ମମତା ବାନାର୍ଜୀ। ଯାହା ତାଙ୍କ ପୁରୁଣା ଜିଦ୍ କୁ ପୁଣି ସାମ୍ନାକୁ ଆଣିଛି। “ପୂର୍ବତନ ମୁଖ୍ୟମନ୍ତ୍ରୀ” ବଦଳରେ ତାଙ୍କର ନୂଆ ବାୟୋରେ ଏବେ ଲେଖାଅଛି:”ସର୍ବଭାରତୀୟ ତୃଣମୂଳ କଂଗ୍ରେସର ପ୍ରତିଷ୍ଠାତା ସଭାନେତ୍ରୀ ଏବଂ ତଳ ଧାଡ଼ିରେ ଲେଖାଅଛି ମୁଖ୍ୟମନ୍ତ୍ରୀ, ପଶ୍ଚିମବଙ୍ଗ। ସେ ନିଜ କାର୍ଯ୍ୟକାଳର ନିର୍ଦ୍ଦିଷ୍ଟ ବିଧାନସଭା ୧୫ଶ, ୧୬ଶ ଏବଂ ୧୭ଶ ବିଷୟରେ ଉଲ୍ଲେଖ କରି “ପୂର୍ବତନ” ଶବ୍ଦକୁ ବ୍ୟବହାର କରିନାହାନ୍ତି । ରାଜନୈତିକ ବିଶ୍ଲେଷକଙ୍କ ଅନୁଯାୟୀ, ବର୍ତ୍ତମାନର ସରକାରଙ୍କ ବୈଧତାକୁ ସମ୍ପୂର୍ଣ୍ଣ ରୂପେ ସ୍ୱୀକାର ନକରିବା ତାଙ୍କର ଏହି ପଦକ୍ଷେପର ଏକ ସଙ୍କେତ । ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବାର କିଛି ସମୟ ପରେ ସେ ଏହି ପରିବର୍ତ୍ତନ କରିଛନ୍ତି ।

## ଶୁଭେନ୍ଦୁ ମୁଖ୍ୟମନ୍ତ୍ରୀ ହେବା ପରେ ଅଭିଷେକଙ୍କ ପ୍ରଥମ ପ୍ରତିକ୍ରିୟା



କୋଲକାତା: ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି(ବିଜେପି) ସରକାର ଗଠନ ହେବା ସହିତ ରାଜନୈତିକ ବୟାନବାଜି ତୀବ୍ର ହୋଇଛି। ଶନିବାର ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି, ଏବଂ ସେ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରାଜ୍ୟପାଳ ଆର.ଏନ. ରବି କୋଲକାତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ଆୟୋଜିତ ଏକ ଭବ୍ୟ ସମାରୋହରେ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ବିଜେପି ଏହାକୁ ପଶ୍ଚିମବଙ୍ଗରେ ଏକ ନୂତନ ରାଜନୈତିକ ଯୁଗର ଆରମ୍ଭ ବୋଲି କହୁଥିବା ବେଳେ, ତୃଣମୂଳ କଂଗ୍ରେସ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

ତୃଣମୂଳ କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ନିର୍ବାଚନ କମିସନ, ସରକାରୀ ସଂସ୍ଥା ଏବଂ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରାୟ ୩୦ ଲକ୍ଷ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ନିର୍ବାଚନ ସମୟରେ ଅନେକ ସରକାରୀ ସଂସ୍ଥା ଏବଂ ନିର୍ବାଚନ କମିସନଙ୍କ ମନୋଭାବ ପକ୍ଷପାତପୂର୍ଣ୍ଣ ରହିଥିଲା। ଏଭଳି ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକର ଭୂମିକା, ଯାହା ନିରପେକ୍ଷ ଭାବରେ କାର୍ଯ୍ୟ କରିବା ଉଚିତ ଥିଲା ମାତ୍ର ହୋଇନଥିଲା। ନିର୍ବାଚନର ନିରପେକ୍ଷତା, ବିଶ୍ୱସନୀୟତା ଏବଂ ସ୍ୱଚ୍ଛତା ଉପରେ ସେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଅଭିଷେକ କହିଛନ୍ତି, ଗଣନା ପ୍ରକ୍ରିୟା ଠାରୁ ଆରମ୍ଭ କରି ଇଭିଏମ୍‌ର ପରିଚାଳନା ଏବଂ ଗତିବିଧି ପର୍ଯ୍ୟନ୍ତ ଅନେକ ଘଟଣା ଜନସାଧାରଣଙ୍କ ସନ୍ଦେହ ସୃଷ୍ଟି କରିଛି। ସେ ନିୟନ୍ତ୍ରଣ ୟୁନିଟ୍ ମଧ୍ୟରେ ମେଳ ଖାଉନଥିବା ଅଭିଯୋଗ ମଧ୍ୟ କରିଛନ୍ତି। ସେ ଦାବି କରିଛନ୍ତି ଯେ ଗଣନା କେନ୍ଦ୍ରରୁ ସିସିଟିଭି ଫୁଟେଜ୍ ସାର୍ବଜନୀନ କରାଯାଉ ଏବଂ ଭିଭିପିଏଟି ସ୍ଲିପ୍ ସ୍ୱଚ୍ଛ ଭାବରେ ଗଣନା କରାଯାଉ, ଯାହା ଦ୍ୱାରା ସତ୍ୟ ପ୍ରକାଶିତ ହୋଇପାରିବ ଏବଂ ସମସ୍ତ ସନ୍ଦେହର ସମାଧାନ ହୋଇପାରିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯଦି ଜନସାଧାରଣ ନିର୍ବାଚନ ସଂସ୍ଥାଗୁଡ଼ିକ ଉପରେ ବିଶ୍ୱାସ ବଜାୟ ରଖନ୍ତି ତେବେ ହିଁ ଗଣତନ୍ତ୍ର ସୁଦୃଢ଼ ରହିପାରିବ। ତଥାପି, ଏହି ନିର୍ବାଚନରେ ଯାହା ଦେଖାଗଲା ତାହା ସେହି ବିଶ୍ୱାସକୁ ଏକ ଗୁରୁତର ଆଘାତ ଦେଇଛି।

ତୃଣମୂଳ କଂଗ୍ରେସ ନେତା ନିର୍ବାଚନ ପରବର୍ତ୍ତୀ ହିଂସା ଘଟଣା ଉପରେ ମଧ୍ୟ ଚିନ୍ତା ପ୍ରକାଶ କରି ଅଭିଯୋଗ କରିଛନ୍ତି ଯେ, ଦଳୀୟ କାର୍ଯ୍ୟାଳୟଗୁଡ଼ିକ ଉପରେ ଆକ୍ରମଣ କରାଯାଉଛି, କର୍ମୀମାନଙ୍କୁ ଭୟଭୀତ କରାଯାଉଛି ଏବଂ ଅନେକ ସମର୍ଥକଙ୍କୁ ଘରୁ ଛାଡିବାକୁ ବାଧ୍ୟ କରାଯାଉଛି। ସେ କହିଛନ୍ତି ଯେ, ଗଣତନ୍ତ୍ରରେ କୌଣସି ରାଜନୈତିକ କର୍ମୀଙ୍କୁ ସେମାନଙ୍କର ସୁରକ୍ଷା ଏବଂ ରାଜନୈତିକ ବିଚାରଧାରା ମଧ୍ୟରୁ ଗୋଟିଏ ବାଛିବାକୁ ବାଧ୍ୟ କରାଯିବା ଉଚିତ୍ ନୁହେଁ। ଅଭିଷେକ ବାନାର୍ଜୀ କହିଛନ୍ତି ଯେ, ସେ ଏବଂ ତାଙ୍କ ଦଳ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସମ୍ବିଧାନର ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବେ। ତୃଣମୂଳ କଂଗ୍ରେସ ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ଉଭୟରେ ଏକ ଦୃଢ଼ ଏବଂ ସ୍ପଷ୍ଟ ବିରୋଧୀ ଭୂମିକା ଗ୍ରହଣ କରିବ। ମମତା ବାନାର୍ଜୀଙ୍କ ନେତୃତ୍ୱରେ ଦଳ ଭୟ କିମ୍ବା ଆପୋଷ ବୁଝାମଣା ବିନା ଗଣତନ୍ତ୍ର, ସାମ୍ବିଧାନିକ ମୂଲ୍ୟବୋଧ ଏବଂ ଲୋକଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରଖିବ।

## କିମ୍ ଜୋଙ୍ଗ୍ ଉନଙ୍କୁ ଆକ୍ରମଣ ହେଲେ ହେବ ସ୍ୱୟଂଚାଳିତ ପରମାଣୁ ଆକ୍ରମଣ




ପ୍ୟୋଙ୍ଗୟାଙ୍ଗ: ଉତ୍ତର କୋରିଆ ନିଜର ପରମାଣୁ ନୀତିରେ ଏକ ବଡ଼ ଧରଣର ସଂଶୋଧନ କରି ସାରା ବିଶ୍ୱକୁ ଚକିତ କରିଦେଇଛି। ନୂତନ ନିୟମ ଅନୁଯାୟୀ, ଯଦି ଦେଶର ଶୀର୍ଷ ନେତା କିମ୍ ଜୋଙ୍ଗ୍ ଉନଙ୍କୁ କୌଣସି ବିଦେଶୀ ଆକ୍ରମଣରେ ହତ୍ୟା କରାଯାଏ କିମ୍ବା ସେ ଅକ୍ଷମ ହୋଇପଡ଼ନ୍ତି, ତେବେ ଶତ୍ରୁ ପକ୍ଷ ଉପରେ ସ୍ୱୟଂଚାଳିତ ଭାବେ ପରମାଣୁ ଆକ୍ରମଣ କରାଯିବ।

ଗତ ମାର୍ଚ୍ଚ ୨୨ ତାରିଖରେ ଅନୁଷ୍ଠିତ ଉତ୍ତର କୋରିଆର ୧୫ତମ ସୁପ୍ରିମ ପିପୁଲ୍ସ ଆସେମ୍ବଲିର ପ୍ରଥମ ଅଧିବେଶନରେ ଏହି ସାମ୍ବିଧାନିକ ସଂଶୋଧନକୁ ଗ୍ରହଣ କରାଯାଇଛି। ଏହି ପରିବର୍ତ୍ତନ ସମ୍ପର୍କିତ ତଥ୍ୟ ଦକ୍ଷିଣ କୋରିଆର ଏନଆଇଏସ୍ (ନ୍ୟାସନାଲ ଇଣ୍ଟେଲିଜେନ୍ସ ସର୍ଭିସ) ପକ୍ଷରୁ ଗୁରୁବାର ଦିନ ଶୀର୍ଷ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଛି। ସଂଶୋଧିତ ଆଇନର ଧାରା ୩ ଅନୁଯାୟୀ, ଯଦି ଦେଶର ପରମାଣୁ ବାହିନୀର କମାଣ୍ଡ-ଏଣ୍ଡ-କଣ୍ଟ୍ରୋଲ୍ ସିଷ୍ଟମ୍ ବିପଦରେ ପଡ଼େ, ତେବେ ବିନା କୌଣସି ନିର୍ଦ୍ଦେଶରେ ତୁରନ୍ତ ପରମାଣୁ ଆକ୍ରମଣ କରାଯିବ।

ବିଶେଷଜ୍ଞଙ୍କ ମତରେ, ଇରାନର ଶୀର୍ଷ ନେତା ଆୟାତୋଲ୍ଲା ଅଲି ଖେମିନି ଓ ବହୁ ବରିଷ୍ଠ ପରାମର୍ଶଦାତାଙ୍କୁ ଆମେରିକା-ଇସ୍ରାଏଲ୍ ସାମରିକ ଅପରେସନରେ ହତ୍ୟା କରାଯିବା ଘଟଣା ଉତ୍ତର କୋରିଆ ପାଇଁ ଏକ ଶିକ୍ଷା ସାବ୍ୟସ୍ତ ହୋଇଛି। କୁକମିନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଆନ୍ଦ୍ରେଇ ଲାନକୋଭ କହିଛନ୍ତି ଯେ, ଆମେରିକା ଓ ଇସ୍ରାଏଲର ‘ଡିକାପିଟେସନ୍ ଆଟାକ୍’ ବା ଶୀର୍ଷ ନେତାଙ୍କୁ ହଟାଇବାର ଦକ୍ଷତା ଦେଖି କିମ୍ ଜୋଙ୍ଗ୍ ଉନ୍ ଭୟଭୀତ ଅଛନ୍ତି।

ଯଦିଓ ଉତ୍ତର କୋରିଆ ବିଶ୍ୱର ଏକ ବିଚ୍ଛିନ୍ନ ଦେଶ ହୋଇଥିବାରୁ ସେଠାରେ ଗୋପନୀୟ ଗୋଇନ୍ଦା କାର୍ଯ୍ୟାନୁଷ୍ଠାନ କଷ୍ଟକର, ତଥାପି ସାଟେଲାଇଟ୍ ଟେକ୍ନୋଲୋଜି ମାଧ୍ୟମରେ ସୂଚନା ମିଳିବାର ଭୟ ପ୍ୟୋଙ୍ଗୟାଙ୍ଗର ଚିନ୍ତା ବଢ଼ାଇଛି । କିମ୍ ନିଜର ସୁରକ୍ଷା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରନ୍ତି ଏବଂ ବିମାନ ଯାତ୍ରା ବଦଳରେ ସଶସ୍ତ୍ର ଟ୍ରେନ୍ ବ୍ୟବହାର କରିଥାନ୍ତି। ସେହିପରି ଦକ୍ଷିଣ କୋରିଆ ସୀମା ନିକଟରେ ଉତ୍ତର କୋରିଆ ନିଜର ସାମରିକ ସ୍ଥିତିକୁ ମଧ୍ୟ ମଜଭୁତ କରୁଛି। ଚଳିତ ବର୍ଷ ସୀମାନ୍ତରେ ଏକ ନୂତନ ଦୂରଗାମୀ ଆର୍ଟିଲାରୀ ସିଷ୍ଟମ ମୁତୟନ କରିବାକୁ ପ୍ୟୋଙ୍ଗୟାଙ୍ଗ ଯୋଜନା କରିଛି।

## ବ୍ୟାପୁଛି ନୋରୋଭାଇରସ୍ ୧୦୨ ଯାତ୍ରୀ ଓ ୧୩କ୍ରୁ ସଦସ୍ୟ ଆକ୍ରାନ୍ତ



ନୂଆଦିଲ୍ଲୀ : କାରିବିଆନ୍ ପ୍ରିନ୍ସେସ୍ କ୍ରୁଜ୍ ଜାହାଜରେ ନୋରୋଭାଇରସ୍ ବ୍ୟାପିଛି। ଏଥିରେ ଥିବା ୩୧୧୬ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୦୨ ଜଣ ଯାତ୍ରୀ ଏବଂ ୧୩ ଜଣ କ୍ରୁ ସଦସ୍ୟ ଏହି ସଂକ୍ରମଣରେ ଆକ୍ରାନ୍ତ ହୋଇପଡ଼ିଛନ୍ତି । ଯାହାର ମୁଖ୍ୟ ଲକ୍ଷଣ ଝାଡା ଓ ବାନ୍ତି ବୋଲି ଜଣାପଡିଛି । ସୂଚନାନୁଯାୟୀ, ଏହି ଜାହାଜ ଯାତ୍ରା ଏପ୍ରିଲ ୨୮ ରୁ ମେ ୧ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇ ଫୋର୍ଟ ଲୌଡରଡେଲ୍ ରୁ ଯାତ୍ରା କରି ପୋର୍ଟ କାନାଭେରାଲ୍ ?ରେ ଶେଷ ହେବାର ଥିଲା । କିନ୍ତୁ ଏହି ଯାତ୍ରା ସମୟରେ ସଂକ୍ରମଣ ବ୍ୟାପିଯାଇଥିଲା । ଏହି ଭାଇରସ୍ ସଂକ୍ରମିତ ବ୍ୟକ୍ତିଙ୍କ ହାତ, ଖାଦ୍ୟ, ପାଣି କିମ୍ବା ସେମାନେ ଛୁଇଁଥିବା ସ୍ଥାନରୁ ଅନ୍ୟମାନଙ୍କ ପାଖକୁ ସହଜରେ ସଂକ୍ରମିତ ହୋଇଥାଏ । କ୍ରୁଜ ଜାହାଜରେ ବ୍ୟାପିଥିବା ଏହି ପେଟ ରୋଗର କାରଣ ହେଉଛି ନୋରୋଭାଇରସ୍ । ଏହା ଶୀଘ୍ର ସଂକ୍ରମିତ ହୋଇନଥାଏ । ସେଥିପାଇଁ ଜାହାଜରେ ଥିବା ସମସ୍ତ ଯାତ୍ରୀଙ୍କୁ ତୁରନ୍ତ ବ୍ୟାପିନଥିଲା । କ୍ରମାଗତ ଭାବେ ଧୀରେ ଧୀରେ ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ବଢିଥିଲା । ସେହି ସମୟରେ ଉଭଓ ଏକ ସାର୍ବଜନୀନ ବିଜ୍ଞପ୍ତି ଜାରି କରିଥିଲା । ଏଥିସହିତ ସ୍ୱାସ୍ଥ୍ୟ ଅଧିକାରୀମାନେ ଏବେ ଜାହାଜର ସମ୍ପୂର୍ଣ୍ଣ ଯାଞ୍ଚ କରୁଛନ୍ତି। ଜାହାଜ ପରିମଳ କାର୍ଯ୍ୟକ୍ରମର ଅଂଶ ଭାବରେ ମଧ୍ୟ ବ୍ୟାପକ ପରୀକ୍ଷଣ ଚାଲିଛି । ସିଡିସି ସହିତ ସମନ୍ୱୟ ରଖି ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି । ଅନ୍ୟପଟେ ଏହି ସଂକ୍ରମଣକୁ ରୋକିବାକୁ ସଫାସୁତୁରା ଜାରି ରଖାଯାଇଛି ବୋଲି ପ୍ରିନ୍ସେସ୍ କ୍ରୁଜେସ୍ କହିଛି ।

## ୟୁଏଫ୍‌ଓ ଉପରେ ନୀରବତା ଭାଙ୍ଗିଲା ଆମେରିକା ପ୍ରଥମ ଥର ପାଇଁ ପେଣ୍ଟାଗନ୍ ପ୍ରକାଶ କଲା ଗୁପ୍ତ ଦଲିଲ୍



ୱାସିଂଟନ: ପୃଥିବୀ ବାହାରେ ଜୀବନ ଅଛି କି ? ଏଲିଏନ୍ ଅଛନ୍ତି କି? ଏସବୁ ବିଷୟରେ ସସପେନ୍ସ ଏବେ ଶେଷ ହୋଇପାରେ। ଆମେରିକୀୟ ପ୍ରତିରକ୍ଷା ବିଭାଗ, ପେଣ୍ଟାଗନ୍, ପୂର୍ବରୁ ବର୍ଷ ବର୍ଷ ଧରି ଗୁପ୍ତ ରଖାଯାଇଥିବା ବର୍ଗୀକୃତ ଫାଇଲଗୁଡ଼ିକର ପ୍ରଥମ ବ୍ୟାଚ୍ ପ୍ରକାଶ କରିଛି। ଏହି ଫାଇଲଗୁଡ଼ିକରେ ଅଜଣା ଉଡ଼ନ୍ତା ବସ୍ତୁ କିମ୍ବା ୟୁଏଫ୍‌ଓ ଦେଖିବାର ରିପୋର୍ଟ ଅନ୍ତର୍ଭୁକ୍ତ। ପେଣ୍ଟାଗନ୍ ଆନୁଷ୍ଠାନିକ ଭାବରେ ସେସବୁକୁ ଅଜ୍ଞାତ ଅସାଧାରଣ ଘଟଣା(ୟୁଏପି) ବୋଲି କହୁଛି। ଆମେରିକୀୟମାନେ ଗତ କିଛି ଦଶନ୍ଧି ଧରି ଏହି ଫାଇଲଗୁଡ଼ିକୁ ପ୍ରକାଶ କରିବାକୁ ଦାବି କରିଆସୁଥିଲେ। ପେଣ୍ଟାଗନ୍ କହିଛି ଯେ, ସର୍ବାଧିକ ସ୍ୱଚ୍ଛତା ପାଇଁ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରୟାସର ଅଂଶ ଭାବରେ ଏହା ପ୍ରକାଶ କରାଯାଇଛି ଏବଂ ଆମେରିକୀୟ ଜନସାଧାରଣ ଏହି ବିଷୟଗୁଡ଼ିକ ଉପରେ ସ୍ୱାଧୀନ ଭାବରେ କୌଣସି ବାଧା ବିନା ନିଜର ନିଷ୍କର୍ଷ ବାହାର କରିପାରିବେ। ପ୍ରତିରକ୍ଷା ବିଭାଗ କହିଛି ଯେ, ପୂର୍ବ ସରକାରଗୁଡ଼ିକ ଆମେରିକୀୟ ଲୋକଙ୍କୁ ଏପରି ଘଟଣା ବିଷୟରେ ଆଲୋଚନା କରିବାକୁ ନିରୁତ୍ସାହିତ କରିଥିଲେ ତଥା ବାଧା ଦେଇଥିଲେ, କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପ ସର୍ବାଧିକ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଫାଇଲଗୁଡ଼ିକ ଦୀର୍ଘ ଦିନ ଧରି ଜାରି ରହିଥିବା କଳ୍ପନାଜଳ୍ପନାକୁ ଖୋରାକ ଯୋଗାଇଥିଲା, ଏବଂ ଏବେ ଆମେରିକୀୟ ଲୋକଙ୍କ ପାଇଁ ସେଗୁଡ଼ିକୁ ନିଜେ ଦେଖିବାର ଏବଂ ପରୀକ୍ଷା କରିବାର ସମୟ ଆସିଛି ବୋଲି ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ କହିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟର ୱେବସାଇଟରେ ୧୬୦ ରୁ ଅଧିକ ଫାଇଲ୍ ପ୍ରକାଶିତ ହୋଇଛି। ଡିସେମ୍ବର ୧୯୪୭ ର ଏକ ଫାଇଲରେ ଉଡ଼ନ୍ତା ଥାଳିଆ ବା ୟୁଏଫ୍‌ଓ ଉପରେ ରିପୋର୍ଟଗୁଡ଼ିକର ଏକ ସମ୍ପୂର୍ଣ୍ଣ ସିରିଜ୍ ରହିଛି। ଏଥିରେ ୧୯୭୨ ମସିହାରେ ଆପୋଲୋ ୧୭ ସମୟରେ ଚନ୍ଦ୍ର ନିକଟରେ ପରିଲକ୍ଷିତ ଅସାଧାରଣ ଦୃଶ୍ୟ ଏବଂ ଉଜ୍ଜ୍ୱଳ ଅଜ୍ଞାତ ବସ୍ତୁଗୁଡ଼ିକର ରିପୋର୍ଟ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଆମେରିକାର ବାୟୁସେନାର ଏକ ଗୁପ୍ତଚର ରିପୋର୍ଟରେ ଅଜଣା ବିମାନ ଏବଂ ଉଡ଼ନ୍ତା ଥାଳିଆ ଦେଖିବାର ବିବରଣୀ ଦିଆଯାଇଛି। ନଭେମ୍ବର ୧୯୪୮ ତାରିଖର ଏହି ରିପୋର୍ଟକୁ ଟପ୍ ସିକ୍ରେଟ୍ ଭାବରେ ଚିହ୍ନିତ କରାଯାଇଛି। ୨୦୨୩ ମସିହାର ସାମ୍ପ୍ରତିକ ଫାଇଲଗୁଡ଼ିକ ମଧ୍ୟରୁ ଗୋଟିଏରେ, ଫେଡେରାଲ୍ ଆଇନ ପ୍ରବର୍ତ୍ତନ ସ୍ୱତନ୍ତ୍ର ଏଜେଣ୍ଟମାନଙ୍କର ତିନୋଟି ଦଳ ପୃଥକ ଭାବରେ ଆକାଶରେ କମଳା ଗୋଲକ ଦେଖିବାର ରିପୋର୍ଟ କରିଥିଲେ, ଯେଉଁଥିରେ ଛୋଟ ଲାଲ ଗୋଲକ ବାହାରୁଥିବାର ଦେଖାଯାଇଥିଲା।

# ସାଇରଜ୍ ବାହୁତୁଲେ ହେବେ ସ୍ପିନ୍ ବୋଲିଂ କୋଚ





**ନୂଆଦିଲ୍ଲୀ,୯।୫:** ଭାରତୀୟ କ୍ରିକେଟ ଟିମର ସପୋର୍ଟ ଷ୍ଟାଫ୍ ରେ ଖୁବ୍ ଶୀଘ୍ର ପରିବର୍ତ୍ତନ ଦେଖିବାକୁ ମିଳିବ । କ୍ରିକବିଜ୍ ରିପୋର୍ଟ-ମୁତାବକ, ଟିମ୍ ଇଣ୍ଡିଆର ହେଡ୍ କୋଚ୍ ଗୌତମ୍ ଗମ୍ଭୀର ଏନେଇ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ବା ବିସିସିଆଇକୁ ଜଣେ ସ୍ପିନ୍ ବୋଲିଂ କୋଚ୍ ନିଯୁକ୍ତ କରିବାକୁ ସୁପାରିଶ କରିଛନ୍ତି । ଭାରତରେ ସ୍ପିନ୍ ବୋଲିଂ କୋଚ୍ ପାଇଁ ପୂର୍ବତନ ଭାରତୀୟ ସ୍ପିନର୍ ସାଇରଜ୍ ବାହୁତୁଲେଙ୍କ ନାଁ ସୁପାରିଶ କରିଛନ୍ତି । ଯଦି ବିସିସିଆଇ ଏହାକୁ ଅନୁମୋଦନ ଦିଏ ତେବେ ଟିମ୍ ଇଣ୍ଡିଆ ସପୋର୍ଟ ଷ୍ଟାଫ୍ ଭାବେ ପ୍ରଥମ ଥର ପାଇଁ ଜଣେ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ପାଇବ । ବର୍ତ୍ତମାନ ଟିମ୍ ଇଣ୍ଡିଆରେ । ମାର୍ନେ ମୋର୍କେଲ ଦ୍ରୁତ ବୋଲିଂ ଟେନର, ସୀତାଂଶୁ କୋଟକ୍ ବ୍ୟାଟିଂକୋଚ୍ ଅଛନ୍ତି । କିନ୍ତୁ ସ୍ପିନ୍ ବୋଲିଂ ପାଇଁ ସ୍ୱତନ୍ତ୍ର କୋଚ୍ ନାହାନ୍ତି। ଏବେ ଏହି ବିଭାଗକୁ ଗମ୍ଭୀର ମଜବୁତ୍ କରିବାକୁ ଚାହୁଁଛନ୍ତି।

କିଛି ବର୍ଷ ହେବ ଭାରତୀୟ ଟିମ୍ ସ୍ପିନ୍ ବୋଲିଂ ପାଇଁ ଘରୋଇ ପରିବେଶରେ ଖୁବ୍ ସଂଘର୍ଷ କରୁଛି । ସାଇରାଜ ବହୁତୁଲେ ଜଣେ ପୂର୍ବତନ ଭାରତୀୟ ଲେଗ୍ ସ୍ପିନର୍ । ସେ ଭାରତ ପାଁ ଦୁଟି ଟେଷ୍ଟ ଏବଂ ୮ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେ ଟେଷ୍ଟରେ ୩୯ ରନ୍ ଏବଂ ୩ଟି ଓ୍ୱିକେଟ୍ ନେଇଥିଲେ । ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଅଧିକ ଦିନ ଚାଲିନଥିଲେ ବି ଘରୋଇ କ୍ରିକେଟରେ ତାଙ୍କର ପ୍ରଭାବଶାଳୀ ରେକର୍ଡ ଅଛି । ଏବଂ ଜଣେ ପ୍ରଶିକ୍ଷକ ଭାବେ ମଧ୍ୟ ତାଙ୍କର ଖ୍ୟାତି ରହିଛି। ସାଇରାଜ୍ ବାହୁତୁଲେ ଦୀର୍ଘ ସମୟ ଧରି ଘରୋଇ କ୍ରିକେଟ୍ ଏବଂ ବିସିସିଆଇର ଜାତୀୟ କ୍ରିକେଟ୍ ଏକାଡେମୀ ସିଷ୍ଟମ ସହ ସମାଲ୍ ଅଛନ୍ତି । ସେ ଅନେକ ରଣଜୀ ଦଳ ସହ କାମ କରିଛନ୍ତି। ଏବେ ଯୁବ ଖେଳାଳୀଙ୍କୁ ଟ୍ରେନିଂ ଦେଉଛନ୍ତି । ସେ ଏବେ ପଞ୍ଜାବ କିଙ୍ଗସର ସ୍ପିନ୍ ବେଲଇଂ ପ୍ରଶିକ୍ଷକ ଅଛନ୍ତି । ସାଇରାଜଙ୍କ ପ୍ରଶିକ୍ଷଣରେ ଅନେକ ଘରୋଇ ବୋଲର ଉପକୃତ ହୋଇଛନ୍ତି । ଏହି କାରଣରୁ ଗମ୍ଭୀର ତାଙ୍କ ନାଁକୁ ସୁପାରିଶ କରିଛନ୍ତି । ପୂର୍ବରୁ ବି ବହୁତୁଲେଙ୍କ ନାଁକୁ ରାହୁଲ ଦ୍ରାବିଡ୍ ସୁପାରିଶ କରିଥିଲେ। ଏନେଇ ଗମ୍ଭୀର, ସାଇରାଜ ଏବଂ ବିସିସିଆଇ ମଧ୍ୟରେ ପ୍ରାରମ୍ଭିକ ଆଲୋଚନା ହୋଇସାରିଛି । ତଥାପି ବାହୁତୁଲେଙ୍କ ନିଯୁକ୍ତି ପଞ୍ଜାବ କିଙ୍ଗସ୍ ସହ ତାଙ୍କର ଚୁକ୍ତି ଏବଂ ଓଟଖ ୨୦୨୬ ଅଭିଯାନ ଉପରେ ନିର୍ଭର କରୁଛି । ଯଦି ବାହୁତୁଲେଙ୍କୁ ଇଣ୍ଡିଆନ୍ ଟିମରେ ନିଯୁକ୍ତି ମିଳେ ତାହାଲେ ଟିମର ଦକ୍ଷତା ଆହୁରି ବ ?ିବ ବୋଲି କୁହାଯାଉଛି ।

# ଯଶସ୍ୱୀ ଓ ଶେଫାଳିଙ୍କୁ ନୋଟିସ୍

**ନୂଆଦିଲ୍ଲୀ,୯।୫:** ବିବାଦରେ ଭାରତୀୟ କ୍ରିକେଟର ଦୁଇ ଯୁବ ତାରକା ଯଶସ୍ୱୀ ଜୈସଓ୍ୱାଲ ଓ ଶେଫାଳି ବର୍ମା। ଉଭୟଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ପକ୍ଷରୁ ପଠାଯାଇଛି ନୋଟିସ। ସେମାନଙ୍କୁ ମିଳିଛି ପ୍ରଥମ 'ମିସଡ ଟେଷ୍ଟ' ନୋଟିସ। ଅର୍ଥାତ ନାଡା ଉଭୟଙ୍କ ଡୋପ ଟେଷ୍ଟ କରିବାକୁ ଚାହୁଁଥିଲେ ହେଁ ସେମାନେ ଉପସ୍ଥିତ ନଥିଲେ। ଧାର୍ଯ୍ୟ ଡୋପ ଟେଷ୍ଟ ପାଇଁ ଉଭୟ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହିବେ ବୋଲି କହିଥିଲେ। କିନ୍ତୁ ଟେଷ୍ଟ ସମୟରେ ସେମାନଙ୍କୁ ସେଠାରେ ଦେଖିବାକୁ ମିଳି ନଥିଲା। ଏହି କାରଣରୁ ଉଭୟଙ୍କୁ ନୋଟିସ କରାଯାଇଛି। ଦୁଇ ଭାରତୀୟ କ୍ରିକେଟରଙ୍କୁ ଏ ସମ୍ପର୍କରେ ଜବାବ ରଖିବାକୁ ସୁଯୋଗ ମିଳିଛି। ବିସିସିଆଇ ଜରିଆରେ ସେମାନେ ନାଡା ନୋଟିସର ଜବାବ ଦେବେ।





ନାଡାର ପଞ୍ଜିକୃତ ଟେଷ୍ଟିଂ ପୋଲର ଅଂଶବିଶେଷ ହୋଇଥିଲେ ହେଁ ଦୁଇ କ୍ରିକେଟର ପ୍ରଥମଥର ପାଇଁ ଟେଷ୍ଟ ଦେବାରେ ବିଫଳ ହୋଇଛନ୍ତି। ନିୟମ ଅନୁସାରେ, ନାଡାଡାର ପଞ୍ଜିକୃତ ଟେଷ୍ଟିଂ ପୋଲରେ ଥିବା ଖେଳାଳିମାନଙ୍କୁ ଡୋପ ଟେଷ୍ଟ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଓ ସ୍ଥାନ ଦେବାକୁ ପଡିଥାଏ। ଉକ୍ତ ସ୍ଥାନରେ ଅଧିକାରୀମାନେ ଖେଳାଳିମାନଙ୍କ ଡୋପ ଟେଷ୍ଟ ପାଇଁ ନମୁନା ସଂଗ୍ରହ କରିବେ। ଯଦି ଟେଷ୍ଟ ପାଇଁ ଆସିଥିବା ଡୋପିଂ କଣ୍ଟ୍ରୋଲ ଅଧିକାରୀ ଧାର୍ଯ୍ୟ ସ୍ଥାନରେ ଖେଳାଳିଙ୍କୁ ପାଇବେ ନାହିଁ, ତା'ହେଲେ ଏହାକୁ ମିସଡ ଟେଷ୍ଟ ଭାବେ ବିବେଚନା କରାଯାଏ। ଏବେ ଯଶସ୍ୱୀ ଓ ଶେଫାଳି ସମାନ ସ୍ଥିତର ସମ୍ମୁଖୀନ ହୋଇଛନ୍ତି। ସେମାନେ ଧାର୍ଯ୍ୟ ସ୍ଥାନରେ ଡୋପ ଟେଷ୍ଟ ପାଇଁ ନିଜର ନମୁନା ଦେଇ ନାହାନ୍ତି। ଗତବର୍ଷ ଡିସେମ୍ବର ୧୭ରେ ଯଶସ୍ୱୀଙ୍କ ଡୋପ ଟେଷ୍ଟ କରିବାକୁ ଜଣେ ଡିସିଓ ଚାହିଁଥିଲେ।

# ସୂର୍ଯ୍ୟଙ୍କୁ ଗାଦିଚ୍ୟୁତ କରିବେ ଶ୍ରେୟସ୍ !




**ନୂଆଦିଲ୍ଲୀ,୯।୫:** ଭାରତକୁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଚାମ୍ପିଅନ୍ କରିବା ସତ୍ତ୍ୱେ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ସନ୍ତୁଷ୍ଟ ନାହାନ୍ତି ଚୟନ କମିଟି। ଲମ୍ବା ସମୟ ଖରାପ ଫର୍ମ ସହ ସଂଘର୍ଷ କରୁଥିବା ସୂର୍ଯ୍ୟଙ୍କୁ ଆଉ ସୁଯୋଗ ଦେବା ଉଦ୍ଦେଶ୍ୟରେ ନାହାନ୍ତି ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଏହି କମିଟି। ଆଗାମୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ ପାଇଁ ସୂର୍ଯ୍ୟଙ୍କୁ ହଟାଇ ଶ୍ରେୟସ୍ ଆୟରଙ୍କୁ ଅଧିନାୟକ କରାଯାଇପାରେ। ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଚଳିତ ପଞ୍ଜାବ କିଙ୍ଗ୍ସରେ ଶ୍ରେୟସଙ୍କ ଦକ୍ଷ ନେତୃତ୍ୱରେ ଖୁସି ଅଛନ୍ତି ଚୟନ କମିଟି। ତାଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇନଥିଲେ ବି ସେ ଚଳିତ ଆଇପିଏଲ୍ ଋତୁରେ ଏପର୍ଯ୍ୟନ୍ତ ୯ ମ୍ୟାଚ୍ ଖେଳି ୩୩୩ ରନ୍ କରିଛନ୍ତି। ଏପରିକି ପଞ୍ଜାବ ଖେଳିଥିବା ପ୍ରଥମ ସାତଟି ମ୍ୟାଚ୍ରୁ ଛଅଟିରେ ବିଜୟ ହାସଲ କରିଥିଲା। ଏଣୁ ତାଙ୍କୁ ଭାରତୀୟ ଟ୍ୱେଣ୍ଟି-୨୦ ଦଳର ନେତୃତ୍ୱ ଦିଆଯାଇପାରେ। ଏପରିକି ଦିନିକିଆ ଓ ଟ୍ୱେଣ୍ଟି-୨୦ ଫର୍ମାଟ୍ ଲାଗି ଜଣକୁ ଅଧିନାୟକ କରିବା ଲାଗି ବିଚାର କରାଯାଉଛି। ଅନ୍ୟପକ୍ଷରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତ ବିଶ୍ୱ ଚାମ୍ପିୟନ ହୋଇଥିଲେ ବି ତାଙ୍କର ପ୍ରଦର୍ଶନ ଆଶାନୁରୂପ ନଥିଲା। ପୁଣି ଆଇପିଏଲ୍‌ରେ ବି ସେ ସଂଘର୍ଷ କରୁଥିବା ଦେଖାଯାଉଛି। ଏ ପର୍ଯ୍ୟନ୍ତ ସେ ମୋଟ ୧୦ ମ୍ୟାଚ୍ ଖେଳି ମାତ୍ର ୧୯୫ ରନ୍ କରିଛନ୍ତି। ଏଣୁ ତାଙ୍କୁ ଆହୁରି ଅଧିକ ସମୟ ପ୍ରଦାନ କରିବା ସ୍ଥିତିରେ ନାହାନ୍ତି ଚୟନ କମିଟି। ଏପରିକି ଅଧିନାୟକ ପଦ ତ ଦୂରର କଥା ତାଙ୍କୁ ଦଳରେ ବି ସାମିଲ କରାଯିବା ନେଇ ସଂଦେହ ରହିଛି।

# ସିଏମ ଟ୍ରଫି ଦ୍ୱିତୀୟ ସଂସ୍କରଣ ଫୁଟବଲ ପ୍ରତିଯୋଗିତା

**କେନ୍ଦ୍ରାପଡା,୯।୫:** ୧୪ ବର୍ଷ କମ୍ ବାଳକ ଓ ବାଳିକା ବିଭାଗର ସି.ଏମ ଟ୍ରଫି ଦ୍ୱିତୀୟ ସଂସ୍କରଣ ଫୁଟବଲ୍ ପ୍ରତିଯୋଗିତା ପଟ୍ଟାମୁଣ୍ଡାଇ ସ୍ଥିତ ହରିହରାନନ୍ଦ ଆଶ୍ରମ ସ୍କୁଲ ପଡିଆ ଠାରେ ଉଦ୍‌ଘାଟିତ ହୋଇଯାଇଅଛି । ୨୪/୪/୨୦୨୬ ଠାରୁ ଆରମ୍ଭ ହୋଇ ଆଜି ୮/୫/୨୦୨୬ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାଳକ ବିଭାଗର ପଟ୍ଟାମୁଣ୍ଡାଇ ଦଳ ୪-୨ପେନାଲଟିକ୍ ସୁଟ ମାଧ୍ୟମରେ ନେତାଜୀ କ୍ଲବ ରାଜକନିକାକୁ ପରାସ୍ତ କରିଥିବା ସ୍ଥଳେ ବାଳିକା ବିଭାଗରେ ଆଳି ହାଇସ୍କୁଲ ଦଳ ଆଳି ଆକେଡେମିକୁ ୬-୦ ଗୋଲରେ ପରାସ୍ତ କରି ଚଳିତବର୍ଷ ସି.ଏମ.ଟ୍ରଫି ଗ୍ରହଣ କରିଅଛି । ଆଜିର ଉଦ୍‌ଯାପନ ଉତ୍ସବରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଫୁଟବଲ ଖେଳି କେନ୍ଦ୍ରାପଡା ଜିଲ୍ଲାକୁ ଏକ ଅଗ୍ରଣୀ ଫୁଟବଲ ଦଳ ଭାବେ ସୁନାମ ଆଣିବା ପାଇଁ ସମସ୍ତେ ସହଯୋଗ କରିବା ସହ ଫୁଟବଲ ଖେଳିଲେ ଶରୀର ସମସ୍ତ ଅଙ୍ଗ ଚଳ ଚଞ୍ଚଳ ହେବା ସହ ମାନସିକ ଶାନ୍ତି ପ୍ରଦାନ କରିଥାଏ ବୋଲି ମତ ପ୍ରକାଶ ବୋଲି କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଖେଳାଳୀ ମାନେ ଗ୍ରାମା□ଳରୁ କିପରି ଜାତୀୟ ସ୍ତରିୟ ଖେଳାଳୀ ରୂପେ ପହଞ୍ଚି ପାରିବେ ସେଥି ନିମନ୍ତେ ମାର୍ଗଦର୍ଶନ କରିଥିଲେ । କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡା ଜିଲ୍ଲାର କିପରି ଦଳ ଚୟନ କରାଯାଇ ରାଜ୍ୟ ସ୍ତରିୟ ପ୍ରତିଯୋଗିତା ଭାଗ ନେବା ନିମନ୍ତେ କଠିନ ପରିଶ୍ରମର ଆବଶ୍ୟକତା ପାଇଁ ଜିଲ୍ଲା ସାଧାରଣ ସମ୍ପାଦକ ସୟଦ ଅକମଲ୍ଲ ଅଲ୍ଲୀ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । କ୍ରୀଡା ସମ୍ପାଦକ ଜ୍ୟୋତିର୍ମୟ ଦାସ ସଭା ପରିଚାଳନା କରିଥିବାବେଳେ ଅତିଥି ମାନଙ୍କ ମଧ୍ୟରେ ଆଶ୍ରମ ସ୍କୁଲର ଅଧକ୍ଷ ଡଃ ମଳୟ ଚନ୍ଦ୍ର ଗିରୀ ଏବଂ କୋଷାଧକ୍ଷ ଯୁଧିଷ୍ଠିର ଲେଙ୍କା ବରିଷ୍ଠ ସଭ୍ୟ ଦେବେନ୍ଦ୍ର ସାହୁ, ସ୍ୱାମୀ ଆଦିତ୍ୟ ନନ୍ଦ ଗିରି, ଅମ୍ବିକା ମହାନ୍ତି, ଅଜହର ଅଲ୍ଲି, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖେଳକୁ ଓଡିଶା ପରୀ ଦୈତାରି କୁରୁ, ଆରତୀ ସାହୁ, ସାକେଲିନ, ଆଲମବାବୁ ସଲିମ ପ୍ରମୁଖ ପରିଚାଳନା କରିଥିବା ସ୍ଥଳେ ଆର୍ନ୍ତଜାତୀୟ ମହିଳା ଫୁଟବଲ ଖେଳାଳୀ ଗାୟତ୍ରୀ ମଲ୍ଲିକ ଆଲୋଚନା ସେନାପତି, ରଶ୍ମୀତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଓଡିଶା ଚେସ ଟୁର୍ଣ୍ଣାମେଣ୍ଟର ଗୁମର ଖୋଲିଲେ ଅଭିଜିତ ଗୁପ୍ତା



**ନୂଆଦିଲ୍ଲୀ,୯।୫:** ଇଣ୍ଡିଆ ଗ୍ରାଣ୍ଡମାଷ୍ଟର ତଥା ଅର୍ଜୁନ ପୁରସ୍କାର ପାଇଥିବା ଅଭିଜିତ ଗୁପ୍ତା ଓଡିଶା ଓପନ ଆୟୋଜକଙ୍କ ଗୁମର ଖୋଲି ଦେଇଛନ୍ତି। ସେ ଓଡିଶା ଓପନ ଚେସ ଟୁର୍ଣ୍ଣାମେଣ୍ଟ ଜିତିଥିଲେ ହେଁ ତାଙ୍କୁ ଏଯାଏ ପୁରସ୍କାର ରାଶି ମିଳି ନଥିବା କହିଛନ୍ତି। ପୁରସ୍କାର ବାବଦ ଟଙ୍କା ମିଳୁ ନଥିବାରୁ ଅଭିଜିତ କ୍ରୀଡା ମନ୍ତ୍ରଣାଳୟର ହସ୍ତକ୍ଷେପ ଲୋଡିଛନ୍ତି। ଅଭିଜିତ କହିଛନ୍ତି ଯେ ସେ ଚଳିତ ବର୍ଷ ଜାନୁଆରୀରେ ଯେତେବେଳେ ଓଡିଶା ଓପନ ୨୦୨୬ ଜିତିଥିଲେ ସେତେବେଳେ ତାଙ୍କୁ ମାସକ ମଧ୍ୟରେ ବିଜୟ ବାବଦରେ ୫.୫ ଲକ୍ଷ ଟଙ୍କା ମିଳିବ ବୋଲି କୁହାଯାଇଥିଲା। କିନ୍ତୁ ସେ ମାସକ ପରେ ଯୋଗାଯୋଗ କରିବାରୁ ଆୟୋଜକମାନେ ତାଙ୍କୁ କୌଣସି ପ୍ରକାରର ସହାୟତା କରୁ ନାହାନ୍ତି। ସର୍ବଭାରତୀୟ ଚେସ ମହାସଂଘ ସହ ସେ ବାରମ୍ବାର ଯୋଗାଯୋଗ କରିଥିଲେ ହେଁ ତାଙ୍କ ଟଙ୍କା ଏଯାଏ ମିଳିନାହିଁ। ଏଥିପାଇଁ ସେ କ୍ରୀଡା ମନ୍ତ୍ରଣାଳୟର ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ପିଟିଆଇର ରିପୋର୍ଟ ଅନୁସାରେ, ଓଡିଶା ଚେସ ଆସୋସିଏସନ ଏବେ ଆଭ୍ୟନ୍ତରୀଣ ବିବାଦ ମଧ୍ୟରେ ଫସି ରହିଛି। ସଂଗଠନର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ ହୋଇଯାଇଥିବାରୁ ଆୟୋଜକମାନେ ବାକି ରହିଥିବା ଫି' ଦେବାକୁ ସକ୍ଷମ ହେଉ ନାହାନ୍ତି। ଅଭିଜିତ କହିଛନ୍ତି, "ମୁଁ ଦୟା ପୂର୍ବକୁ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟକୁ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛି। ଖେଳାଳିମାନେ ଯେମିତି ସେମାନଙ୍କର ଅଧିକାରର ପୁରସ୍କାର ରାଶିକୁ ସ୍ୱଚ୍ଛତାର ସହ ପାଇବେ, ତା'ର ବ୍ୟବସ୍ଥା କରନ୍ତୁ।" ୩୬ ବର୍ଷୀୟ ଅଭିଜିତ ପ୍ରଥମ ଖେଳାଳି ଭାବେ ରାଜ୍ୟଗୋଷ୍ଠୀ ଚେସ ଚାମ୍ପିୟନଶିପ ୫ଥର ଜିତିଛନ୍ତି।

ସେ ଆହୁରି କହିଛନ୍ତି, "ଏହା ମିଳି ନଥିବା ପୁରସ୍କାର ରାଶି କେବଳ ନୁହେଁ। ଏହା ଭାରତର ପ୍ରତିଟି ଚେସ ଖେଳାଳିଙ୍କ ସମ୍ମାନ ଓ ବିଶ୍ୱାସର ସୁରକ୍ଷା ସହ ଜଡିତ। ମୁଁ ୨୦୨୬ ଜାନୁଆରୀ ମାସରେ ଓଡିଶା ଓପନ ଜିତିଥିଲି। ଆୟୋଜକମାନେ ମୋତେ ପ୍ରତିଶ୍ରୁତି ଦେଇଥିଲେ ଯେ ମାସକ ମଧ୍ୟରେ ଟଙ୍କା ମିଳିଯିବ। ହେଲେ ମୁଁ ସେମାନଙ୍କୁ ଯୋଗାଯୋଗ କରୁଥିଲେ ହେଁ କୌଣସି ସୁଫଳ ମିଳିନି। ଜଣେ କ୍ରୀଡାବିତ ଭାବେ ବିଜୟ ହେବା ଆମେ କ୍ଷତିକୁ ସହିବା ଶିଖିଛୁ। ଏହା ଯାତ୍ରାର ଅଂଶବିଶେଷ। କିନ୍ତୁ ଜିତିବା ପରେ ନିଜର ଅଧିକାର ବାବଦ ପୁରସ୍କାର ନ ମିଳିବା ଅତ୍ୟନ୍ତ ଯନ୍ତ୍ରଣା ଦାୟକ।" ଏପରି କହିବାର କିଛି ସମୟ ପରେ ସେ ସୋଶାଲ ମିଡିଆରେ ଆଉ ଏକ ପୋଷ୍ଟ କରିଛନ୍ତି। ସର୍ବ ଭାରତୀୟ ଚେସ ମହାସଂଘ ସଭାପତି ନୀତୀନ ନାରଙ୍ଗ ତାଙ୍କୁ ଯୋଗାଯୋଗ କରିବା ସହ ଖୁବଶୀଘ୍ର ବିବାଦର ସମାଧାନ କରିବେ ବୋଲି କହିଥିବା ଅଭିଜିତ ସୂଚନା ଦେଇଛନ୍ତି।

# ଦିଲ୍ଲୀକୁ ୨-୧ ଗୋଲ୍‌ରେ ହରାଇଲା ଓଡ଼ିଶା

**ନୂଆଦିଲ୍ଲୀ,୯।୫:** ଇଣ୍ଡିଆନ୍ ସୁପର ଲିଗ୍‌ରେ ଓଡ଼ିଶା ଏଫସି ୨-୧ ଗୋଲ୍‌ରେ ସ୍ପୋର୍ଟିଂ କ୍ଲବ ଦିଲ୍ଲୀକୁ ପରାସ୍ତ କରି ବହୁପ୍ରତୀକ୍ଷିତ ବିଜୟ ହାସଲ କରିଛି। ନୂଆଦିଲ୍ଲୀରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପକ୍ଷରୁ ଭିପି ସୁହେର୍ ଚତୁର୍ଥ ମିନିଟରେ ଓ କେ. ଲାଲରିନ୍‌ଫେଲା ୧୩ତମ ମିନିଟରେ ଗୋଲ୍ ଦେଇଥିଲେ। ତେବେ ମ୍ୟାଚର ୭୪ତମ ମିନିଟରେ ଦିଲ୍ଲୀର ମାତିଜା ବାବୋଭିକ୍ ଗୋଟିଏ ଗୋଲ୍ ଦେଇ ବ୍ୟବଧାନକୁ କିଛିଟା ହ୍ରାସ କରିଥିଲେ। ମ୍ୟାଚ୍ର ପରବର୍ତ୍ତୀ ସମୟରେ ଦିଲ୍ଲୀ ପକ୍ଷରୁ ଘନ ଘନ ଆକ୍ରମଣ କରାଯାଇଥିଲେ ବି ଆଉ କୌଣସି ଗୋଲ୍ ଦେଇପାରିନଥିଲେ। ଓଡ଼ିଶା ନିଜର ପୂର୍ବ ମ୍ୟାଚ୍‌ରେ ବେଙ୍ଗାଲୁରୁ ଏଫସି ସହ ମ୍ୟାଚ୍ ଡ୍ର କରିଥିଲା। ଏହି ବିଜୟ ସହ ଓଡ଼ିଶା ୧୧ ମ୍ୟାଚରୁ ୨ ବିଜୟ, ୫ ପରାଜୟ ଓ ୪ ଡ୍ର ସହ ୧୦ ପଏଣ୍ଟ ପାଇ ଏକାଦଶ ସ୍ଥାନରେ ରହିଛି। ଦିଲ୍ଲୀ ୧୧ ମ୍ୟାଚରୁ ୨ ବିଜୟ, ୫ ପରାଜୟ ଓ ୪ ଡ୍ର ସହ ୧୦ ପଏଣ୍ଟ ପାଇ ଦଶମ ସ୍ଥାନରେ ରହିଛି। ଓଡ଼ିଶା ନିଜର ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୧୬ ତାରିଖରେ ପଞ୍ଜାବ ଏଫସି ସହ ଖେଳିବ।



# 'ମମ୍ମା ଓ୍ୱାଲି ଫିଲିଙ୍ଗ୍' ଡିଭିସି ଉନ୍ମୋଚିତ

**ମୁମ୍ବାଇ,୯।୫:** ଶିଶୁମାନେ ଭଲ ପାଉଥିବା ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଶିଶୁ ଯତ୍ନକାରୀ ବ୍ରାଣ୍ଡ୍ ହିମାଳୟ ବେବିକେୟାର ସଦା ପରିବର୍ତ୍ତନଶୀଳ ମାତୃତ୍ୱର ଯାତ୍ରାକୁ ପାଳନ କରିବାକୁ ଯାଇ ଏହି ମାତୃ ଦିବସରେ ଏକ ହୃଦୟସ୍ପର୍ଶୀ ଡିଭିସି ଉନ୍ମୋଚନ କରିଛି। ଏହି ପ୍ରଚାର ଅଭିଯାନ ଏକାଧିକ ଶିଶୁଙ୍କର 'ପ୍ରଥମ' ଏବଂ ସେମାନେ ଆଗକୁ ବହନ କରୁଥିବା ଉଷ୍ମ ଭାବପ୍ରବଣତାଗୁଡିକ ଜରିଆର ଏହି ଯାତ୍ରା ସମ୍ପର୍କରେ ଆଲୋକପାତ କରୁଛି।

ଏହାର ମୂଳରେ ରହିଥିବା ଚିନ୍ତାଧାରା ହେଉଛି ଯେ ଏହି ଉଲ୍ଲେଖନୀୟ ଘଟଣାଗୁଡିକ ଯେତେବେଳେ ଗୋଟିଏ ଶିଶୁର ଅଭିବୃଦ୍ଧିକୁ ନେଇ ଖୁସି ମନାଉଛି, ସେତେବେଳେ ଏହି ମୁହୂର୍ତ୍ତଗୁଡିକ ମା'ଙ୍କ ପାଇଁ ମଧ୍ୟ ସେତିକି ଗୁରିତ୍ୱପୂର୍ଣ୍ଣ ଓ ଭାବପ୍ରବଣପୂର୍ଣ୍ଣ ଅଟେ। ବର୍ତ୍ତମାନର ପରିବର୍ତ୍ତିତ ପିତୃତ୍ୱ ଓ ମାତୃତ୍ୱ ଯାତ୍ରାରେ ଏହିଭଳି ଅନେକ ମୁହୂର୍ତ୍ତ ନିରବରେ ଅତିବାହିତ ହୋଇଯାଉଛି, ଅନେକ ସମୟରେ ତାହା ଜଣାପଡୁନାହିଁ। ଏହି ଡିଭିସି ସହିତ ହିମାଳୟ ବେବିକେୟାର ମା'ଙ୍କର ଅଭିଜ୍ଞତା ଉପରେ ସମୁଦାୟ ବର୍ଣ୍ଣନାକୁ କେନ୍ଦ୍ରୀଭୂତ କରିଛି- ଏବଂ ତାହା ପ୍ରତ୍ୟେକ 'ପ୍ରଥମ' ସହିତ ସହଜାତ ବନ୍ଧନକୁ ନେଇ ଆନନ୍ଦ ଉତ୍ସାହ ମନାଉଛି। କାଳଜୟୀ ଲୋରି 'ଚନ୍ଦା ହୈ ତୁ' ଦ୍ୱାରା ଅନୁପ୍ରେରିତ ହୋଇ ଏହି ଚଳଚ୍ଚିତ୍ର ଏକ ପ୍ରତିଫଳନକାରୀ ବର୍ଣ୍ଣନା ଭାବରେ ସମ୍ମୁଖକୁ ଆସୁଛି, ଯାହା ଶିଶୁର ପ୍ରଥମ ଉଲ୍ଲେଖନୀୟ ଘଟଣାଗୁଡିକ ଜରିଆରେ ମାତୃତ୍ୱର ଭାବପ୍ରବଣ ଯାତ୍ରାର ସନ୍ଧାନ କରୁଛି, ଏବଂ ଏହା ଏକ ଉଷ୍ମ, ସ୍ମୃତିବିଜଡିତ ଏବଂ ସାଂସ୍କୃତିକ ପରିଚିତିର ଭାବନାକୁ ଉଦ୍ରେକ କରୁଛି। ଚଳଚ୍ଚିତ୍ରଟି ଏକ ଫ୍ଲାଶବ୍ୟାକ୍ ସହିତ ଆରମ୍ଭ ହେଉଛି, ଯେଉଁଥିରେ ଜଣେ ମା' ତାଙ୍କର ଶିଶୁ କନ୍ୟାକୁ ବିଦ୍ୟାଳୟରେ ପ୍ରଥମ ଦିନ ନିମନ୍ତେ ପ୍ରସ୍ତୁତ କରାଉଛି। ଏହା ଏକ ବୃହତ୍ ଉଲ୍ଲେଖନୀୟ ଘଟଣା ଏବଂ ଜଣେ ମା' ଶିଶୁ ପାଇଁ ଯାହା କରୁଛନ୍ତି ତାହା ଜଣେ ସେହି ମା'ଙ୍କ ପାଇଁ ସେହିଭଳି ଭାବପ୍ରବଣ ଭାବନା ସୃଷ୍ଟି କରୁଛି। ଝିଅକୁ ୟୁନିଫର୍ମରେ ସେହିଭଳି ଛିଡା ହୋଇଥିବା ଦେଖି ମା'ଙ୍କ ମନରେ ଅନେକ ସ୍ମୃତିର ଲହଡି ଉଙ୍କି ମାରୁଛି। ଗୋଟିଏ ପରେ ଗୋଟିଏ ବର୍ଷ ଆଖି ଆଗରେ ନାଚି ଯାଉଛି, ଏବଂ ମା'ଙ୍କୁ ସେମାନେ ସହଭାଗୀ ହୋଇଥିବା ସେହିସବୁ ନୀରବ, ଦୈନନ୍ଦିନ ମୁହୂର୍ତ୍ତଗୁଡିକ ମନେପଡିଯାଉଛି।

# ଆଇପିଏଲରେ 'ହନିଟ୍ରାପ' ଭୟ, ଖେଳାଳିଙ୍କ ପାଇଁ କଡ଼ା ନିର୍ଦ୍ଦେଶ



**ନୂଆଦିଲ୍ଲୀ,୯।୫:** ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୬ ସିଜନର ରୋମାଞ୍ଚ ଜାରି ରହିଥିବା ବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସମସ୍ତ ଫ୍ରାଞ୍ଚାଇଜ୍ ପାଇଁ ଏକ ନୂତନ ତଥା ଅତ୍ୟନ୍ତ କଡ଼ା ସୁରକ୍ଷା ନିର୍ଦ୍ଦେଶନାମା ଜାରି କରିଛି। ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ସୁରକ୍ଷା ତଥା ଖେଳର ସାଧୁତାକୁ ବଜାୟ ରଖିବା ପାଇଁ ବୋର୍ଡ ହୋଟେଲରେ ଅତିଥି ଏବଂ ପରିଦର୍ଶକଙ୍କ ପ୍ରବେଶକୁ ନେଇ ନିୟମକୁ ଅଧିକ ଶକ୍ତ କରିଛି। ସଚିବ ଦେବଜିତ ସାଇକିଆ ଫ୍ରାଞ୍ଚାଇଜ ମାନଙ୍କୁ ପଠାଇଥିବା ଅଫିସିଆଲ୍ କମ୍ୟୁନିକେସନ୍‌ରେ ସ୍ପଷ୍ଟ କରିଛନ୍ତି ଯେ, କୌଣସି ବି ବାହାର ବ୍ୟକ୍ତି, ସେ ଖେଳାଳିଙ୍କ ଯେତେ ନିକଟତର ହୋଇଥାନ୍ତୁ ନା କାହିଁକି, ଟିମ୍ ମ୍ୟାନେଜରଙ୍କ ପୂର୍ବ ସୂଚନା ଏବଂ ଲିଖିତ ଅନୁମତି ବିନା ଖେଳାଳିଙ୍କ ହୋଟେଲ ରୁମ୍‌କୁ ଯାଇପାରିବେ ନାହିଁ। ପୂର୍ବରୁ କିଛି କ୍ଷେତ୍ରରେ ଦେଖାଯାଇଥିଲା ଯେ, ଖେଳାଳିମାନେ ମ୍ୟାନେଜରଙ୍କ ଅଗୋଚରରେ ବାହାର ଲୋକଙ୍କୁ ନିଜ ରୁମକୁ ଡାକୁଥିଲେ, ଯାହାକୁ ବୋର୍ଡ ଏବେ ସମ୍ପୂର୍ଣ୍ଣ ରୂପେ ପ୍ରତିବନ୍ଧିତ କରିଛି। ନୂଆ ଗାଇଡଲାଇନ୍ ଅନୁଯାୟୀ, ଖେଳାଳି କିମ୍ବା ଷ୍ଟାଫ୍‌ଙ୍କୁ ଦେଖା କରିବାକୁ ଆସୁଥିବା ଅତିଥିମାନେ କେବଳ ହୋଟେଲର ସାର୍ବଜନୀନ ସ୍ଥାନ ଯଥା- ଲବି କିମ୍ବା ରିସେପ୍ସନ ଲାଉଞ୍ଜରେ ହିଁ ସାକ୍ଷାତ କରିପାରିବେ। ଯଦି କୌଣସି ଅତିଥିଙ୍କୁ ବ୍ୟକ୍ତିଗତ ରୁମକୁ ନେବାକୁ ପଡିବ, ତେବେ ସେଥିପାଇଁ ଟିମ୍ ମ୍ୟାନେଜରଙ୍କ ଲିଖିତ ସ୍ୱୀକୃତି ବାଧ୍ୟତାମୂଳକ। ଏପରିକି ଅପରେସନ୍ ଟିମ୍ ସମୟରେ ହୋଟେଲରେ ଅଚାନକ ଯାଞ୍ଚ କରିବେ ଯେ ନିୟମ ପାଳନ ହେଉଛି କି ନାହିଁ। ଏହି କଡ଼ା ନିୟମ ପଛର ସବୁଠାରୁ ବଡ଼ କାରଣ ହେଉଛି 'ହନିଟ୍ରାପ୍' ଏବଂ ସୁରକ୍ଷା ବିପଦ।ନିଜ ଆଡଭାଇଜରିରେ ଚେତାବନୀ ଦେଇଛି ଯେ, ଆଇପିଏଲ ପରି ଏକ ହାଇ-ପ୍ରୋଫାଇଲ୍ ଟୁର୍ଣ୍ଣାମେଣ୍ଟରେ ଖେଳାଳିଙ୍କୁ ଟାର୍ଗେଟ୍ କରାଯିବାର ଆଶଙ୍କା ଥାଏ । ଅଜଣା ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିବା ଦ୍ୱାରା ଯୌନ ନିର୍ଯାତନା ପରି ଗମ୍ଭୀର ଆଇନଗତ ଅଭିଯୋଗ କିମ୍ବା ସାମାଜିକ ପ୍ରତିଷ୍ଠା ହାନି ହେବାର ଭୟ ରହିଛି । ଏହିପରି ବିବାଦରୁ ଖେଳାଳି ଏବଂ ଟିମ୍ର ଭାବମୂର୍ତ୍ତିକୁ ରକ୍ଷା କରିବା ପାଇଁ ବୋର୍ଡ ଏହି ପଦକ୍ଷେପ ନେଇଛି। ଟିମ୍ ମ୍ୟାନେଜରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ସମସ୍ତ ଅତିଥି ଏବଂ ହୋଟେଲ ମୁଭମେଣ୍ଟର ସଠିକ୍ ରେକର୍ଡ ରଖିବେ । କୌଣସି ବି ପ୍ରକାରର ଅବହେଳାକୁ ବରଦାସ୍ତ କରାଯିବ ନାହିଁ । ଆଇପିଏଲ ଚାହୁଁଛି ଯେ ଖେଳାଳିମାନେ କେବଳ ଖେଳ ଉପରେ ଧ୍ୟାନ ଦିଅନ୍ତୁ ଏବଂ କୌଣସି ବି ଅବାଞ୍ଛିତ ବିବାଦରେ ନ ଫସନ୍ତୁ । ଏହି ନୂତନ ନିୟମାବଳୀ ଦ୍ୱାରା ଖେଳାଳିଙ୍କ ବ୍ୟକ୍ତିଗତ ସୁରକ୍ଷା ସହ ଟୁର୍ଣ୍ଣାମେଣ୍ଟର ଶୃଙ୍ଖଳା ଆହୁରି ମଜବୁତ ହେବ ବୋଲି ଆଶା କରାଯାଉଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ